EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



Follow Us On @

www.ekamaatra.com

editor@ekamaatra.com

ekamaatra@gmail.com

advt@ekamaatra.com

ekamaatraodia

ekamaatranews




ଜନ୍ମବେଦିରୁ ରତ୍ନବେଦି : ବାହୁଡ଼ିଲେ କଳାଠାକୁର


ବର୍ଷ-୧ ସଂଖ୍ୟା-୨୫ ୦୩ - ୦୯ ଜୁଲାଇ, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-25 03rd-9th July, 2017 BHUBANESWAR ₹ 5/- (8 Pages)




ସ୍ମାର୍ଟସିଟି ଫୁଟ୍‌ପାଥରେ ଜୀବନଜୀବିକା...

## ଟିକସ ବ୍ୟବସ୍ଥାରେ ନୂଆ ଯୁଗର ଆରମ୍ଭ

# ବାସ୍ତବରୂପ ନେଲା ଜିଏସ୍‌ଟି

**ନୂଆଦିଲ୍ଲୀ :** ଗୋଟିଏ ଦେଶ- ଗୋଟିଏ ଟିକସ- ଗୋଟିଏ ମାର୍କେଟ୍ ପାଇଁ ପଥ ଉନ୍ମୁକ୍ତ କରିଛି ଜିଏସ୍‌ଟି । ଶୁକ୍ରବାର ମଧ୍ୟରାତ୍ରରୁ ସାରା ଦେଶରେ ଏକକ ଟିକସ ବ୍ୟବସ୍ଥା 'ଦ୍ରବ୍ୟ ଓ ସେବା ଟିକସ' ଲାଗୁ ହୋଇଛି । ସ୍ୱାଧୀନତା ପରେ ଟିକସ ସଂସ୍କାର କ୍ଷେତ୍ରରେ ଏହା ଏକ ବଡ ପଦକ୍ଷେପ ବୋଲି ଜଣାପଡିଛି । ସଂସଦର ଐତିହାସିକ ସେଣ୍ଟ୍ରାଲ ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଳିତ ଭାବେ ଜିଏସ୍‌ଟି ବ୍ୟବସ୍ଥାକୁ ଲଞ୍ଚ୍ କରିଛନ୍ତି । ପୂର୍ବରୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଏହି ସମାରୋହର ଶୁଭାରମ୍ଭ ହୋଇଥିଲା । ରାଷ୍ଟ୍ରପତି ଶ୍ରୀ ମୁଖାର୍ଜୀ, ଉପରାଷ୍ଟ୍ରପତି ମହମ୍ମଦ ହମିଦ୍ ଅନ୍‌ସାରୀ, ଲୋକସଭା ବାଚସ୍ପତି ସୁମିତ୍ରା ମହାଜନ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବେଗୌଡା ମଞ୍ଚାସୀନ ହେବା ପରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ପ୍ରାରମ୍ଭିକ ସୂଚନାରେ ଜିଏସ୍‌ଟିର ସକାରାତ୍ମକ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ଜେଟ୍‌ଲୀ କହିଥିଲେ, ଜିଏସ୍‌ଟି ଏକ ମହତ୍ତ୍ୱାକାଂକ୍ଷୀ ଟିକସ ସଂସ୍କାର ବ୍ୟବସ୍ଥା । ଏହା ଦ୍ୱାରା ଗୋଟିଏ ଦେଶରେ ଗୋଟିଏ ଟିକସ, ଗୋଟିଏ ମାର୍କେଟ୍ ସୃଷ୍ଟି ହୋଇପାରିବ । ଜିଏସ୍‌ଟି ପରିଷଦ ବୈଠକ ୧୮ ଥର ଅନୁଷ୍ଠିତ ହୋଇଥିଲେ ମଧ୍ୟ କେବେ ଭୋଟିଂର ଆବଶ୍ୟକତା ପଡ଼ିନାହିଁ । ➤ ପୃ-୬



### ଜିଏସ୍‌ଟି ବାହାରେ

ଚାଉଳ,ଗହମ, ଖାଦ୍ୟଶସ୍ୟ, ଦୁଗ୍ଧ, ଦହି, ମାଛ,ମାଂସ, ଚିକେନ୍,ଅଣ୍ଡା, ଫଳ, ପନିପରିବା,ମହୁ,ଗୁଡ଼, ଅଟା,ବେସନ, ବ୍ରେଡ୍, ଲୁଣ, ଷ୍ଟାମ୍ପ୍, କୋର୍ଟ ପେପର୍, ଚୁଡ଼ି,କୁଙ୍କୁମ, ବିନ୍ଦି, ପାପଡ଼, ଗର୍ଭନିରୋଧକ, ଛାପା ବହି, ଖବରକାଗଜ ଓ ହସ୍ତତନ୍ତ ସାମଗ୍ରୀ, ଜାଳେଣି କାଠ, ସ୍ୱାସ୍ଥ୍ୟ ଓ ଶିକ୍ଷା, ହୋଟେଲ୍, ଲଜ୍ ଭଡ଼ା ୧ହଜାର ଥିଲେ, ନନ୍ ଏସି ଟ୍ରେନ୍ ଯାତ୍ରା,ଲୋକାଲ୍ ଟ୍ରେନ୍, ମେଟ୍ରୋ ଟ୍ରେନ ଏବଂ ହଜ୍‌ଯାତ୍ରା ।

| ଶସ୍ତା ହେବ | ମହଙ୍ଗା ହେବ |
| --- | --- |
| ଦୁଇଚକିଆ ଯାନ, ବଡ଼ କାର,ଇଲେକ୍‌ଟ୍ରୋନିକ୍ ଟ୍ରାନ୍ସଫର୍ମର,ୟୁପିଏସ୍, ୱାକିଟକି, ଡାକ ଟିକେଟ୍, ରେଭିନ୍ୟୁ ଟିକେଟ୍, ଆଚାର, ସସ୍, ଲୁଣ, ପିଲାଙ୍କ ଛବି, ଡ୍ରଇଂ ବା କଲର ବୁକ୍, ତାସ୍, କ୍ୟାରମ୍, କଣ୍ଟାକ୍ଟ ଲେନ୍ସ, ଲୁହାପଥର, ଔଷଧ, ହାତ ତିଆରି ବାଦ୍ୟଯନ୍ତ୍ର ଓ ରେଡିମେଡ୍ ପୋଷାକ ଏବଂ ଟୁଥପେଷ୍ଟ । | ଶୀତତାପ ନିୟନ୍ତ୍ରିତ ରେଷ୍ଟୁରାଣ୍ଟ, ବ୍ୟାଙ୍କିଙ୍ଗ କାରବାର, ବୀମା, ମ୍ୟୁଚୁଆଲ୍ ଫଣ୍ଡ, ମୋବାଇଲ୍ ଫୋନ୍ ବିଲ୍, ଟ୍ୟୁସନ୍ ଫି', ସେଲୁନ୍, ୧୦୦୦ ଟଙ୍କାରୁ ଅଧିକ ମୂଲ୍ୟର ପୋଷାକ, ଫ୍ଲାଟ, ଦୋକାନ ଘର, ବଟର, ଟିଭି, ୫ଶହ ଟଙ୍କାରୁ ଅଧିକ ମୂଲ୍ୟର ଜୋତା, ସୁନା, କର୍ଣ୍ଣଫ୍ଲେକ୍ସ, ଜାମ୍, ହାତ ଘଣ୍ଟା, ଶିଶୁ ଖାଦ୍ୟ, ଛୋଟ ଓ ମଧ୍ୟମ ଧରଣ କାର୍, ସିଗାରେଟ୍, ୧୦୦ ଟଙ୍କାରୁ ଅଧିକ ମୂଲ୍ୟର ସିନେମା ଟିକେଟ୍, ଚା ଓ କଫି । |

**୫% :** ଚିନି, ଚା', କଫି, ଖାଇବା ତେଲ,ମିଠେଇ,ପିଜା,ବ୍ରେଡ୍,ଦୁଗ୍ଧ ଗୁଣ୍ଡ, ଜୀବନ ରକ୍ଷାକାରୀ ଡ୍ରଗ୍‌ସ, ବାୟୋ ଗ୍ୟାସ୍ ପ୍ଲାଣ୍ଟ,ପବନ କଳ, କୋଇଲା, କିରାସିନି ଲଣ୍ଠନ...

**୧୨% :** ଛତା, ଆୟୁର୍ବେଦିକ୍ ଓ ହୋମିଓପ୍ୟାଥିକ୍ ଔଷଧ, ଅଗରବତି, ବିଦ୍ୟୁତ୍‌ଚାଳିତ ଯାନ, ମୋବାଇଲ୍ ଫୋନ୍, ଶୀତଳିକୃତ ମାଂସ, ଟୁଥ୍ ପାଉଡର୍ ...

**୧୮% :** କେଶ ତୈଳ, ସାବୁନ୍, ଟୁଥପେଷ୍ଟ, ପାଟ୍ରିଜ୍, କେକ୍, ପାସ୍ତା, ଆଇସ୍‌କ୍ରିମ୍,ସୁପ୍, ଇନଷ୍ଟାଣ୍ଟ ଫୁଡ୍ ମିକ୍ସ, ଗୁଆ, ଭିନେଗାର୍, ସର୍ବତ, କନଡେନ୍ସଡ୍ ମିଲ୍‌କ ...

**୨୮% :** ଅଟୋମୋବାଇଲସ୍, ଟବାକୋ,ପାନମସଲା, ଗୁଟଖା, ସିଗାରେଟ୍, ସିଗାର୍, ମୃଦୁପାନୀୟ,ଲେମୋନେଡ୍, ଚୁଇଂଗମ୍, ଚକୋଲେଟ୍ ...

## ଉପରାଷ୍ଟ୍ରପତି ନିର୍ବାଚନ ଅଗଷ୍ଟ ୫ରେ

**ନୂଆଦିଲ୍ଲୀ :** ରାଷ୍ଟ୍ରପତି ନିର୍ବାଚନକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ନିର୍ବାଚନ କମିଶନ ତାରିଖ ଘୋଷଣା କରିଛନ୍ତି । ଆସନ୍ତା ଅଗଷ୍ଟ ୫ ତାରିଖରେ ଦେଶର ଉପରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନର ନସିମ୍ ଜୈଦୀ ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ଉପରାଷ୍ଟ୍ରପତି ନିର୍ବାଚନ ➤ ପୃ-୬

### ପରିବେଶ ମଞ୍ଜୁରୀ ନେଇ କେନ୍ଦ୍ରର ଆପତ୍ତି

## ଜେଏସ୍‌ଡବ୍ଲ୍ୟୁର ଚିନ୍ତା ବଢ଼ାଇଲା ପୋସ୍କୋ ଜମି

**ଭୁବନେଶ୍ୱର :** ଜଗତସିଂହପୁର ଜିଲ୍ଲାରେ ପ୍ରସ୍ତାବିତ ପୋସ୍କୋ ପ୍ରକଳ୍ପରେ ତାଲା ଲାଗିବା ପରେ ସମ୍ପୃକ୍ତ ଜମିକୁ ଜେଏସ୍‌ଡବ୍ଲ୍ୟୁକୁ ଦେବା ପାଇଁ ଇଡ୍‌କୋ ପ୍ରସ୍ତାବ ଦେଇଛି । ଇଡ୍‌କୋ ରାଜ୍ୟ ସରକାରଙ୍କୁ ଦେଇଥିବା ପ୍ରସ୍ତାବରେ ଏଠାରେ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଇସ୍ପାତ ପ୍ରକଳ୍ପ କରାଯିବା ସମ୍ବନ୍ଧରେ ଲେଖାଯାଇଥିଲା । ଓଡ଼ିଶା ସରକାର ଏଥିନେଇ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟକୁ ଜଣାଇଥିଲେ । ପରିବେଶ ମଞ୍ଜୁରୀ ନମିଳିଲେ ପୋସ୍କୋ ଜମିରେ ଜିନ୍ଦଲର ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ସମ୍ଭବ ନୁହେଁ । ହେଲେ ପ୍ରାଥମିକ ଭାବେ କେନ୍ଦ୍ର ସରକାର ଜେଏସ୍‌ଡବ୍ଲ୍ୟୁ ପରିବେଶ ମଞ୍ଜୁରୀ ଦେବାକୁ ମନା କରିଦେଇଛନ୍ତି । ସ୍ପଷ୍ଟ ଭାବରେ କେନ୍ଦ୍ର ସରକାର ଉଲ୍ଲେଖ କରିଛନ୍ତି ଯେ ଯେଉଁ ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏହି ଜମିକୁ ରଖିଛନ୍ତି ସେଥିରେ ଏଭଳି ପ୍ରକଳ୍ପ ପାଇଁ ପରିବେଶ ମଞ୍ଜୁରୀ ମିଳିବ ନାହିଁ ।

ସୂଚନାଯୋଗ୍ୟ ଯେ ପୋସ୍କୋ ପ୍ରକଳ୍ପ ଚାଲିଯିବା ପରେ ସମ୍ପୃକ୍ତ ଜମିକୁ ଜିନ୍ଦଲ ଷ୍ଟିଲ ୱାର୍କ୍ସ (ଜେଏସ୍‌ଡବ୍ଲ୍ୟୁ)କୁ ଇସ୍ପାତ ଶିଳ୍ପ କରିବା ପାଇଁ ଦେବା ନିମନ୍ତେ ➤ ପୃ-୬

## ଚୀନ୍‌କୁ ଭାରତର କଡ଼ା ଜବାବ



**ନୂଆଦିଲ୍ଲୀ :** ଗତ ଶୁକ୍ରବାର ଭାରତୀୟ ସେନା ଇତିହାସକୁ ଶିକ୍ଷା ଲାଭ କରୁ ବୋଲି ଚୀନ୍ କହିଥିଲା ବେଳେ ପ୍ରତିରକ୍ଷା ମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏହାର କଡ଼ା ଜବାବ ଦେଇଛନ୍ତି । ସେ କହିଛନ୍ତି ୨୦୧୭ ଭାରତ ଏବଂ ୧୯୬୨ର ଭାରତ ଭିତରେ ଆକାଶ ପାତାଳ ଫରକ । କିନ୍ତୁ ଦୁଇଦେଶ ମଧ୍ୟରେ ସୀମା ବିବାଦ ଏବେ ଗୁରୁତର ରୂପ ନେବାକୁ ବସିଛି । ସିକିମ୍ ସେକ୍ଟରର ଡୋଙ୍ଗଲଙ୍ଗରେ ଭାରତୀୟ ସେନା ଚୀନ ଅଞ୍ଚଳକୁ ପ୍ରବେଶ କରିଥିବା ପିଏଲଏ ମୁଖପାତ୍ର ଦର୍ଶାଇବା ସହ ଖୁବ୍‌ଶୀଘ୍ର ଏହି ଅଞ୍ଚଳରୁ ହଟିଯିବାକୁ ପରାମର୍ଶ ଦେଇଥିଲେ । ଯାହାକୁ ନେଇ ସୀମାରେ ଉତ୍ତେଜନା ।

### ସୀମାରେ ଉତ୍ତେଜନା

ସୂଚନାଯୋଗ୍ୟ, ସିକିମ୍‌ର ଡୋକା ଲା ସୀମାରେ ଭାରତ ଓ ଚୀନ୍ ସେନା ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଭାରତର ସେନାମୁଖ୍ୟ ବିପିନ ରାୱତ ସିକିମ୍ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିବା ବେଳେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଅନ୍ୟପଟେ ଭାରତୀୟ ସେନା ଚୀନ୍ ସୀମାରେଖାରେ ଅନୁପ୍ରବେଶ କରିଥିବା ଅଭିଯୋଗ କରିଛି ଚୀନ୍ । ଏ ନେଇ ଚୀନ୍ ଭାରତକୁ ➤ ପୃ-୬

## କଲମା : ସିଡବ୍ଲ୍ୟୁସିକୁ ଚିଠି ଲେଖିଲେ ରାଜ୍ୟ ସରକାର



**ଭୁବନେଶ୍ୱର :** କଲ୍‌ମା ବ୍ୟାରେଜ୍‌ରୁ ପାଣି ଛଡ଼ାଯିବାକୁ ନେଇ ଆପତ୍ତି ଉଠାଇଛନ୍ତି ରାଜ୍ୟ ସରକାର । ରାଜ୍ୟକୁ ନଜଣାଇ ବ୍ୟାରେଜର ୪୬ଟି ଗେଟ୍‌ରୁ ପାଣି ଛଡ଼ାଯିବା ନେଇ ଜଳସମ୍ପଦ ବିଭାଗ କେନ୍ଦ୍ରୀୟ ଜଳ ଆୟୋଗ ଏବଂ ଛତିଶଗଡ଼ ସରକାରଙ୍କୁ ଚିଠି ଲେଖିଛି । ଓଡ଼ିଶା ସହିତ ମିଶି କାମ କରିବା ଏବଂ ବିଭିନ୍ନ ଡ୍ୟାମ୍‌ରୁ ପାଣି ଛାଡ଼ିବା ପୂର୍ବରୁ ସୂଚନା ଦେବାକୁ କେନ୍ଦ୍ର ଜଳଆୟୋଗ ଛତିଶଗଡ଼ ସରକାରଙ୍କୁ କୁହନ୍ତୁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି । ମେ' ୨୨ରେ ବନ୍ୟା ପରିଚାଳନା ନେଇ ଆନ୍ତଃରାଜ୍ୟ ସମନ୍ୱୟ ସବ୍‌କମିଟିର ବୈଠକ ବସିଥିଲା । ଏଥିରେ ଓଡ଼ିଶା, ଛତିଶଗଡ଼ ଏବଂ ସିଡବ୍ଲ୍ୟୁସିର ସଦସ୍ୟମାନେ ଯୋଗ ଦେଇଥିଲେ । ବିଭିନ୍ନ ଡ୍ୟାମ୍‌ରେ କେତେ ପାଣି ପ୍ରବେଶ କରୁଛି ଓ କେତେ ପାଣି ଛଡ଼ାଯାଉଛି ସେନେଇ ତଥ୍ୟ ଆଦାନ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ଛତିଶଗଡ଼ ସରକାର ଡ୍ୟାମ୍‌ରୁ କେତେ ପାଣି ଛାଡୁଛନ୍ତି ସେନେଇ ଓଡ଼ିଶାକୁ ଆଗୁଆ ସୂଚନା ଦେଇନଥିବାରୁ ଚିଠିରେ ଉଦବେଗ ପ୍ରକାଶ କରାଯାଇଛି । ଏହା ଫଳରେ ଓଡ଼ିଶା ସରକାରଙ୍କ ବନ୍ୟା ଜଳ ପରିଚାଳନା ନେଇ ଚିନ୍ତା ବଢ଼ିଯାଇଛି ବୋଲି ଚିଠିରେ କୁହାଯାଇଛି । ➤ ପୃ-୬

### ବିଏମ୍‌ସି କାଉନସିଲ୍ ବୈଠକ ନିଷ୍ପତ୍ତି

## ଜୋରଦାର ହେବ ଜବରଦଖଲ ଉଚ୍ଛେଦ

**ଭୁବନେଶ୍ୱର :** ସର୍ବସାଧାରଣ ସ୍ଥାନକୁ ହଡପ କରୁଥିବା ଜବରଦଖଲକାରୀଙ୍କୁ ଚେତାବନୀ ଦେଇଛି ବିଏମ୍‌ସି । ଯେଉଁମାନେ ରାଜଧାନୀର ବିଭିନ୍ନ ସ୍ଥାନରେ ଲୋକଙ୍କ ପାଇଁ ଅଡୁଆ ସୃଷ୍ଟି କରି ରାସ୍ତାଘାଟକୁ ନିଜ କବ୍‌ଜାରେ ରଖିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଏମ୍‌ସି କାଉନସିଲ୍ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ବିଏମ୍‌ସିର ତିନିଜଣ ଜୋନ୍ ଅଧିକାରୀଙ୍କୁ ତାଲିକା ପ୍ରସ୍ତୁତ କରିବା ନିମନ୍ତେ କଡା ନିର୍ଦ୍ଦେଶ ଦେଇଛନ୍ତି ମେୟର ଅନନ୍ତ ନାରାୟଣ ଜେନା ।

ଏହି ବୈଠକରେ ରାଜଧାନୀର ପ୍ରମୁଖ ମାର୍କେଟ ବାପୁଜୀନଗରରେ ପାର୍କିଂ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ଅଞ୍ଚଳରେ ଥିବା କଞ୍ଜରଭେନ୍ସି ଜାଗାକୁ ବ୍ୟବହାର କରାଯିବା ନିମନ୍ତେ ମିଳିଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ଏହି ଆଧାରରେ ସେ ସମସ୍ତ ଅଞ୍ଚଳକୁ ସଫା ➤ ପୃ-୬

## ଘଣ୍ଟାଏ ବର୍ଷାରେ ସ୍ମାର୍ଟସିଟି ଅସମ୍ଭାଳ

### ପଦାରେ ପଡ଼ିଲା ଅପାରଗତା

**ଭୁବନେଶ୍ୱର :** ଶୁକ୍ରବାର ମୌସୁମୀ ବର୍ଷା ରାଜଧାନୀ ରାଜରାସ୍ତାକୁ ବେହାଲ କରିଦେଇଛି । ଏସିଆନ୍ ଆଥଲେଟିକ୍ସ ଚାମ୍ପିୟନସିପ୍ ପୂର୍ବରୁ ସହରର ବହୁ ଅଞ୍ଚଳ ଜଳମଗ୍ନ ହେବା ନିଶ୍ଚୟ ସରକାରୀ ପ୍ରସ୍ତୁତିର ଅସଲ ଚେହେରାକୁ ପଦାରେ ପକାଇ ଦେଇଛି । ଗତ ଏପ୍ରିଲ ମାସରୁ ୨୨ତମ ଏସିଆନ୍ ଆଥଲେଟିକ୍ସ ପ୍ରତିଯୋଗିତା ପାଇଁ ରାଜ୍ୟ ସରକାର ରାଜି ହେବା ପରେ ଭୁବନେଶ୍ୱରକୁ ନୂଆକରି ସଜାଇବା କାମ ଆରମ୍ଭ ହୋଇଥିଲା । ୫ ତାରିଖରୁ ଏହି ପ୍ରତିଯୋଗିତା ଆରମ୍ଭ ହେବାକୁ ଥିବାବେଳେ ଏବେ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି । ହେଲେ ଗ୍ରୀଷ୍ମଋତୁରେ କାମ ନ ସାରି ଲଗାଣବର୍ଷା ବେଳେ ଏଭଳି କାମ ବିଏମ୍‌ସିର ଅପାରଗତାକୁ ପଦାରେ ପକାଇଛି । ୪୫ଟି ଦେଶର ଖେଳାଳି, କୋଚ୍ ଓ କ୍ରୀଡ଼ାପ୍ରେମୀଙ୍କ ଭିଡ଼ି ଲାଗିବ ଏଠାରେ । ଯେଉଁ ଅଞ୍ଚଳରେ ଖେଳାଳିମାନେ ରହିବେ ବା ଚଳଚଞ୍ଚଳ ହେବେ, ସେ ସମସ୍ତ ଅଞ୍ଚଳରେ ଏହି ବର୍ଷାଜଳ ଉବୁଟୁବୁ ହେଉଥିବା ପରିଲକ୍ଷିତ ହେଲାଣି । ଜୟଦେବ ବିହାର, ଆଚାର୍ଯ୍ୟବିହାର ଓ ରାମମନ୍ଦିର ଭଳି ଚନ୍ଦ୍ରଶେଖରପୁର ଅଞ୍ଚଳ ମଧ୍ୟ ଘଣ୍ଟାଏ ବର୍ଷାରେ ଅସମ୍ଭାଳ ହୋଇପଡୁଛି । ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥାର ସୁପରିଚାଳନା ନ ହେବା ଏହାର ପ୍ରମୁଖ କାରଣ ବୋଲି ଜଣପଡ଼େ । ବର୍ଷାଦିନ ପୂର୍ବରୁ ବିଏମ୍‌ସି ପକ୍ଷରୁ ରାଜଧାନୀର ସମସସ୍ତ ୱାର୍ଡର ନାଳନର୍ଦ୍ଦମା ସଫେଇ କାମ ଆରମ୍ଭ ହୋଇଥିଲେ ଅଦ୍ୟାବଧି ସରି ନ ଥିବାରୁ ଏଭଳି ସମସ୍ୟାମାନ ଉପୁଜିଥିବା ସାମ୍ନାକୁ ଆସିଛି । ➤ ପୃ-୬



### ନବୀନଙ୍କୁ ଫେରାଦ ହେଲେ ବିଧାୟକ

## ୧୨% ପିସି ନେଉଛନ୍ତି ବିଡିଓ

**ଭୁବନେଶ୍ୱର :** ପିସି ବନ୍ଦ ନେଇ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ପରେ ଧୀରେ ଧୀରେ ପିସି ଗୁମର ଖୋଲିବା ଆରମ୍ଭ ହେଲାଣି । ପାଇକମାଳ ବ୍ଲକ୍‌ରେ ୧୨% ପିସି ନିଆଯାଉଛି । ନିଜେ ବିଡିଓ ଏହା ମାନିଛନ୍ତି । ସେହିପରି ଅନ୍ୟାନ୍ୟ ସ୍ଥାନରେ ୪୦% ପର୍ଯ୍ୟନ୍ତ ପିସି କଟାଯାଉଛି ଓ ଅଧିକାରୀମାନଙ୍କ ମଧ୍ୟରେ ବଣ୍ଟାଯାଉଛି । ଜିଲ୍ଲାପାଳ ସମ୍ମିଳନୀରେ ପିସି ବନ୍ଦ କରିବା ନେଇ ନିର୍ଦ୍ଦେଶ ସତ୍ତ୍ୱେ ଏବେ ବି ପିସି ଚାଲୁଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି ପଦ୍ମପୁର ବିଜେପି ବିଧାୟକ ପ୍ରଦୀପ ପୁରୋହିତ । ଶ୍ରୀ ପୁରୋହିତ କହିଛନ୍ତି ବ୍ଲକ୍‌ମାନଙ୍କରେ ପିସି ଚାଲୁଥିବା ମୁଖ୍ୟମନ୍ତ୍ରୀ ସ୍ୱୀକାର କରିବା ସହ ଏହାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସରକାରୀ ଅଧିକାରୀମାନେ ପିସି ନେବା ବନ୍ଦ କରିନାହାନ୍ତି । ପାଇକମାଳ ବିଡିଓ ତାଙ୍କ ବ୍ଲକ୍‌ରେ ୧୨% ପିସି ନେଉଥିବା ମାନିଛନ୍ତି । ଏ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ➤ ପୃ-୬










## ମେଣ୍ଢାମଡ଼କ ଘଟଣା ସସ୍‌ପେନ୍ସ ଜାରି



**ଭୁବନେଶ୍ୱର :** ନିଆଳି ମେଣ୍ଢାମଡ଼କ ରୋକିବା ପାଇଁ ପ୍ରଶାସନ ଗତ ୧୫ ଦିନ ହେବ ନାକେଦମ ହେଲାରି । ଜନ୍ତୁକୁ ଧରିବାକୁ ଯେତେ ଫିକର କରାଯାଉଛି, ସବୁ ଫେଲ୍ ମାରୁଛି । ପ୍ରାୟ ପ୍ରତି ରାତିରେ ମେଣ୍ଢାମୃତ୍ୟୁ ଘଟୁଛି, ରହସ୍ୟଜନକ ଭାବରେ । ଗତ ଦୁଇମାସ ହେଲା ନିଆଳି ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ମେଣ୍ଢା ମୃତ୍ୟୁବରଣ କରିସାରିଲେଣି । ➤ ପୃ-୬

# ଇଣ୍ଡୋ-ୟୁଏସ୍ ଅର୍ଥନୈତିକ ସମ୍ପର୍କ ସୁଦୃଢ଼ ହେବ

## ପ୍ରାକୃତିକ ବାଷ୍ପ କ୍ଷେତ୍ରରେ ସହଯୋଗିତା

**ୱାଶିଂଟନ :** ବିଶ୍ୱର ଦୁଇ ପ୍ରମୁଖ ଅର୍ଥନୀତି ଭାବେ ଜଣା ଭାରତ ଏବଂ ଆମେରିକା ପାରସ୍ପରିକ ମତଭେଦ ଦୂର କରି ଅର୍ଥନୈତିକ ସମ୍ପର୍କକୁ ସୁଦୃଢ଼ କରିବେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା ବୈଠକରେ ଏହା ଉପରେ ଗୁରୁତ୍ୱାରୋପ କରାଯାଇଛି। ଅର୍ଥନୈତିକ ଦୃଷ୍ଟିକୋଣରୁ ଉଭୟଙ୍କ ମଧ୍ୟରେ ଫଳପ୍ରଦ ଆଲୋଚନା ହୋଇଛି। ଉଭୟ ରାଷ୍ଟ୍ରରେ ହେଉଥିବା ଅର୍ଥନୈତିକ ପରିବର୍ତ୍ତନ ଯୋଗୁ ନୂତନ ଚାହିଦା ସୃଷ୍ଟି ହେଉଛି। ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଥରେ ଉଚ୍ଚସ୍ତରୀୟ ସମ୍ପର୍କ ସୃଷ୍ଟି ହୋଇଗଲେ ଅନ୍ୟ ରାଷ୍ଟ୍ରଗୁଡିକ ଏହି ଚାହିଦା ପୂରଣ କରିବା ପାଇଁ ଆଗେଇ ଆସିବେ ବୋଲି ଭାରତର ବୈଦେଶିକ ସଚିବ ଏସ୍.ଜୟଶଙ୍କର ପ୍ରକାଶ କରିଛନ୍ତି। ହ୍ୱାଇଟ୍ ହାଉସରେ ମୋଦି ଏବଂ ଟ୍ରମ୍ପଙ୍କ ମଧ୍ୟରେ ପ୍ରଥମ ବୈଠକ ପରେ ଖବରଦାତାମାଙ୍କୁ ଉଦ୍‌ବୋଧନ ଦେଇ ଜୟଶଙ୍କର ଏହା କହିଥିଲେ। ଉଭୟ ରାଷ୍ଟ୍ର ମଧ୍ୟରେ ବେସାମରିକ ବିମାନ ଚଳାଚଳ ଏବଂ ପ୍ରାକୃତିକ ବାଷ୍ପ କ୍ଷେତ୍ରରେ ସହଯୋଗିତା ସ୍ଥାପନ କରାଯାଇପାରିବ। ଆସନ୍ତା ବର୍ଷରୁ ଆମେରିକାରୁ ଭାରତକୁ ଲିକ୍ୱିଫାଏଡ୍ ନାଚୁରାଲ ଗ୍ୟାସ୍ (ଏଲ୍‌ଏନ୍‌ଜି) ଆସିବ ବୋଲି ସେ ସୂଚନା ଦେଇଛନ୍ତି। ଆସନ୍ତା କିଛିବର୍ଷ ମଧ୍ୟରେ ଇଣ୍ଡୋ-ୟୁଏସ୍ ଏଲ୍‌ଏନ୍‌ଜି ବାଣିଜ୍ୟ ୪୦ ବିଲିୟନ ଡଲାର ଛୁଇଁବା ନେଇ ଆଶା କରାଯାଉଥିବା ସେ କହିଛନ୍ତି। ବାଣିଜ୍ୟ, କାରବାର, ବଜାର ପହଞ୍ଚ, ଆଇନ୍‌ଗତ ସମସ୍ୟା ଏବଂ ଅନ୍ୟାନ୍ୟ ବାଧକଗୁଡିକ ଉପରେ ଦୁଇ ରାଷ୍ଟ୍ରର ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ମୁକ୍ତ ଏବଂ ସ୍ୱଚ୍ଛ ବାଣିଜ୍ୟ ଉପରେ ଉଭୟ ଗୁରୁତ୍ୱାରୋପ କରିଥିଲେ। ଏଚ୍-୧ବି ଭିସା ସଂକ୍ରାନ୍ତ ସମସ୍ୟା ଉପରେ ଏକ ପ୍ରଶ୍ନର ଉତ୍ତର ଦେଇ ଜୟଶଙ୍କର କହିଛନ୍ତି ଯେ ଅଭିନବୀକରଣ ଏବଂ ଡିଜିଟାଲ ସହଯୋଗିତା ଉପରେ ଆଲୋଚନା ହୋଇଛି। ଏଚ୍-୧ବି ଭିସା ପ୍ରସଙ୍ଗରେ ବିଜ୍‌ନେସ୍ ଲିଡର ଏବଂ ଦୁଇ ରାଷ୍ଟ୍ରନେତା ଡିଜିଟାଲ ସହଯୋଗିତା ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ସମ୍ପର୍କକୁ ସୁଦୃଢ଼ କରିବାରେ ଭାରତୀୟ-ଆମେରିକୀୟ ସମାଜ ପ୍ରମୁଖ ଭୂମିକା



ଗ୍ରହଣ କରିଛନ୍ତି। ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ପକ୍ଷରୁ ପ୍ରକାଶିତ ଯୁଗ୍ମ ବିବୃତିରେ ମୋଦି ଏବଂ ଟ୍ରମ୍ପ୍ ପ୍ରକାଶ କରିଛନ୍ତି ଯେ, ବିଶ୍ୱ ଅର୍ଥନୀତିରେ ଏହି ଦୁଇ ପ୍ରମୁଖ ଇଞ୍ଜିନ୍ ଅର୍ଥନୈତିକ ସହଯୋଗିତାକୁ ଅଧିକ ବଳବତ୍ତର କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହାଦ୍ୱାରା ଉଭୟ ରାଷ୍ଟ୍ର ଶକ୍ତିଶାଳୀ ହେବା ସହ ଏହାର ନାଗରିକମାନଙ୍କ ଜୀବନ ଅଧିକ ସମୃଦ୍ଧ ହେବ। ଦୁଇ ରାଷ୍ଟ୍ରରେ କାର୍ଯ୍ୟକାରୀ କରାଯାଇଥିବା ଅର୍ଥନୈତିକ ତଥା ଟିକସ ସଂସ୍କାର ଉଭୟ ରାଷ୍ଟ୍ର ପାଇଁ ବିପୁଳ ମାତ୍ରାରେ ସୁଯୋଗ ସୃଷ୍ଟି କରିବ। ତେବେ ଯୁଗ୍ମ ବିବୃତିରେ ଉଭୟ ରାଷ୍ଟ୍ର ପାରସ୍ପରିକ ବାଣିଜ୍ୟିକ ସମ୍ପର୍କକୁ ଆହୁରି ସମ୍ପ୍ରସାରଣ ତଥା ସନ୍ତୁଳିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଅଭିବୃଦ୍ଧି ଏବଂ ନିଯୁକ୍ତି କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରୁଥିବା ବାଧକକୁ ହଟାଇବା ଉପରେ ଉଭୟ ଜୋର ଦେଇଛନ୍ତି। ଉଭୟ ରାଷ୍ଟ୍ର ମଧ୍ୟରେ ବାଣିଜ୍ୟିକ ସମ୍ପର୍କକୁ ନେଇ ସାମଗ୍ରିକ ସମୀକ୍ଷା କରିବା ପାଇଁ ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଯୋଜନା କରୁଛନ୍ତି।

## କେମିତି କଟିବ ଏ ସପ୍ତାହ

ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ତେଣୁ ଜଗିରଖି ବାଟ ନ ଚାଲିଲେ ବିପଦ ପଡିବାର ଆଶଙ୍କା ରହିଛି। ଗୃହିଣୀମାନେ ଗୃହ କାର୍ଯ୍ୟରେ ବ୍ୟସ୍ତ ରହିବେ।

ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଛାତ୍ରଛାତ୍ରୀମାନେ ପାଠ ପଢ଼ାରେ ମନ ଦେବେ।

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ମୋଟାମୋଟି ସପ୍ତାହଟି ଭଲରେ କଟିବ।

ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।

ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ଏଣୁ ଏ ସପ୍ତାହ ଭଲରେ ବିତିବ।

ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।

ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।

ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ସୁଖମୟ ହେବାର ଜଣାପଡେ।

ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ତେଣୁ ଜଗିରଖି ଚଳିବାକୁ ହେବ।

ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି। ଦୂର ଯାତ୍ରା କରିପାରିବେ।

ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ବ୍ରିଟେନ୍ ରାଣୀଙ୍କ ଦରମା ୭୮% ବଢ଼ିଲା



**ଲଣ୍ଡନ :** ରାଜ୍ୟଗୋଷ୍ଠୀ ମୁଖ୍ୟ ତଥା ବ୍ରିଟେନ୍ ରାଣୀ ଏଲିଜାବେଥ୍-୨ଙ୍କ ଦରମା ୭୮ ପ୍ରତିଶତ ବୃଦ୍ଧି କରାଯାଇଛି। ଏଣିକି ସେ ୯୭ ମିଲିୟନ ଡଲାର ବା ୭୬.୧ ମିଲିୟନ ପାଉଣ୍ଡ ଦରମା ପାଇବେ। ୨୦୧୬ରୁ ରାଣୀଙ୍କ ଦରମା ୪୨.୮ ମିଲିୟନ ପାଉଣ୍ଡ ବା ୫୪.୬ ମିଲିୟନ ଡଲାର ଥିଲା। ଏହି ଦରମା ସମ୍ପୂର୍ଣ୍ଣ ଟିକସରହିତ ହୋଇଥିବାରୁ ବକିଂହାମ୍ ପ୍ରାସାଦର ରକ୍ଷଣାବେକ୍ଷଣ ଦିଗରେ ସେ ଅଧିକ ଖର୍ଚ୍ଚ କରିପାରିବେ ବୋଲି ଆଶା କରାଯାଉଛି।

# ବିକ୍ରିହେବ ଏୟାର ଇଣ୍ଡିଆ ଅଂଶ

**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ଏୟାର ଇଣ୍ଡିଆରୁ ପୁଞ୍ଜି ପ୍ରତ୍ୟାହାର କରିବେ। କେନ୍ଦ୍ର କ୍ୟାବିନେଟ ବୈଠକରେ ଏ ନେଇ ନୀତିଗତ ନିଷ୍ପତ୍ତି ନିଆଯାଇଛି। ତେବେ କେତେ ପରିମାଣର ଅଂଶଧନ ବିକ୍ରି ହେବ ସ୍ଥିର କରିବା ପାଇଁ ମନ୍ତ୍ରୀସ୍ତରୀୟ ଗୋଷ୍ଠୀ ଗଠନ କରାଯାଇଛି। ଏୟାର ଇଣ୍ଡିଆ ଉପରେ ସମ୍ପ୍ରତି ୫୨ ହଜାର କୋଟି ଟଙ୍କାର ଆର୍ଥିକ ବୋଝ ରହିଥିବାରୁ ଏହାକୁ ସମ୍ପୂର୍ଣ୍ଣ ରୂପେ ଘରୋଇକରଣ କରିବାକୁ 'ନୀତି ଆୟୋଗ' ସରକାରଙ୍କୁ ସୁପାରିଶ କରିଥିଲା। ତେବେ କେନ୍ଦ୍ର ସରକାର ଏହାକୁ ସମ୍ପୂର୍ଣ୍ଣ ଘରୋଇକରଣ ନ କରି ଏଥିରୁ କିଛି ଅଂଶଧନ ବିକ୍ରି କରିବାକୁ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷରେ ନବରନ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ (ନାଲକୋ)ରୁ କୌଣସି ପୁଞ୍ଜି ପ୍ରତ୍ୟାହାର କରାଯିବ ନାହିଁ। ଏ ନେଇ ସରକାର ବୁଧବାର ସ୍ପଷ୍ଟ କରିଛନ୍ତି। ନାଲ୍‌କୋ ଏକ ଲାଭଜନକ ସଂସ୍ଥା ହୋଇଥିବାରୁ ଏଥିରୁ ଅଂଶଧନ ପ୍ରତ୍ୟାହାର କରିବା ନେଇ କୌଣସି ପ୍ରସ୍ତାବ ନାହିଁ ବୋଲି କେନ୍ଦ୍ର ସରକାର କହିଛନ୍ତି; ବରଂ ନାଲ୍‌କୋ ଦାମନଯୋଡ଼ିସ୍ଥିତ ଶାଖାର ଉତ୍ପାଦନକୁ ବିସ୍ତାର କରାଯିବ। ଏୟାରଇଣ୍ଡିଆ ବିନିବେଶ ପ୍ରସଙ୍ଗରେ ମତ ରଖି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଲେ, ସରକାରଙ୍କ ନିୟନ୍ତ୍ରଣରେ ଥିବା ସ୍ୱାଧୀନ ସଂସ୍ଥାଗୁଡ଼ିକ ଘରୋଇକରଣଆଡ଼କୁ ଗତି କରୁଛନ୍ତି। ଏ ନେଇ ସରକାର କେତେକ ପିଏସ୍‌ୟୁ ଚିହ୍ନଟ କରିଛନ୍ତି। ପୁଞ୍ଜି ପ୍ରତ୍ୟାହାର ପ୍ରକ୍ରିୟାର ବ୍ୟବସ୍ଥା ଉପରେ ନିଷ୍ପତ୍ତି ଗ୍ରହଣ କରିବା ଲାଗି ଅର୍ଥମନ୍ତ୍ରୀଙ୍କ

### ପୁଞ୍ଜି ପ୍ରତ୍ୟାହାର ପ୍ରସଙ୍ଗ

ଅଧ୍ୟକ୍ଷତାରେ ଏକ ଗୋଷ୍ଠୀ ଗଠନ କରିବା ଲାଗି ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ୨୦୧୨ରୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସରକାର ଏୟାର ଇଣ୍ଡିଆ ଲାଗି ୧୦ ବର୍ଷ ପାଇଁ ୩୦,୦୦୦ କୋଟି ଟଙ୍କାର ଏକ ପୁନରୁଦ୍ଧାର ପ୍ୟାକେଜ୍ ଘୋଷଣା କରିଥିଲେ। କମ୍ପାନୀର ଆର୍ଥିକ ସ୍ଥିତିରେ ସୁଧାର ଆଣିବା ଲାଗି ସରକାର ଏୟାର ଇଣ୍ଡିଆକୁ ଏହି ପୁନରୁଦ୍ଧାର ପ୍ୟାକେଜ୍ ପ୍ରଦାନ କରିଥିଲେ। ୨୦୧୫-୧୬ରେ ଏୟାର ଇଣ୍ଡିଆ ୧୦୫ କୋଟି ଟଙ୍କାର ଆର୍ଥିକ କ୍ଷତି ସହିଥିଲା।

ଅପରପକ୍ଷରେ ବିଶ୍ୱସ୍ତରରେ ନାଲ୍‌କୋକୁ ଆଲୁମିନିୟମ୍ ଉତ୍ପାଦନ କ୍ଷେତ୍ରରେ ଅଧିକ ଦକ୍ଷ ଓ ଉତ୍ପାଦନକ୍ଷମ କରିବା ପାଇଁ ପ୍ରୟାସ ଚାଲିଛି। ଖଣି ମନ୍ତ୍ରଣାଳୟରୁ ମିଳିଥିବା ସୂଚନା ଅନୁସାରେ ନାଲ୍‌କୋର ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ଲାଗି ସରକାର ୫୫୪୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହି ତୃତୀୟ ପର୍ଯ୍ୟାୟରେ ଦାମନଯୋଡ଼ିଠାରେ ବାର୍ଷିକ ୧ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ଆଲୁମିନା ବିଶୋଧନାଗାର ପ୍ରତିଷ୍ଠା କରାଯିବ। ଏହି ପରିପ୍ରେକ୍ଷୀରେ କେତେକ ଗଣମାଧ୍ୟମରେ ନାଲକୋକୁ ବାଇ-ବେକ୍ ତଥା ଅଫର-ପର-ସେଲ୍ ମାଧ୍ୟମରେ ଘରୋଇକରଣ କରାଯାଉଛି ବୋଲି ବାହାରିଥିବା ଖବରକୁ ବିଭ୍ରାନ୍ତିକର ବୋଲି ଖଣି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହି ଖବର ସତ୍ୟ ଉପରେ ଆଧାରିତ ନୁହେଁ। ଏଭଳି ଭିତ୍ତିହୀନ ଖବର ଦ୍ୱାରା ନାଲକୋର କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଲୁମିନା ଏବଂ ଆଲୁମିନିୟମ୍ ଉତ୍ପାଦନ କ୍ଷେତ୍ରରେ ନାଲ୍‌କୋକୁ ଏକ ଅଗ୍ରଣୀ କେନ୍ଦ୍ରୀୟ ଉଦ୍ୟୋଗ କରିବା ଲାଗି କେନ୍ଦ୍ର ସରକାର ପ୍ରୟାସ କରୁଛନ୍ତି ବୋଲି ଖଣି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ବିସ୍ଥାପନ ବଢ଼ିବା ପଛରେ ଜଳବାୟୁ ପରିବର୍ତ୍ତନ

**ୱାଶିଂଟନ :** ଜଳବାୟୁ ପରିବର୍ତ୍ତନର ନକାରାତ୍ମକ ପ୍ରଭାବ ସବୁଠି ଦେଖିବାକୁ ମିଳିଲାଣି। ଜଳବାୟୁ ପରିବର୍ତ୍ତନ ଯୋଗୁ ତାପମାତ୍ରା ବୃଦ୍ଧିପାଇବା ସହ ସମୁଦ୍ରପତ୍ତନ ବଢ଼ିବାରେ ଲାଗିଛି। ଏଥିଯୋଗୁ ସମୁଦ୍ର ଖଣି ଖାଉଛି। ୨୦୧୧ ମସିହା ସୁଦ୍ଧା ସମୁଦ୍ରପତ୍ତନ ଏଭଳି ଭାବେ ବୃଦ୍ଧି ପାଇବ ଯେ, ୨ ବିଲିୟନ ଲୋକ ନିଜ ବାସସ୍ଥାନରୁ ବିସ୍ଥାପିତ ହୋଇ ଶରଣାର୍ଥୀ ପାଲଟିବେ ବୋଲି ଏକ ନୂଆ ଅଧ୍ୟୟନରେ ସତର୍କ କରାଇ ଦିଆଯାଇଛି। ଯେଉଁମାନେ ଏକତା ସମୁଦ୍ର ଉପକୂଳରେ ରହୁଥିଲେ ସେମାନେ ବିସ୍ଥାପିତ ହୋଇ ଅନ୍ୟତ୍ର ବସତି ସ୍ଥାପନ କରିବାକୁ ବାଧହେବେ। ଏଭଳି ହେଲେ ଭୂସ୍ଥଳରେ ଅଧିକ ଲୋକଙ୍କ ପାଇଁ ସ୍ଥାନାଭାବ ହେବ ବୋଲି ଗବେଷକମାନେ ମତବ୍ୟକ୍ତ କରିଛନ୍ତି। ଆମେରିକାସ୍ଥିତ କର୍ନେଲ ୟୁନିଭର୍ସିଟିର ପ୍ରଫେସର ଚାର୍ଲସ ଜସ୍‌ଲର କହିଛନ୍ତି, ଲୋକଙ୍କ ପାଇଁ ଖୁବ୍‌ଶୀଘ୍ର ସ୍ଥାନାଭାବ ହେବାକୁ ଯାଉଛି। ଭବିଷ୍ୟତରେ ସାଧାରଣ ସମୁଦ୍ରପତ୍ତନ ସ୍ୱାଭାବିକ ରହିବନାହିଁ। ଫଳରେ ଉପକୂଳ ବାସିନ୍ଦା ଉଚ୍ଚସ୍ଥାନଗୁଡିକରେ ବସତି ସ୍ଥାପନ କରିବାକୁ ଯାଇ ଶରଣାର୍ଥୀ ପାଲଟିଯିବେ। ଏହାକୁ ନେଇ ନୀତି ନିର୍ଦ୍ଧାରକମାନେ ଚିନ୍ତିତ ହୋଇପଡିଛନ୍ତି। ବିଶ୍ୱ ଜନସଂଖ୍ୟା ୨୧୦୦ ମସିହା ସୁଦ୍ଧା ୧୧ ବିଲିୟନରେ ପହଞ୍ଚିବ ବୋଲି ଜାତିସଂଘ ପକ୍ଷରୁ ଜାରି ଏକ ରିପୋର୍ଟରେ ପ୍ରକାଶ ପାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ୨୦୬୦ ସୁଦ୍ଧା ଏଭଳି ଶରଣାର୍ଥୀଙ୍କ ସଂଖ୍ୟା ୧.୪ ବିଲିୟନ ଓ ୨୧୦୦ ସୁଦ୍ଧା ୨ ବିଲିୟନରେ ପହଞ୍ଚିବ। ଫଳରେ ଲୋକଙ୍କ ଖାଦ୍ୟ ଆବଶ୍ୟକତା ପୂରଣ ପାଇଁ ଅଧିକ କୃଷିଯୋଗ୍ୟ ଜମି ଲୋଡା ପଡିବ। ପ୍ରାକୃତିକ ସମ୍ପଦ କ୍ରମଶଃ କ୍ଷୟହେବାରେ ଲାଗିଥିବାରୁ ନୂଆ ବସତି ସ୍ଥାପନ ଏକ ବଡ ସମସ୍ୟା ଭାବେ ଉଭା ହେବାକୁ ଯାଉଛି। ଫ୍ଲୋରିଡା ଓ ଚାଇନା ଆଦିରେ ସ୍ଥାୟୀ ସମାଧାନ ଏବଂ ସକ୍ରିୟ ରୂପାନ୍ତର ସମ୍ପର୍କରେ ଲ୍ୟାଣ୍ଡ ୟୁଜ୍ ପଲିସିରେ ଏକ ରିପୋର୍ଟ ପ୍ରକାଶ ପାଇଛି। ସମୁଦ୍ରପତ୍ତନ ବୃଦ୍ଧି ବ୍ୟତୀତ ଦେଶର ଉପକୂଳ ଅଞ୍ଚଳଗୁଡିକୁ ଝଡ ପ୍ରଭାବିତ କରିଥାଏ। ଏସବୁ ସମସ୍ୟାର ସମାଧାନ ପାଇଁ ମଣିଷ ଆଖିବୁଜିଆ ଉଦ୍ୟମ କରିନାହିଁ। ଫଳରେ ଚଳିତ ଶତାବ୍ଦୀରେ ଏହା ବହୁଗୁଣିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସବୁଜଗୃହ ବାଷ୍ପ ନିର୍ଗମନକୁ ରୋକା ନଗଲେ ଭବିଷ୍ୟତରେ ସ୍ଥିତି ଅଣାୟତ୍ତ ହେବ।

## ୬ଟି ମୁସଲିମ୍ ରାଷ୍ଟ୍ର ପାଇଁ ଟମ୍ପଙ୍କ ନୂଆ ଭିସା ନିୟମ

**ୱାସିଂଟନ୍ :** ଆମେରିକାର ଟମ୍ପ୍ ପ୍ରଶାସନ ୬ଟି ମୁସଲିମ୍ ରାଷ୍ଟ୍ରର ଲୋକଙ୍କୁ ଭିସା ଦେବା ପାଇଁ ନୂଆ ନିୟମ ଲାଗୁ କରିଛନ୍ତି। ଏହି ନିୟମ ଅନୁସାରେ, ଏହି ମୁସ୍‌ଲିମ ଦେଶର ଲୋକଙ୍କୁ ଏବେ ଆମେରିକାରେ ପ୍ରବେଶ କରିବା ପାଇଁ କିଛି ନିର୍ଦ୍ଦିଷ୍ଟ ସର୍ତ୍ତ ପାଳନ କରିବା ପାଇଁ ପଡ଼ିବ। ଟ୍ରମ୍ପଙ୍କ ନିର୍ଦ୍ଦେଶ ପରେ ସୁପ୍ରିମକୋର୍ଟ ଏହାକୁ ଆଂଶିକ ରୂପେ ଲାଗୁ କରି ନୂଆ ଗାଇଡଲାଇନ୍ସ ଜାରି କରଇଛନ୍ତି। ନୂଆ ନିୟମ ଅନୁସାରେ ଆବେଦକଙ୍କୁ ଆମେରିକାର ସମ୍ପର୍କୀୟଙ୍କ ସମ୍ପର୍କରେ ପ୍ରମାଣ ଦେବାକୁ ପଡ଼ିବ। ଅର୍ଥାତ୍ ଆମେରିକାରେ ପ୍ରବେଶ ପାଇଁ ପାରିବାରିକ କିମ୍ବା ବ୍ୟବସାୟିକ ସମ୍ପର୍କର ଆବଶ୍ୟକତା ପଡ଼ିବ। ଏହି ଗାଇଡଲାଇନ୍ ଆମେରିକୀୟ ଦୂତାବାସ ଓ ବାଣିଜ୍ୟିକ ଦୂତାବାସଗୁଡ଼ିକୁ ଜାରି କରାଯାଇଛି। ସେଥିରେ କୁହାଯାଇଛି ଯେ ୬ ମୁସ୍‌ଲିମ ରାଷ୍ଟ୍ରର ଭିସା ଆବେଦକଙ୍କୁ ଆମେରିକା ଯିବା ପାଇଁ ଅଭିଭାବକ, ପତ୍ନୀ, ପିଲା, ସାବାଳକ ପୁଅ କିମ୍ବା ଝିଅ, ଜ୍ୱାଇଁ, ବୋହୂ ଓ ଭାଇ ଭଳି ସମ୍ପର୍କର ପ୍ରମାଣ ଦେବାକୁ ପଡ଼ିବ। ତେବେ ଏଥିରେ ଜେଜେ, ଜେଜେମା, ନାତିନାତୁଣୀ, ଭଣଜା, ଭାଣିଜୀ, ସମ୍ପର୍କୀୟ ଭାଇଭଉଣୀ, ଶଳାଶାଳୀ, ଫିଅନ୍ସି, ଆଣ୍ଟିଅଙ୍କଲ ଓ ଅନ୍ୟ ପାରିବାରିକ ସଦସ୍ୟଙ୍କୁ ସମ୍ପର୍କୀୟଙ୍କ ମଧ୍ୟରେ ସାମିଲ କରାଯାଇ ନାହିଁ। ଏହି ୬ଟି ରାଷ୍ଟ୍ର ହେଲେ ଇରାନ୍, ଲିବ୍ୟା, ସୋମାଲିଆ, ସୁଡାନ, ସିରିଆ ଓ ୟେମେନ୍।

### ଆୟକର ବିଭାଗର ଓଡ଼ିଶାକୁ ଚିଠି

## ଚିହ୍ନଟ ହେବ ବେନାମୀ ସମ୍ପତ୍ତି

**ନୂଆଦିଲ୍ଲୀ :** ବେନାମୀ ସମ୍ପତ୍ତି ଉପରେ ଅଙ୍କୁଶ ଲଗାଇବାକୁ ଆୟକର ବିଭାଗ ଆରମ୍ଭ କରିଛି ଅଭିଯାନ। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶା ସମେତ ୯ଟି ରାଜ୍ୟରୁ ୬ ମାସ ମଧ୍ୟରେ ସମସ୍ତ ବେନାମୀ ସମ୍ପତ୍ତି ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନକ୍ସା ପ୍ରସ୍ତୁତ ହୋଇଛି। ଏ ସମ୍ପର୍କରେ ଆୟକର ବିଭାଗ ପକ୍ଷରୁ ଓଡ଼ିଶା ସମେତ ୯ ରାଜ୍ୟ ସରକାରଙ୍କୁ ଚିଠି ଦିଆଯାଇଥିବା ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମ୍ପତ୍ତି ପଞ୍ଜିକରଣ ବ୍ୟବସ୍ଥା ସମେତ ମାଲିକାନା ଅସ୍ତିତ୍ୱର ବାସ୍ତବତା ସଂକ୍ରାନ୍ତରେ ତଦନ୍ତ କରିବ ଆୟକର ବିଭାଗ। ଏହି ପ୍ରକ୍ରିୟାରେ ପ୍ରଥମ ପର୍ଯ୍ୟାୟରେ ବିଭାଗ ପକ୍ଷରୁ ଦେଶର ଉତ୍ତରାଞ୍ଚଳରେ ଯାଞ୍ଚ କରାଯାଇ ମୋଟ୍ ୧୧୦୦ରୁ ଊର୍ଦ୍ଧ୍ୱ ବେନାମୀ ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ସହ ୪୦୦ଟି ବେନାମୀ କାରବାରକୁ ଠାବ କରିବାରେ ସଫଳ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶା ସମେତ ଉତ୍ତରପ୍ରଦେଶ, ବିହାର, ଉତ୍ତରାଖଣ୍ଡ ପରି ୯ ରାଜ୍ୟର ସମସ୍ତ କାରବାର ଓ ସମ୍ପତ୍ତିର ତଦନ୍ତ କରିବ। ବେନାମୀ କାରବାର ସଂଶୋଧନ ବିଲ ଗତବର୍ଷ ଅନୁମୋଦନ ଲାଭ ହୋଇଥିଲା। ଆୟକର ବିଭାଗ ପକ୍ଷରୁ ଏହାକୁ କଠୋର ଭାବରେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଯାଞ୍ଚ ଏଜେନ୍ସି, ବିଭାଗ ଓ ପୁଲିସର ସହାୟତା ପ୍ରଦାନ ପାଇଁ ରାଜ୍ୟମାନଙ୍କୁ ପତ୍ର ପ୍ରେରଣ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଏହି ଆଇନକୁ ଭିତ୍ତି କରି ଆରଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବଙ୍କ ଉପରେ ଆୟକର ପକ୍ଷରୁ ମାମଲା ରୁଜୁ କରାଯାଇ ଏହି ପରିବାରର ଏକାଧିକ ସଦସ୍ୟଙ୍କ ନାମରେ ଥିବା ଜମି ଓ ଫ୍ଲାଟକୁ ଜବତ କରିଛି ବିଭାଗ। ଫଳରେ ଆଗାମୀ ଦିନରେ ଲାଲୁଙ୍କ ପରି ଓଡ଼ିଶାରେ ମଧ୍ୟ ଏକାଧିକ ବେନାମୀ ସମ୍ପତ୍ତି ଓ କାରବାରୀ ଆୟକର ଜାଲରେ ପଡ଼ିବାର ସମ୍ଭାବନା ରହିଛି।

# ସହାୟକ ବ୍ୟବସ୍ଥା ଉଚ୍ଛେଦ କରିବାକୁ ଚାହୁଁଛି ସେନା

**ନୂଆଦିଲ୍ଲୀ :** ଉପନିବେଶ ସମୟରୁ ଏପର୍ଯ୍ୟନ୍ତ ସେନାରେ ଚାଲିଆସିଥିବା ସହାୟକ ବ୍ୟବସ୍ଥାକୁ ଉଚ୍ଛେଦ କରାଯିବା ପାଇଁ ଏବେ ଚିନ୍ତା କରାଯାଉଛି। କେତେକ ଯବାନ ଖୋଲାଖୋଲି ଭାବେ ଏହି ବ୍ୟବସ୍ଥାକୁ ବିରୋଧ କରିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ପରିପ୍ରେକ୍ଷୀରେ ସେନା ଏହାକୁ ଉଚ୍ଛେଦ କରି ଏହି କାର୍ଯ୍ୟ ପାଇଁ ବେସାମରିକ କର୍ମଚାରୀଙ୍କୁ ଶାନ୍ତି ଷ୍ଟେସନଗୁଡ଼ିକରେ ନିୟୋଜିତ କରିବାକୁ ଯୋଜନା କରୁଛି। ଜଣେ ବରିଷ୍ଠ ସେନାଧିକାରୀ କହିଛନ୍ତି, ସେନାର ବରିଷ୍ଠ ଅଧିକାରୀଙ୍କ ପାଖରେ ଯବାନମାନେ ରହି ସେମାନଙ୍କ ଘରୋଇ କାର୍ଯ୍ୟରେ ନିୟୋଜିତ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏ ଦୃଷ୍ଟିରୁ ପ୍ରମୁଖ ସେନା ବେସ୍ ଏବଂ ଫିଲ୍ଡରେ କେବଳ ସହାୟକଙ୍କୁ ନିଯୁକ୍ତି ଦିଆଯିବ। କିନ୍ତୁ ଶାନ୍ତି ଷ୍ଟେସନଗୁଡ଼ିକରେ ବେସାମରିକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ। ନିକଟରେ କେତେକ ଯବାନ ଏହି ସହାୟକ ବ୍ୟବସ୍ଥା ନେଇ ସେମାନଙ୍କର ଅସନ୍ତୋଷ ସୋଶାଲ ମିଡିଆରେ ପୋଷ୍ଟ କରିବାରୁ ତାହା ଭାଇରାଲ୍ ହୋଇ ବିଭିନ୍ନ ମହଲରେ ସମାଲୋଚିତ ହେବା ଦେଖା ଯାଇଥିଲା। ଯବାନମାନଙ୍କୁ ବରିଷ୍ଠ ଅଧିକାରୀମାନେ ଚାକର ଭଳି କାର୍ଯ୍ୟରେ ନିୟୋଜିତ କରୁଥିବା ଅଭିଯୋଗ ହେଉଛି। ଯଦି ଶାନ୍ତି ଷ୍ଟେସନଗୁଡ଼ିକରେ ସହାୟକଙ୍କ ପରିବର୍ତ୍ତେ ବେସାମରିକ କର୍ମଚାରୀଙ୍କୁ ନିୟୋଜିତ କରାଯାଏ, ତାହାହେଲେ ଖୁବ୍ କମ୍ ସହାୟକଙ୍କ ଦ୍ୱାରା କାର୍ଯ୍ୟ ଚଳିବ। ଗତ ମାର୍ଚ୍ଚରେ ସରକାର ସେନାରେ ସହାୟକ ବ୍ୟବସ୍ଥାକୁ ଦୃଢ଼ ସମର୍ଥନ କରିଥିଲେ। ଶାନ୍ତି ଓ ଯୁଦ୍ଧ ସମୟରେ ନିୟୋଜିତ ହେଉଥିବା ସେନାଧିକାରୀଙ୍କୁ ପୂର୍ଣ୍ଣ ସାହାଯ୍ୟ ସହଯୋଗ କରିବା ପାଇଁ ସହାୟକଙ୍କ ବିଶେଷ ଆବଶ୍ୟକତା ରହିଛି। ସରକାର ଆହୁରି ମଧ୍ୟ କହିଥିଲେ, ସହାୟକ ଓ ଅର୍ଡର୍ଲିମାନଙ୍କୁ ଯୁଦ୍ଧରେ ନିୟୋଜିତ କରାଯାଉଥିବାରୁ ସେମାନଙ୍କୁ



ଅଧିକାରୀମାନେ ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ କରାଯିବା ଠିକ୍ ନୁହେଁ। ଗତ ଏପ୍ରିଲ୍‌ରେ ସେନାର ଟପ୍ କମାଣ୍ଡରମାନଙ୍କ ବାର୍ଷିକ ସମ୍ମିଳନୀରେ ଏହି ସହାୟକ ପ୍ରସଙ୍ଗ ଉପରେ ବିଶଦ ଆଲୋଚନା କରାଯାଇଥିଲା ଏବଂ ସେନାର ମାନବ ସମ୍ବଳକୁ ଦୁରୁପଯୋଗ କରାନଯିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ସହାୟକମାନେ ଯବାନ ହୋଇଥିବାରୁ ସେମାନଙ୍କର ଅନେକଗୁଡ଼ିଏ କାର୍ଯ୍ୟ ରହିଛି। ସେନାଧିକାରୀମାନଙ୍କୁ ସାହାଯ୍ୟ ସହଯୋଗ କରିବା ଏବଂ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରି ରଖିବା ସେମାନଙ୍କ ଦାୟିତ୍ୱ। ଗତ ମାର୍ଚ୍ଚରେ ରାୟ ମାଥ୍ୟୁ ନାମକ ଜଣେ ଯବାନଙ୍କ ମୃତଦେହ ମହାରାଷ୍ଟ୍ରର ଦେଓଲାଲି କ୍ୟାଣ୍ଟନମେଣ୍ଟରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ବରିଷ୍ଠ ଅଧିକାରୀମାନେ ନିଜ କାମରେ ଲଗାଉ ଥିଲେ ବୋଲି ଏକ ଷ୍ଟିଙ୍ଗ୍ ଭିଡିଓରୁ ସ୍ପଷ୍ଟ ହୋଇଥିଲା। ଏହାର କିଛି ଦିନ ପରେ ଜଣେ ସିପାହୀ ମଧ୍ୟ ସହାୟକ ବ୍ୟବସ୍ଥାକୁ ସମାଲୋଚନା କରି ଅନ୍‌ଲାଇନ୍‌ରେ ଭିଡିଓ ପୋଷ୍ଟ କରିଥିଲେ ଏବଂ ବରିଷ୍ଠ ଅଧିକାରୀମାନେ ସେମାନଙ୍କୁ କ୍ରୀତଦାସ ଭଳି ବ୍ୟବହାର କରୁଥିବା ଅଭିଯୋଗ କରିଥିଲେ।



EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର




Bhubaneswar, 3rd - 9th July, 2017
ଭୁବନେଶ୍ୱର, ୦୩ -୦୯ ଜୁଲାଇ, ୨୦୧୭



# ମଜଭୁତ ହେବ ଓଡ଼ିଶା ପୋଲିସ୍

## ଦେହରେ ରହିବ ହାଇଟେକ୍ କ୍ୟାମେରା ପିନ୍ଧିବେ ବୁଲେଟ୍‌ପ୍ରୁଫ୍ ହେଲମେଟ୍

ଭୁବନେଶ୍ୱର : ଅତ୍ୟାଧୁନିକ ଯନ୍ତ୍ରପାତିରେ ମଜଭୁତ ହେବ ଓଡ଼ିଶା ପୋଲିସ। ପାଖରେ ରଖିବେ ଅତ୍ୟାଧୁନିକ ଯନ୍ତ୍ରପାତି। ମୁଣ୍ଡରେ ପିନ୍ଧିବେ ବୁଲେଟ୍ ପ୍ରୁଫ୍ ହେଲମେଟ୍। ଅପରାଧୀଙ୍କ ଗତିବିଧିକୁ ଠାବ କରିପାରିବେ। ଦିନରାତି ସବୁବେଳେ ଅପରାଧୀ ଓ ନକ୍ସଲଙ୍କ ଚଳପ୍ରଚଳ ଉପରେ ରଖିପାରିବେ ନଜର। ଦ୍ରୁତ ଗତିରେ ଘଟଣା ସ୍ଥଳରେ ପହଞ୍ଚି ପାରିବ। ଗୁପ୍ତ କ୍ୟାମେରାରେ ଫଟୋ ନେବେ, ନେଇଥିବା ଫଟୋକୁ ବଡ କରି ତନଖି ପାରିବେ। ରାଜ୍ୟ ପୋଲିସକୁ ଏପରି ସଶକ୍ତ ଓ ସକ୍ଷମ କରିବା ପାଇଁ ମିଳିଛି ଅନୁମୋଦିନ। ରାଜ୍ୟସ୍ତରୀୟ କ୍ଷମତାସମ୍ପନ୍ନ କମିଟିକୁ ପୋଲିସର ଯାନ୍ତ୍ରିକ ନବକଳେବର ପାଇଁ ୪୫ କୋଟିର ବଜେଟ୍‌କୁ ଅନୁମୋଦନ କରିଛି। ଚଳିତ ଆର୍ଥିକ ବର୍ଷରେ ଏହି ଅନୁଦାନ ବିନିଯୋଗ କରି ପୋଲିସକୁ କ୍ଷମତାଶାଳୀ କରାଯିବାକୁ ତିଆରି ହୋଇଛି ମାଷ୍ଟରପ୍ଲାନ୍। ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ଏହି ବୈଠକରେ ଅଧ୍ୟକ୍ଷତା କରି କହିଥିଲେ ଯେ ଅପରାଧ ମାମଲାର ତଦନ୍ତ ବେଳେ ସାକ୍ଷ୍ୟ ପ୍ରାମଣ ସଂଗ୍ରହକୁ ଅଧିକ ନିଶ୍ଚିତ କରିବା ପାଇଁ ଆବଶ୍ୟକ ଯନ୍ତ୍ରପାତି ପୋଲିସକୁ ଦିଆଯିବ। ଏହାଦ୍ୱାରା ଦଣ୍ଡବିଧାନ ମାତ୍ରା ବଢ଼ିବ ଓ ଅପରାଧୀମାନଙ୍କୁ ଟ୍ରାକ୍ କରିବା ପାଇଁ ଆବଶ୍ୟକ ଜ୍ଞାନକୌଶଳ ଯୁକ୍ତ ଯନ୍ତ୍ରପାତି କିଣିବାକୁ ସେ ପୋଲିସ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକ ପରେ ଶ୍ରୀ ପାଢ଼ୀ କହିଥିଲେ ଯେ ପ୍ରସ୍ତୁତ ଆକ୍ସନପ୍ଲାନ୍ ମାଓବାଦୀ ବିରୋଧୀ ଅଭିଯାନକୁ ସଶକ୍ତ କରିବ। ଏହାବ୍ୟତୀତ ଅପରାଧୀ ନିରୋଧୀ ଅଭିଯାନ ଓ ପୋଲିସ ଅପରେସନକୁ ଅଧିକ କ୍ରିୟାଶୀଳ କରିବାକୁ ଯୋଜନା କରାଯାଇଛି। ଓଡ଼ିଶା ପୋଲିସ ତାର ଆଧୁନିକୀକରଣ ପାଇଁ ଜାତୀୟ ସ୍ତରରେ ପ୍ରଶଂସିତ ହୋଇପାରିଛି। ସେଥିପାଇଁ କେନ୍ଦ୍ରରୁ ୧୩.୩୮ କୋଟି ସ୍ୱତନ୍ତ୍ର ରାଶି ପାଇବାକୁ ସକ୍ଷମ ହୋଇଛି। ଏବେ ଅନୁମୋଦିତ ୪୫ କୋଟିର ଅନୁଦାନ ବିନିଯୋଗ କରି ବିଭିନ୍ନ ଉପକରଣ କ୍ରୟ କରାଯିବାକୁ ଧାର୍ଯ୍ୟ କରାଯାଇଛି। ସେଥିମଧ୍ୟରୁ ଗୁଇନ୍ଦା ତଥ୍ୟ ସଂଗ୍ରହ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ଯନ୍ତ୍ରପାତି, ପ୍ରଶିକ୍ଷଣ ଯନ୍ତ୍ରପାତି, ଅସ୍ତ୍ରାଗାର ସୁରକ୍ଷା ପାଇଁ ଆଧୁନିକ ଯନ୍ତ୍ର, ଅପରାଧ ତଦନ୍ତ ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି, ଫରେନ୍‌ସିକ୍ ଲ୍ୟାବ୍ ପାଇଁ ଆବଶ୍ୟକ ଯନ୍ତ୍ରପାତି, ଗୃହରକ୍ଷୀ ପାଇଁ ଆବଶ୍ୟକ ସାମଗ୍ରୀ, ଯାନବାହନ, ଦେହରେ ଫିଟ୍ ହେବା ଭଳି ହାଇଟେକ୍ କ୍ୟାମେରା, ମଣିଷବିହୀନ ଏରିଏଲ ମେସିନ୍ ଯାହାଦ୍ୱାରା ଦିନ ଓ ରାତିରେ ଅପରାଧ ସମ୍ପର୍କିତ ପ୍ରମାଣ ସଂଗ୍ରହ କରାଯାଇପାରିବ। ଅପରାଧୀ ଓ ମାଓବାଦୀଙ୍କ ଉପରେ ନଜର ରଖିପାରିବ ଓ ଗୁଇନ୍ଦା ତଥ୍ୟ ସଂଗ୍ରହ କରିପାରିବ। ସ୍ମାର୍ଟ ସେଲ୍ ଫୋନ୍ ଜାମର, କଷ୍ଟାବେଣ୍ଡ ବୁଷ୍ଟର, ଟେଲିସ୍କୋପିକ ମାନିପୁଲେଟର, ରିୟଲ ଟାଇମ୍ ଭିୟୁଇଙ୍ଗ୍ ବ୍ୟବସ୍ଥା, ରେଡିଓ ମର୍ଡନ ଡାଟା କମ୍ୟୁନିକେଟର, ଡିଏନ୍ଏ ଲ୍ୟାବ୍ ପାଇଁ ହାଇସ୍ପିଡ୍ ସ୍ପେକ୍ଟ୍ରୋଫଟୋମିଟର, ବୁଲେଟ୍ ପ୍ରୁଫ୍ ହେଲମେଟ୍, ସୋସିଆଲ ମିଡିଆ ମନିଟରିଂ ସେଲ୍ ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି କିଣାଯିବାକୁ ଧାର୍ଯ୍ୟ ହୋଇଛି ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଥିଲେ। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଡିଜି କେବି ସିଂ, ଅର୍ଥ ସଚିବ ତୁହିନକାନ୍ତ ପାଣ୍ଡେ ଓ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ୩ ପ୍ରକଳ୍ପକୁ ସିଙ୍ଗିଲ୍ ୱିଣ୍ଡୋ କମିଟିର ମଞ୍ଜୁରୀ

ଭୁବନେଶ୍ୱର : ରାଜ୍ୟର ତିନୋଟି ପ୍ରକଳ୍ପ ପାଇଁ ୧୧୮୮ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ନିମନ୍ତେ ସିଙ୍ଗିଲ୍ ୱିଣ୍ଡୋ କମିଟି ଅନୁମୋଦନ କରିଛନ୍ତି। ସଚିବାଳୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଗଠିତ ଶିଳ୍ପ ସଂକ୍ରାନ୍ତୀୟ ସିଙ୍ଗିଲ୍ ୱିଣ୍ଡୋ ବୈଠକରେ ତିନୋଟି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ବାଲେଶ୍ୱର ଜିଲ୍ଲାରେ ଥିବା ଇମାମି ପେପର ମିଲ ପାଇଁ ୬୫୦ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଏହାଦ୍ୱାରା ୧୭୫୦ ଜଣଙ୍କୁ ନିଯୁକ୍ତି ମିଳିବ। ଝାରସୁଗୁଡା ଜିଲ୍ଲାରେ ଥିବା ଅମ୍ବୁଜା ସିମେଣ୍ଟ ଆଣ୍ଡ ଗ୍ରାଇଣ୍ଡିଂ ୟୁନିଟ୍ ପୁନରୁଦ୍ଧାର ପାଇଁ ୪୩୦ କୋଟି ଟଙ୍କା ପୁଞ୍ଜି ନିବେଶ କରାଯାଇ ୩୦୦ ବ୍ୟକ୍ତିଙ୍କୁ ନିଯୁକ୍ତି ମିଳିବ। ଖୋର୍ଦ୍ଧା ସ୍ଥିତ ସୂର୍ଯ୍ୟ ଫୁଡ୍ ପ୍ରକଳ୍ପକୁ ପ୍ରିୟା ଗୋଲ୍ଡ ସୂର୍ଯ୍ୟଫୁଡ୍ ନାମରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ପ୍ରକଳ୍ପ ପାଇଁ ୧୦୮.୯୯ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯାଇ ୬୦୭ ଜଣଙ୍କୁ ନିଯୁକ୍ତି ଦିଆଯିବ। ଏହି ତିନୋଟି ଯାକ ପ୍ରକଳ୍ପ ସିଙ୍ଗିଲ୍ ୱିଣ୍ଡୋକୁ ବୈଠକରେ ଅନୁମୋଦନ ଦିଆଯାଇଥିବା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଗଠିତ ହେବ ସିଏସ୍‌ଆର୍ ପରିଷଦ

## ମୁଖ୍ୟ ଶାସନ ସଚିବ ହେବେ ଅଧ୍ୟକ୍ଷ

ଭୁବନେଶ୍ୱର : ରାଜ୍ୟରେ ଠିକ୍ ଭାବେ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପରିଚାଳନା କରିବାକୁ ପଡିବ। ପ୍ରତି ଜିଲ୍ଲାରେ ସିଏସ୍‌ଆର କାର୍ଯ୍ୟାଳୟଗୁଡିକର ଉପଯୁକ୍ତ ସୁପରିଚାଳନା ପାଇଁ ରାଜ୍ୟରେ ଗଠିତ ହେବ ସିଏସ୍‌ଆର କାଉନସିଲ୍ ବା କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପରିଷଦ। ରାଜ୍ୟ ଶିଳ୍ପ ବିଭାଗ ଏହି ପ୍ରସ୍ତାବ ଗ୍ରହଣ କରିଛି। ପ୍ରସ୍ତାବ ଅନୁସାରେ ମୁଖ୍ୟ ଶାସନ ସଚିବ ସିଏସ୍‌ଆର କାଉନସିଲ୍ର ଅଧ୍ୟକ୍ଷ ରହିବେ। ଉନ୍ନୟନ କମିଶନର, ଅର୍ଥ ବିଭାଗ ପ୍ରମୁଖ ସଚିବ, ରାଜସ୍ୱ ବିଭାଗ ପ୍ରମୁଖ ସଚିବ, ଖଣି ଓ ଇସ୍ପାତ ବିଭାଗ ପ୍ରମୁଖ ସଚିବ, ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ସଚିବ, ଶିଳ୍ପ ବିଭାଗ ପ୍ରମୁଖ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସଚିବ, ମହିଳା ଓ ଶିଶୁ ମଙ୍ଗଳ ବିଭାଗ ସଚିବ, ପଞ୍ଚାୟତିରାଜ ବିଭାଗ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ, ଓଡ଼ିଶା ଖଣି ନିଗମ ପରିଚାଳନା ନିର୍ଦ୍ଦେଶକ ପ୍ରମୁଖ ଏହି ପରିଷଦର ସଦସ୍ୟ ରହିବେ। ସେହିପରି ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଟାଟା ଷ୍ଟିଲ ରାଜ୍ୟ ମୁଖ୍ୟ, ଭୂଷଣ ପାୱାର ଓ ଷ୍ଟିଲ୍‌ର ଓଡ଼ିଶା ମୁଖ୍ୟ, ଜିନ୍ଦଲ୍ ଷ୍ଟିଲ ଓ ପାୱାରର ଓଡ଼ିଶା ମୁଖ୍ୟ, ବେଦାନ୍ତ ଓଡ଼ିଶା ମୁଖ୍ୟ, ମହାନଦୀ କୋଲ୍ ଫିଲ୍ଡ ଓଡ଼ିଶା ମୁଖ୍ୟ, ହିଣ୍ଡାଲକୋ ଓଡ଼ିଶା ମୁଖ୍ୟ, ସେଲ୍ ଓଡ଼ିଶା ମୁଖ୍ୟ, ଜେକେ ପେପର ଲିମିଟେଡ୍ ଓଡ଼ିଶା ମୁଖ୍ୟ, ଗ୍ରାମ୍ୟ ବିକାଶ ନିର୍ବାହୀ ନିର୍ଦ୍ଦେଶକ ଦେବୀ ପ୍ରସାଦ ମିଶ୍ର, ପ୍ରାକ୍ଟିକାଲ ଆକ୍ସନ ଇଣ୍ଡିଆ ଶକ୍ତି ମୁଖ୍ୟ ସଞ୍ଜୀବ କୁମାର ବେହେରା ପ୍ରମୁଖ ମଧ୍ୟ ଏଥିରେ ସଦସ୍ୟ ରହିବେ ବୋଲି ନିଷ୍ପତ୍ତି ହୋଇଛି। ଏହି ପରିଷଦ ଜିଲ୍ଲା ପ୍ରଶାସନ ଦ୍ୱାରା ଦିଆଯାଉଥିବା ବିଭିନ୍ନ ପ୍ରକଳ୍ପଗୁଡିକୁ ଅନୁମୋଦନ କରିବେ। ବିଭିନ୍ନ ସିଏସ୍‌ଆର ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରିବା ସହିତ ପୁରସ୍କାର ତାଲିକା ପ୍ରସ୍ତୁତ କରିବା ପାଇଁ ପରିଷଦ କାର୍ଯ୍ୟ କରିବ ବୋଲି ଜଣାପଡିଛି।

### ବଦଳିପାରେ କେନ୍ଦ୍ରର ଖାଦ୍ୟ ରିଆତି ନୀତି

# ବାଦ୍‌ପଡିବେ ଦାତବ୍ୟ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ

ଭୁବନେଶ୍ୱର : ଖାଦ୍ୟ ରିଆତି ଯୋଗାଣରେ ଭାରତ ସରକାର ଏବେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛନ୍ତି। ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗର ଛାତ୍ରଛାତ୍ରୀଙ୍କୁ ଛାତ୍ରାବାସରେ ଖାଦ୍ୟ ଯୋଗାଉଥିବା ବିଭିନ୍ନ ଦାତବ୍ୟ ଅନୁଷ୍ଠାନରେ ପ୍ରତିବନ୍ଧକ ଲଗାଇବା ପାଇଁ ଯୋଜନା କରିଛନ୍ତି। କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଠିକଣା ଭାବେ ଖାଦ୍ୟ ଯୋଗାଣ କରୁନାହାନ୍ତି। ପ୍ରିୟାପ୍ରୀତି ତୋଷଣ କରୁଛନ୍ତି। ତେଣୁ ଏହାକୁ ନେଇ ଭାରତ ସରକାରଙ୍କ ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରାଳୟ ପକ୍ଷରୁ ଖାଦ୍ୟ ବଣ୍ଟନ ନୀତିରେ କେତେକ ପରିବର୍ତ୍ତନ ଅଣାଯିବାକୁ ରହିଛି। ପୂର୍ବରୁ ନାରୀ ନିକେତନ ଓ ଅନାଥାଶ୍ରମ ଭଳି ଯେଉଁସବୁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକ ଖାଦ୍ୟ ରିଆତି ଯୋଜନାରେ ସାମିଲ ଥିଲେ ଏବେ ସେମାନଙ୍କୁ ବାଦ୍ ଦେବାପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ କେନ୍ଦ୍ର ସରକାରଙ୍କ ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରାଳୟ ପକ୍ଷରୁ ସବୁ ରାଜ୍ୟର ମତାମତ ଲୋଡାଯାଇଛି। କାଳେ କେଉଁ ରାଜ୍ୟର କିଛି ଆପତ୍ତି ଥିବ ସେନେଇ ମନ୍ତ୍ରାଳୟ ପକ୍ଷରୁ ଅନୁଶାସନ ସଚିବ ଏ କେ ମିଶ୍ର ସବୁ ରାଜ୍ୟ ସରକାରଙ୍କୁ ପତ୍ର ଲେଖି ୬ଟି ପ୍ରସଙ୍ଗ ଉପରେ ମତାମତ ଜଣାଇବାକୁ କହିଛନ୍ତି। ଶ୍ରୀ ମିଶ୍ର ଦର୍ଶାଇଛନ୍ତି ଯେ ମନ୍ତ୍ରାଳୟ ପକ୍ଷରୁ କଲ୍ୟାଣକାରୀ ଅନୁଷ୍ଠାନ ଯୋଜନା ଓ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗଙ୍କ ଛାତ୍ରାବାସ ଯୋଜନାରେ କେତେକ ପରିବର୍ତ୍ତନ ଅଣାଯିବ। କେବଳ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ସୁପାରିସ ଆସିବ ସେହି ଆଧାରରେ ହିଁ ଖାଦ୍ୟ ରିଆତି ଯୋଗାଇ ଦିଆଯିବ। ୨୦୧୪ ଡିସେମ୍ବରରେ ଏନେଇ ମନ୍ତ୍ରିସ୍ତରୀୟ ଏକ କମିଟି ଅନୁଧ୍ୟାନ କରିଥିଲା। କମିଟି ରିପୋର୍ଟରୁ ଜଣାଯାଇଛି ଯେ ଦେଶରେ ବହୁ ଦାତବ୍ୟ ଅନୁଷ୍ଠାନର କାଗଜପତ୍ର ଠିକ୍ ନଥିବା ବେଳେ ଅନୁଷ୍ଠାନଗୁଡିକ ଛାତ୍ରାବାସରେ ଖାଦ୍ୟ ଯୋଗାଣ ବେଳେ ବହୁ ବ୍ୟତିକ୍ରମ ଦେଖାଦେଉଛି। କମିଟି ୨୦୧୫ରେ ଭାରତ ସରକାରଙ୍କୁ ଏକ ରିପୋର୍ଟ ଦେଇଥିଲା। ସାମାଜିକ ନିରାପତ୍ତା ଓ ସଶକ୍ତିକରଣ ମନ୍ତ୍ରାଳୟ ଦ୍ୱାରା ପୂର୍ବରୁ ଏହି ଯୋଜନା ଚାଲିଥିବାବେଳେ ତଦାରଖ ଅଭାବରୁ ଯୋଜନା ବାଟବଣା ହେଉଛି। ମଧ୍ୟାହ୍ନଭୋଜନ, ସବଳା ଓ ଅନ୍ନପୂର୍ଣ୍ଣା ଯୋଜନାରେ ପ୍ରଦାନ କରାଯାଉଥିବା ଖାଦ୍ୟ ରିଆତିରେ ସ୍ୱଚ୍ଛତା ନଥିବାରୁ ମାନବସମ୍ବଳ ମନ୍ତ୍ରାଳୟ ଏହାକୁ ପସନ୍ଦ କରୁନାହିଁ। ତେଣୁ ଏହାକୁ ନେଇ ଏବେ ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରାଳୟ ଏକ ସୁଚିନ୍ତିତ ଖସଡା ପ୍ରସ୍ତୁତ କରିବାକୁ ଯାଉଛି।

## ଗର୍ଭଗୃହର ବିପଦ ବଢ଼ାଉଛି ଗରମ ବାମ୍ଫ

ପୁରୀ : ଶ୍ରୀମନ୍ଦିର ପାଇଁ ବିପଦ ବଢ଼ାଇଛି ଗରମ ବାମ୍ଫ। ବର୍ତ୍ତମାନର ବାମ୍ଫ ନିଷ୍କାସନ ବ୍ୟବସ୍ଥା ଯଥେଷ୍ଟ ନୁହେଁ। ଏ ନେଇ ଯଥାଶୀଘ୍ର ସ୍ଥାୟୀ ପ୍ରତିକାର ନିଆଯିବା ନେଇ ପରାମର୍ଶ ଦେଇଛନ୍ତି ବିଶେଷଜ୍ଞ ଦଳ। ଏଏସ୍‌ଆଇ ନିର୍ଦ୍ଦେଶ ଡ. ଏ.କେ. ପଟେଲଙ୍କ ନେତୃତ୍ୱରେ ୮ ଜଣିଆ କମିଟି ମଙ୍ଗଳବାର ଗର୍ଭଗୃହ ତଦାରଖ କରିବା ପରେ ଏହି ପରାମର୍ଶ ଦେଇଥିବା ଜଣାପଡ଼ିଛି। ମହାପ୍ରସାଦ ବାମ୍ଫ ଏବଂ ଦୀପ ନିଆଁରୁ ବାହାରୁଥିବା ଧୂଆଁ ଗର୍ଭଗୃହକୁ ନଷ୍ଟ କରୁଥିବା ଜଣାପଡ଼ିଛି। ଏଥିଯୋଗୁଁ ଶ୍ରୀଜିଉଙ୍କ ଶ୍ରୀଅଙ୍ଗ ପ୍ରତି ବିପଦର ଆଶଙ୍କା ରହିଛି। କାନ୍ଥ ଓ ଛାତରେ କଳାଧୂଆଁ ଜମାଟ ବାନ୍ଧିଛି। ସେସବୁ ସ୍ଥାନ ଝାଳେଇବା ଯୋଗୁଁ ମନ୍ଦିରର ସ୍ଥାୟୀତ୍ୱ ନେଇ ବିପଦ ସୃଷ୍ଟି ହୋଇଛି। ବାମ୍ଫ ନିଷ୍କାସନ ପାଇଁ ୨ ବର୍ଷ ତଳେ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ଯଥେଷ୍ଟ ହେଉନାହିଁ। ତେଣୁ ଧାନବାଦର କେନ୍ଦ୍ରୀୟ ଖଣି ଓ କୋଇଲା ଗବେଷଣା କେନ୍ଦ୍ର ସହାୟତାରେ ଅତ୍ୟାଧୁନିକ ବ୍ୟବସ୍ଥା କରାଯିବ। ମେକନ୍ ସେଥିରେ ସହଯୋଗ କରିବାକୁ ସମ୍ମତି ଜଣାଇଛି। ବାମ୍ଫ ପ୍ରଭାବରେ ଗର୍ଭଗୃହ ଛାତ ପ୍ରଭାବିତ ହୋଇଥିବା ଜଣେ ବିଶେଷଜ୍ଞ ସୂଚନା ଦେଇଛନ୍ତି। ଶୀତଳୀକରଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସ୍ଥିର କରାଯାଇଛି।

ଶ୍ରୀଜିଉଙ୍କ ନୀଳାଦ୍ରିବିଜେ ପୂର୍ବରୁ ଗର୍ଭଗୃହରୁ କଳାସଫା କରାଯିବା ସହ ବାମ୍ଫ ନିର୍ଗମନ ବ୍ୟବସ୍ଥାରେ ମରାମତି କରିବାକୁ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ଗର୍ଭଗୃହରେ ମହାପ୍ରସାଦ ତୋଳା ଏବଂ ଦୀପ ଜଳାଇବା ଉପରେ ଅଧିକ କଟକଣା ଜାରି କରାଯିବା ଉଚିତ ବୋଲି ସେମାନେ ମତ ଦେଇଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ କୁମାର ଜେନା, ଏଏସ୍‌ଆଇ ଭୁବନେଶ୍ୱର ମଣ୍ଡଳ ଅଧିକ୍ଷକ ଡ. ହେମସାଗର ଅଭୟ ନାକ, ରାଜ୍ୟ ପୂର୍ତ୍ତ (କୋଠାବାଡ଼ି) ମୁଖ୍ୟଯନ୍ତ୍ରୀ ଏନ୍.କେ. ରଥ, ଅବସରପ୍ରାପ୍ତ ରାଜ୍ୟ ପ୍ରତ୍ନତତ୍ତ୍ୱ ଅଧିକ୍ଷକ ବିଜୟ କୁମାର ରଥ, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଧର୍ମପ୍ରସାଦ ମିଶ୍ର, କୋର୍‌କମିଟି ଉପାଧକ୍ଷ ଜି.ସି. ମିତ୍ର, ଏଏସ୍‌ଆଇ ରାସାୟନିକ ଅଧିକ୍ଷକ ଡ. ମଙ୍ଗିରାମ୍, ସିଏମ୍‌ଆର୍‌ଆଇ ବରିଷ୍ଠ ବୈଜ୍ଞାନିକ ଅଧିକାରୀ ଡ. ଜେ.କେ. ପାଣ୍ଡେ, ପୂର୍ତ୍ତ ନିର୍ବାହୀଯନ୍ତ୍ରୀ ନିରୋଜ କୁମାର ଦାଶ ଏବଂ ଏଏସ୍‌ଆଇ ବରିଷ୍ଠ ସଂରକ୍ଷକ ଚିତ୍ତରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁସେତୁ ଯୋଜନାରେ ଖର୍ଚ୍ଚ ହେବ ୯ କୋଟି

କଟକ : ଜିଲ୍ଲା ଗ୍ରାମ୍ୟ ନିର୍ମାଣ ବିଭାଗ ଡିଭିଜନ-୨ ପକ୍ଷରୁ ଚଳିତ ୨୦୧୭-୧୮ ବର୍ଷ ପାଇଁ ୯ କୋଟି ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର ହେଶଇଛି। ବିଭାଗ ପକ୍ଷରୁ ଏ ସମ୍ପର୍କିତ ଏକ ଏଷ୍ଟିମେଟ ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ। ପରେ ରାଜ୍ୟ ସରକାରଙ୍କର ସବୁଜ ସଂକେତ ଯୋଗୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ୨ ବର୍ଷ ମଧ୍ୟରେ ଏହି ସେତୁ ନିର୍ମାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଜିଲ୍ଲାରେ ପୂର୍ବରୁ ଚାଲୁରହିଥିବା ବିଜୁସେତୁ ଯୋଜନାରେ ଅଗ୍ରଗତି, ଆପ୍ରୋଚ ରୋଡ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧୀକ୍ଷଣ ଯନ୍ତ୍ରୀ ଗଙ୍ଗାଧର ସରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗ୍ରାମ୍ୟ ନିର୍ମାଣ ବିଭାଗ ଡିଭିଜନ-୧ ଓ ୨ର ନିର୍ବାହୀ ଯନ୍ତ୍ରୀଙ୍କ ସହିତ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀମାନେ ଯୋଗଦେଇଥିଲେ। ୨୦୧୭-୧୮ ବର୍ଷ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ଆଠଗଡର ବଜରପୁର ନଳା, ବାଙ୍କୀର ରଣା ନଳା ଓ ବଡମ୍ବାର ଖଲିନଳା ଉପରେ ୩ଟି ସେତୁ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ବଡମ୍ବାର ପୋଖରୀନଳା, ପଦ୍ମନାଭ ନଳା ଓ ଆଂଗଡ଼ର ରେଗଡାପଡା ନଳା ପାଇଁ ମିଳିଥିବା ୯ କୋଟି ଟଙ୍କା ଅନୁଦାନରେ ଏବେ ସେତୁ କାର୍ଯ୍ୟ ଚାଲୁରହିଥିବାରୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ସାରିବା ପାଇଁ ଅଧୀକ୍ଷଣ ଯନ୍ତ୍ରୀ ଦାୟିତ୍ୱରେ ଥିବା ନିର୍ବାହୀ ଯନ୍ତ୍ରୀ ଦେବପ୍ରସାଦ ଦାସଙ୍କୁ ପରାମର୍ଶ ଦେଇଛନ୍ତି। ଅପରପକ୍ଷେ ବାଙ୍କିର ଡମପଡା, ତାଳବସ୍ତ, କାଳିଗିରି ବ୍ରିଜର ଆପ୍ରୋଚ ରୋଡ ନିର୍ମାଣ ପାଇଁ ପ୍ରତ୍ୟେକ ୪୯ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରହିଥିବାରୁ ଏହିସବୁ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇ ଚଳିତବର୍ଷ ଶେଷ ସୁଦ୍ଧା ସାରିବା ପାଇଁ ପରାମର୍ଶ ଦିଆଯାଇଛି।

# ଅସଙ୍ଗତି ଦୂର ପାଇଁ ପ୍ରତିଶ୍ରୁତି ଦେଲେ ମୁଖ୍ୟମନ୍ତ୍ରୀ

## ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାଫଳ

ଭୁବନେଶ୍ୱର : ଚଳିତ ବର୍ଷ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳରେ ଅସଙ୍ଗତିକୁ ନେଇ ରାଜ୍ୟର ଛାତ୍ରୀଛାତ୍ରୀ ଏବଂ ଅଭିଭାବକ ମହଲରେ ଯେଉଁଳି ଅସନ୍ତୋଷ ଦେଖାଦେଇଛି, ତାହାକୁ ଦୂର କରିବା ଦିଗରେ ଓଡ଼ିଶା ଅଭିଭାବକ ମହାସଂଘ ଉଦ୍ୟମ ଜାରି ରଖିଛି। ଏହି କ୍ରମରେ ସଂଘର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଏହି ଅବସରରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ଅସଙ୍ଗତି ଦୂର ନେଇ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିବେଦନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ସମସ୍ୟା ସମ୍ପର୍କରେ ଅବଗତି ଅଛନ୍ତି ଓ ଦ୍ୱାଦଶଶ୍ରେଣୀ ପରୀକ୍ଷାଫଳ ଅସଙ୍ଗତି ଦୂର ପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଅଭିଭାବକ ମହାସଂଘ ସଭାପତି ସୁଦର୍ଶନ ଦାସ କହିଛନ୍ତି। ଶ୍ରୀ ଦାସ କହିଛନ୍ତି ଯେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ଶୁଣାଣି ହୋଇଥିଲା। ସିବିଏସ୍‌ଇ କର୍ତ୍ତୃପକ୍ଷ ଆୟୋଗଙ୍କ ନିକଟରେ ତାଙ୍କର ପକ୍ଷ ରଖିଥିଲେ। ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳରେ ସ୍ୱଚ୍ଛତା ରହିଛି ଓ ଏଥିରେ ଅନିୟମିତତା ହୋଇନାହିଁ। ଛାତ୍ରଛାତ୍ରୀଙ୍କ ଉତ୍ତର ଅନୁସାରେ ନମ୍ବର ମିଳିଛି। ଏପରିକି ଉତ୍ତର ଖାତା ପୁନଃମୂଲ୍ୟାୟନ ପରେ ମଧ୍ୟ ଅଧିକାଂଶ ଛାତ୍ରଛାତ୍ରୀଙ୍କ ନମ୍ବରରେ ପରିବର୍ତ୍ତନ ହୋଇନାହିଁ। ଏଭଳି ଅନେକ ଯୁକ୍ତି ରିପୋର୍ଟରେ ଦର୍ଶାଇଥିଲେ ସିବିଏସ୍‌ଇ କର୍ତ୍ତୃପକ୍ଷ ତେବେ ସିବିଏସ୍‌ଇ କର୍ତ୍ତୃପକ୍ଷଙ୍କ ଉତ୍ତର ସନ୍ତୋଷଜନକ ନୁହେଁ ବୋଲି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା କସ୍ତୁରୀ ମହାପାତ୍ର ପ୍ରକାଶ କରିବା ସହ ଆଉ ଏକ ତାରିକରେ ଏହାର ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଭାବକ ମହାସଂଘ ପକ୍ଷରୁ ୧୦ଟି ପ୍ରଶ୍ନର ଉତ୍ତର ବଦଳରେ ସମ୍ପୂର୍ଣ୍ଣ ଉତ୍ତରଖାତାର ପୁନଃମୂଲ୍ୟାୟନ ଦାବି କରାଯାଇଥିଲା। ଏଥିପାଇଁ କୌଣସି ଛାତ୍ରଛାତ୍ରୀ ଚୁକ୍ତି ସ୍ୱାକ୍ଷର କରିବେ ନାହିଁ ବୋଲି ପକ୍ଷ ରଖିଥିବା ଶ୍ରୀ ଦାସ କହିଛନ୍ତି।

## ଆରସିଏସ୍ ଯୋଜନାରେ ବିମାନ ଚଳାଚଳ

# ଉତ୍‌କେଲାରେ ନିର୍ମାଣ ହେବ ଇନ୍ଧନ ଷ୍ଟେସନ୍

ଭୁବନେଶ୍ୱର : ଅପେକ୍ଷାକୃତ କମ୍ ମୂଲ୍ୟରେ ବିମାନ ଯାତ୍ରାର ସୁବିଧା ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଆରମ୍ଭ କରିଥିବା 'ଉଡ଼ିବେ ଦେଶର ସାଧାରଣ ନାଗରିକ (ଉଡ଼ାନ)' ଯୋଜନାରେ ଭୁବନେଶ୍ୱର-ଉତ୍‌କେଲା, ଉତ୍‌କେଲା-ରାୟପୁର, ଭୁବନେଶ୍ୱର-ଜୟପୁର, ଭୁବନେଶ୍ୱର-ରାଉରକେଲା, ଭୁବନେଶ୍ୱର-ଝାରସୁଗୁଡ଼ା, ଝାରସୁଗୁଡ଼ାରୁ ରାଞ୍ଚି, ଭୁବନେଶ୍ୱର ଓ ରାଉରକେଲାକୁ ବିମାନ ଚଳାଚଳ ଆରମ୍ଭ କରାଯିବା ଯୋଜନା ରହିଛି। ତେବେ ଏହା ପୂର୍ବରୁ କଳାହାଣ୍ଡି ଜିଲ୍ଲାର ଉତ୍‌କେଲାଠାରେ ଏଭିଏସନ୍ ଫ୍ୟୁଏଲିଂ ଷ୍ଟେସନ୍ (ଇନ୍ଧନ ଭରିବା ସ୍ଥାନ) ସ୍ଥାପନ କରିବା ଉଦ୍ଦେଶ୍ୟରେ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ଏହି ମର୍ମରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଯୁଗ୍ମ ସଚିବ ଉଷା ପାଢ଼ୀ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ଉତ୍‌କେଲାରୁ ବିମାନ ଚଳାଚଳ ଆରମ୍ଭ ହେବା ପରିପ୍ରେକ୍ଷୀରେ ଇନ୍ଧନ ଷ୍ଟେସନ୍ ନିର୍ମାଣ ପାଇଁ କୁହାଯାଇଛି। ଆରସିଏସ୍ ଯୋଜନାରେ ଭୁବନେଶ୍ୱର-ଉତ୍‌କେଲା, ଉତ୍‌କେଲା-ରାୟପୁର, ଭୁବନେଶ୍ୱର-ଜୟପୁର, ଭୁବନେଶ୍ୱର-ରାଉରକେଲା, ଭୁବନେଶ୍ୱର-ଝାରସୁଗୁଡ଼ା, ଝାରସୁଗୁଡ଼ାରୁ ରାଞ୍ଚି, ଭୁବନେଶ୍ୱର ଓ ରାଉରକେଲାକୁ ବିମାନ ଚଳାଚଳ ଆରମ୍ଭ କରାଯିବା ଯୋଜନା ରହିଛି। ଏହି ସହର ମଧ୍ୟରେ ଛୋଟ ବିମାନ ଚଳାଚଳ ଆରମ୍ଭ ହେଲେ ସରକାରଙ୍କ ପକ୍ଷରୁ ଟିକଟ ଉପରେ ସବ୍‌ସିଡି ପ୍ରଦାନ କରାଯିବ। ଫଳରେ ବିମାନ ଯାତ୍ରା ଭଡ଼ା ପାଖାପାଖି ୨୫୦୦ଟଙ୍କା ରହିବ। ଏଥିମଧ୍ୟରୁ ଉତ୍‌କେଲା ଏୟାରଷ୍ଟ୍ରିପ୍‌ରୁ ସର୍ବପ୍ରଥମେ ବିମାନ ସେବା ଆରମ୍ଭ ହେବାର ଯୋଜନା ରହିଛି। ତେଣୁ ସେଠାରେ ବିମାନରେ ଇନ୍ଧନ ଭରିବା ପାଇଁ ଏକ ଷ୍ଟେସନ୍ ନିର୍ମାଣ କରାଯିବ। ଏଥିଲାଗି ଆବଶ୍ୟକ ଜମି ଯୋଗାଇ ଦେବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ଅନୁରୋଧ କରାଯାଇଛି। ତେଣୁ ଏୟାରଷ୍ଟ୍ରିପ୍ ପାଇଁ ପ୍ରସ୍ତୁତ ହେଉଥିବା ଡିପିଆରରେ ଇନ୍ଧନ ଷ୍ଟେସନ୍‌କୁ ସ୍ଥାନ ଦେବା ପାଇଁ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସେଠାକାର ଆର୍ ଆଣ୍ଡ ବି ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ପାରାଦ୍ୱୀପରେ ହେବ ବର୍ଜ୍ୟ ବିଶୋଧନ ପ୍ଲାଣ୍ଟ୍

## ସହାୟତା କରିବ ବିଶ୍ୱବ୍ୟାଙ୍କ

ଭୁବନେଶ୍ୱର : ପାରାଦ୍ୱୀପ ମୁନିସ୍‌ପାଲିଟିର ବର୍ଜ୍ୟ ବିଶୋଧନ ପାଇଁ ବିଶ୍ୱବ୍ୟାଙ୍କ ସହାୟତା ଯୋଗାଇ ଦେବ। ଏଥିପାଇଁ ଏମ୍‌ଏସ୍ ଆଇପିଇ ଗ୍ଲୋବାଲ ସଂସ୍ଥାର ପ୍ରସ୍ତାବକ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ପାରାଦ୍ୱୀପ ମ୍ୟୁନିସ୍‌ପାଲିଟିରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ଲାଗି ୨୦ଏକର ପରିମିତ ଜମିର ଆବଶ୍ୟକତା ରହିଛି। ତେବେ ଡିସେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ତେଣୁ କିଭଳି ଏହି ପ୍ରକଳ୍ପ ଧାର୍ଯ୍ୟ ସମୟ ପୂର୍ବରୁ ଶେଷ ହେବ ସେନେଇ ନଗର ଉନ୍ନୟନ ବିଭାଗ ସଚିବ ଜି ମାଥିଭାଥନନ୍ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ସଚିବ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ନଗର ଉନ୍ନୟନ ବିଭାଗ ସଚିବ ଶ୍ରୀ ମାଥିଭାଥନନ୍ ପତ୍ରରେ ଦର୍ଶାଇଛନ୍ତି ଯେ ବିଶ୍ୱବ୍ୟାଙ୍କର ପ୍ରସ୍ତାବକ୍ରମେ ମେ'୨୬ ତାରିଖରେ ଆସିଜେଡଏମ୍‌ପି, ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ ଏବଂ ସଂପୃକ୍ତ ସଂସ୍ଥା ଆଇପିଇ ଗ୍ଲୋବାଲ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାକୁ ନେଇ ସଂସ୍ଥା ଆଇପିଇ ଗ୍ଲୋବାଲ ପକ୍ଷରୁ ୫ କ୍ୟାଲୋରୀ ଘନ(ଟିପିଡି) ବିଶିଷ୍ଟ ଏସ୍‌ଟିପି ବସାଇବାକୁ ଏକ ପୂର୍ଣ୍ଣାଙ୍ଗ ପ୍ରୋଜେକ୍ଟ ଦେଇ ସାରିଛି। ବିଶ୍ୱବ୍ୟାଙ୍କ ସହିତ ବିଭାଗକୁ ମଧ୍ୟ ଅବଗତ କରାଇଛି। ଏହାକୁ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ପିସିବି) ପକ୍ଷରୁ ପ୍ରାଥମିକ ଅନୁମତି ଦେବା ଲାଗି କଥାବାର୍ତ୍ତା ସରିଛି। ଏହାବାଦ୍ ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ଜନଶୁଣାଣି ଓ ପରିବେଶ ମନ୍ତ୍ରାଳୟର ଅନୁମତି ଆବଶ୍ୟକ ରହିଛି। ଏସବୁ ଅନୁମତି ପାଇବାକୁ ଅନ୍ତତଃପକ୍ଷେ ୧୦ମାସ ଲାଗିଯିବ। ଇତିମଧ୍ୟରେ ମୌସୁମୀ ଋତୁ ଆସିଛି। ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ଲାଗି ସମୟ ଅବଧି ଚଳିତବର୍ଷ ଡିସେମ୍ବର ସୁଦ୍ଧା ରହିଥିବାବେଳେ ସମୟ ସ୍ୱଳ୍ପ ରହିଛି। ତେଣୁ ଏହି ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ କିପ୍ରକାର ପଦକ୍ଷେପ ଉଠାଯିବ ସେନେଇ ଅବଗତ କରାଇବାକୁ ସଚିବ ଶ୍ରୀ ମାଥିଭାଥନନ୍ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ମହାପାତ୍ରଙ୍କୁ ଅନୁରୋଧ କରିଛନ୍ତି।

# ଘରୋଇ ବିଦ୍ୟାଳୟମୁହାଁ ଛାତ୍ରଛାତ୍ରୀ

## ଡ୍ରପ୍‌ଆଉଟ୍ କମାଇବା ଚିନ୍ତାରେ ଓପେପା

ଭୁବନେଶ୍ୱର : ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି କରିବା ଏବଂ ଡ୍ରପ୍‌ଆଉଟ୍ ସଂଖ୍ୟା କମାଇବା ପାଇଁ ସରକାର ଯେତେ ଚେଷ୍ଟା କଲେ ବି ସଫଳ ହୋଇପାରୁନାହିଁ। ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ମାଗଣା ପୁସ୍ତକ, ପୋଷାକ ଏବଂ ସାଇକେଲ ବଣ୍ଟନ ଭଳି ବିଭିନ୍ନ ଯୋଜନା ସତ୍ତ୍ୱେ ସରକାରୀ ବିଦ୍ୟାଳୟଗୁଡିକ ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିପାରୁ ନାହାନ୍ତି। ଯେଉଁଥିପାଇଁ ଏବେ ରାଜ୍ୟର ୨୪୨୫ଟି ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୫ ଏବଂ ତା'ଠାରୁ କମ୍ ରହିଛନ୍ତି। ୨୦୧୬ର ୟୁ-ଡାଇଜ୍ (ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ସିଷ୍ଟମ ଫର୍ ଏଜୁକେଶନ) ରିପୋର୍ଟରୁ ଏହା ଜଣାପଡିଛି। ସରକାରୀ ସ୍କୁଲ ଗୁଡିକରେ ଗୁଣାତ୍ମକ ଶିକ୍ଷା ଅଭାବ ଯୋଗୁ ପିଲାମାନେ ଘରୋଇ ବିଦ୍ୟାଳୟ ମୁହାଁ ହେଉଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହେଉଛି। ସୂଚନାନୁସାରେ, ୩୦ ଜିଲ୍ଲାରେ ୨୩୩୫ଟି ପ୍ରାଥମିକ ଓ ୯୦ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲା ସଂଖ୍ୟା ୧ରୁ ୧୫ ମଧ୍ୟରେ ରହିଛି। ରାୟଗଡ଼ା ଜିଲ୍ଲାର ୨୬୬ଟି ବିଦ୍ୟାଳୟ ମଧ୍ୟରୁ ୨୫୪ ପ୍ରାଥମିକ ଓ ୧୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧ରୁ ୧୫ ମଧ୍ୟରେ ରହିଛି। ୬ଟି ପ୍ରାଥମିକ ବିଦ୍ୟାଳୟରେ ପିଲା ସଂଖ୍ୟା ୧ରୁ ୫ ମଧ୍ୟରେ ରହିଛି। ସମଗ୍ର ରାଜ୍ୟରେ ୨୮ଟି ବିଦ୍ୟାଳୟ (୨୬ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ)ରେ ଜଣେରୁ ୫ଜଣ ଲେଖାଏ ଛାତ୍ରଛାତ୍ରୀ ପଢୁଛନ୍ତି। ସେହିପରି ୬ରୁ ୧୦ଜଣ ଛାତ୍ରଛାତ୍ରୀ ରହିଥିବା ସ୍କୁଲ ସଂଖ୍ୟା ୨୩୯, ଯେଉଁଥିରେ ୨୨୦ଟି ପ୍ରାଥମିକ ଓ ୧୯ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଛି। ୨୦୮୯ଟି ପ୍ରାଥମିକ ଏବଂ ୬୯ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲା ସଂଖ୍ୟା ୧୧ରୁ ୧୫ ମଧ୍ୟରେ ରହିଥିବା ଜଣାପଡିଛି। ୟୁ-ଡାଇଜ୍‌ର ଏହି ରିପୋର୍ଟ ମିଳିବା ପରେ ସରକାର ଗୁରୁତ୍ୱ ଦେବା ସହ ଓପେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର କୁମାର ମଲ୍ଲିକ ଏହାର ତଦାରଖ ପାଇଁ ସମସ୍ତ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି ଲେଖିଛନ୍ତି। ରିପୋର୍ଟ ଠିକ୍ ଅଛି କି ନାହିଁ ତାହା ଯାଞ୍ଚ କରିବା ସହିତ ଜିଲ୍ଲା ଗୁଡିକରେ କେତୋଟି ବିଦ୍ୟାଳୟରେ ଏଭଳି ପରିସ୍ଥିତି ରହିଛି ତାହା ଜଣାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜୁଲାଇ ୩୧ ସୁଦ୍ଧା ତଦାରଖ କରି ରିପୋର୍ଟ ଦେବାକୁ ଚିଠିରେ ଦର୍ଶାଯାଇଛି।


# ବିକ୍ରି ବନ୍ଦ ହେବ ୧୨ କୀଟନାଶକ

## ୨୦୧୮ ଜାନୁଆରୀ ୧ରୁ କାର୍ଯ୍ୟକାରୀ କରିବାକୁ ସୁପାରିସ



ଭୁବନେଶ୍ୱର : ଫଳ, କପା, ପନିକରିବା, ଡ଼ାଲି ଓ ତୈଳବୀଜ ଆଦିରେ ବ୍ୟବହାର କରାଯାଉଥିବା ୧୨ ପ୍ରକାରର କୀଟନାଶକକୁ ଆସନ୍ତା ଜାନୁଆରୀ ୧ ତାରିଖରୁ ସମ୍ପୂର୍ଣ୍ଣ ନିଷିଦ୍ଧ ହେବ । ଡ଼ିସେମ୍ବର ୨୦୧୭ ପରେ ଏହି ସାମଗ୍ରୀର ପ୍ରସ୍ତୁତି ସଂକ୍ରାନ୍ତ ପଞ୍ଜୀକରଣ ଆଉ ନବୀକରଣ କରାଯିବ ନାହିଁ । ସେହିପରି ୨୦୧୯ ଜାନୁଆରୀ୧ରୁ ଏହି କୀଟନାଶକଗୁଡ଼ିକର ଉତ୍ପାଦନ ଓ ଆମଦାନୀ ସମ୍ପୂର୍ଣ୍ଣ ବନ୍ଦ କରାଯିବ । କୀଟନାଶକ ବ୍ୟବହାର ନିମନ୍ତେ ଗଠିତ ବୈଷୟିକ କମିଟି ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି । କେନ୍ଦ୍ର କୃଷି ମନ୍ତ୍ରାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗହମ, ଚିନାବାଦାମ, ଅଙ୍ଗୁର ଆଦିରେ କୀଟ ଦମନ ନିମନ୍ତେ ବ୍ୟବହାର ହେଉଥିବା ବେନୋମିଲ, ଧାନ, କପା, ଭେଣ୍ଡି, ବନ୍ଧା ଓ ଫୁଲକୋବିରେ ବ୍ୟବହାର ହେଉଥିବା କ୍ୟାବାରିଲ୍, ସେଓ ଚାଷ ଲାଗି ବ୍ୟବହୃତ ଡ଼ାଇଜିନନ୍, ମଟର ଚାଷ ଲାଗି ଫେନ୍ଥିଅନ, ଲିନୁରନ୍, କପା ଓ ସୋୟାବିନ୍ ଚାଷରେ ସିଞ୍ଚନ ହେଉଥିବା ଟ୍ରିଫ୍ଲୁଲାରିନ୍, ଚିନାବାଦାମ, ଆମ୍ବ, ପରିବା, ଗୋଲାପ ଚାଷରେ ଟ୍ରାଇଡ଼େମୋରଫ୍, ବାଇଗଣରେ ଥିଲୋମେଟନ୍, ସୋରିଷ, ଗହମ, ଧାନ, କପା ଆଦିରେ ସିଞ୍ଚନ ହେଉଥିବା ମିଥାଇଲ୍ ପାରାଥିଅନ, ଆଖୁ ଓ ଆଳୁ ବିହନ ବିଶୋଧନ ଲାଗି ବ୍ୟବହୃତ ମେଥୋକ୍ସି ଇଥାଇଲ୍, ମର୍କ୍ୟୁରୀ କ୍ଲୋରାଇଡ୍ ସହ ଘରେ କୀଟଦମନ ନିମନ୍ତେ ବ୍ୟବହାର ହେଉଥିବା ଡ଼ାଇଜିଅନ୍ ଓ ଡ଼ିଡ଼ିଟି ମାନବ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ବୋଲି ବୈଷୟିକ କମିଟି ରିପୋର୍ଟ ଦେଇଛି। ମଶା ନିୟନ୍ତ୍ରଣ ନିମନ୍ତେ ବ୍ୟବହୃତ ଡ଼ିଡ଼ିଟିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି ତଥାପି କେତେକ ଫଳ ଓ ପରିବା ନମୁନାରେ ଡ଼ିଡ଼ିଟି ମିଳିଥିବା ଦେଖାଯାଇଛି । ତେଣୁ ଏହି ସବୁ କୀଟନାଶକ ବିକ୍ରି ଓ ବ୍ୟବହାର ଉପରେ କଡ଼ାକଡ଼ି ପଦକ୍ଷେପ ନେବାକୁ ସରକାର ଚିନ୍ତା କରୁଛନ୍ତି। ଗତ ମାର୍ଚ୍ଚ ମାସରେ ଲୋକସଭାରେ କୃଷିମନ୍ତ୍ରୀ ରାଧାମୋହନ ସିଂହ ଅନୁରୂପ ସୂଚନା ମଧ୍ୟ ଦେଇଥିଲେ। ମନ୍ତ୍ରୀ କହିଥିଲେ ଯେ ଆଇଏଆର୍‌ଆଇର ପୂର୍ବତନ ପ୍ରଫେସର ଅନୁପମ ବର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୬୬ଟି କୀଟନାଶକ ଉପରେ ପରୀକ୍ଷାନିରୀକ୍ଷା କରି ୨୦୧୩ରେ ରିପୋର୍ଟ ପ୍ରଦାନ କରିଛି । ଏଥିରେ ୨୦୨୦ ସୁଦ୍ଧା ୧୩ଟି କୀଟନାଶକକୁ ସମ୍ପୂର୍ଣ୍ଣ ନିଷେଧ କରିବାକୁ ସୁପାରିସ କରାଯାଇଛି । ୧୯୬୮ ଇଣ୍ଟରସେକ୍ଟିସାଇଡ୍ ଆଇନର ଧାରା ୫ ଅନୁସାରେ ଆର୍‌ସି (ରେଜିଷ୍ଟ୍ରେସନ କମିଟି) ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି । ଡିଡିଟିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିବାବେଳେ ଅନ୍ୟ ୧୨ କୀଟନାଶକକୁ ଜାନୁଆରୀ ୨୦୧୮ ସୁଦ୍ଧା ବନ୍ଦ କରିବାକୁ ଏଥିରେ ସୁପାରିସ କରାଯାଇଛି । ଏହା ସହ ଉତ୍ପାଦନ ସଂକ୍ରାନ୍ତ ପଞ୍ଜୀକରଣ, ଆମଦାନୀ ଓ ବିକ୍ରୟକୁ ନିଷେଧ କରାଯିବାକୁ ମଧ୍ୟ କମିଟି ରିପୋର୍ଟରେ ଉଲ୍ଲେଖ କରିଛି। ଏ ସମ୍ପର୍କରେ କେନ୍ଦ୍ର ସରକାର ଜନସାଧାରଣ, ଉତ୍ପାଦକ, ବ୍ୟବହାରକାରୀ ଓ ଅଂଶୀଦାରମାନଙ୍କ ମତାମତ ଲୋଡ଼ିଛି । ଏହି ମତାମତଗୁଡ଼ିକୁ ଅନୁଧ୍ୟାନ କରାଯାଉଛି ଏବଂ ଖୁବ୍ ଶୀଘ୍ର ଏ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

କାମବାସନା ସହିତ ସମାନ କୌଣସି ରୋଗନାହିଁ,
ମୋହ ବା ଇଚ୍ଛା ଠାରୁ ବଳି ଆଉ କେହି ଶତ୍ରୁନାହିଁ,
କ୍ରୋଧ ସମାନ ବଳି ନିଆଁ ନାହିଁ, ଜ୍ଞାନଠାରୁ ବଡ
କୌଣସି ସୁଖ ନାହିଁ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର




## ମୋଦି-ମେଣ୍ଢା-ମହାନଦୀ

ତ୍ରିରାଷ୍ଟ୍ରୀୟ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଗସ୍ତ ଅବସରରେ ମୋଦି ଭାରତ ପାଇଁ ପର୍ଯ୍ୟାପ୍ତ ସମ୍ଭାବନା, ବିକାଶର ନୂଆମନ୍ତ୍ର ଓ ଆତଙ୍କବାଦର ବିଲୋପନ ପାଇଁ ଅସ୍ତ୍ର ଯୋଗାଡ ସହ ଡୋନାଲ୍ଡ ଟ୍ରମ୍ପ ସରକାରଙ୍କ ଭଲପାଇବା ନେଇ ଆସିଛନ୍ତି। ପର୍ତ୍ତୁଗାଲ, ଆମେରିକା ଓ ନେଦରଲାଣ୍ଡ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ସହିତ ବାଣିଜ୍ୟ କାରବାର, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଏବଂ ଭାରତରେ ପୁଞ୍ଜିଲଗାଣ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦିଗରେ ସଫଳତାର ବାଟ ତିଆରି କରି ଦେଶବାସୀଙ୍କ ମନରେ ନୂଆ ବିଶ୍ୱାସ ଜନ୍ମାଇବାରେ ସକ୍ଷମ ହୋଇପାରିଛନ୍ତି। ସବୁଠୁ ବଡକଥା ହେଉଛି ତିନୋଟି ରାଷ୍ଟ୍ର ଗସ୍ତ ବେଳେ ପ୍ରଧାନମନ୍ତ୍ରୀ କୌଣସି ବିଳାସମୟ ହୋଟେଲରେ ବିଶ୍ରାମ ନନେଇ ଏୟାର ଇଣ୍ଡିଆ-ୱାନରେ ହିଁ ରାତି ବିତାଇଥିଲେ। ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଯିବା ପାଇଁ ସେ ଯେଉଁଳି ନିରବଚ୍ଛିନ୍ନ ବିମାନଯାତ୍ରା କରିଥିଲେ ତାହା ଯେକୌଣସି ଦେଶର ପ୍ରଧାନମନ୍ତ୍ରୀ ବା ରାଷ୍ଟ୍ରପତିଙ୍କ କ୍ଷେତ୍ରରେ ବିରଳ। ମୋଦିଙ୍କୁ ହ୍ୱାଇଟ୍ ହାଉସ୍‌ରେ ରେଡ କାର୍ପେଟ୍ ସ୍ୱାଗତ, ନୈଶ୍ୟଭୋଜି ଓ ଆତଙ୍କବାଦ ମୂଳୋତ୍ପାଟନ ନେଇ ଟ୍ରମ୍ପଙ୍କ ସହ ମିଳିତ ବିବୃତି ବାସ୍ତବିକ ଉଲ୍ଲେଖଯୋଗ୍ୟ ଘଟଣା। ପାକିସ୍ତାନ ମାଟିରୁ ଭାରତ ବିରୋଧରେ ହେଉଥିବା ଆତଙ୍କୀ ହମ୍ଲା ରୋକିବା ଦିଗରେ ଏହା ନିଶ୍ଚିତ ସଫଳ ସାବ୍ୟସ୍ତ ହୋଇପାରେ ବୋଲି ଦେଶବାସୀ ଅନୁଭବ କରୁଛନ୍ତି। ମୋଦିଙ୍କ ଆମେରିକା ଗସ୍ତ କାଳରେ ଯୁକ୍ତରାଷ୍ଟ୍ର ଆମେରିକା ହିଜିବୁଲ ମୁଜାହିଦ୍ଦିନ ନେତା ସୟଦ୍ ସଲ୍ଲାହୁଦ୍ଦିନ୍‌କୁ ବିଶ୍ୱ ଆତଙ୍କବାଦୀ ରୂପେ ଘୋଷଣା କରାଯାଇଛି। ଏହାଦ୍ୱାରା ସଲ୍ଲାହୁଦ୍ଦିନ ଆତଙ୍କବାଦ ପାଇଁ ପାଉଥିବା ପାଣ୍ଠି ଓ ଛାଡୁଥିବା ପାଣ୍ଠି ଉପରେ ରୋକ୍ ଲାଗିଛି, ଯାହାକୁ ନେଇ ବିବ୍ରତ ହୋଇପଡିଛି ପାକିସ୍ତାନ। ଦେଶକୁ ବିକଶିତ ଓ ସୁରକ୍ଷିତ ରଖିବା ଦିଗରେ ମୋଦିଙ୍କ ପଦକ୍ଷେପ ବେଶ୍ ଚର୍ଚ୍ଚାରେ ରହିଛି।

ଅନ୍ୟପକ୍ଷରେ କଟକ ଜିଲ୍ଲା ନିଆଳୀ ଅଞ୍ଚଳରେ ମେଣ୍ଢା ମୃତ୍ୟୁକୁ ନେଇ ନାନାକଥା ଓ ଗୁଜବ ସମସ୍ତଙ୍କୁ ହତଚକିତ କରିଛି। ସ୍ଥାନୀୟ ଅଞ୍ଚଳରେ ଗତ ଦୁଇମାସ ମଧ୍ୟରେ ପାଖାପାଖି ୨୦୦ ମେଣ୍ଢାଙ୍କୁ ସମାନ ଢଙ୍ଗରେ ହତ୍ୟା କରାଯାଇଛି। ମେଣ୍ଢାଙ୍କ ବେକ କଣାକରି ରକ୍ତ ପିଇବା ସହ ମୃତମେଣ୍ଢାଙ୍କ ଶରୀରରୁ କଲିଜା ବାହାର କରି ନେଇ ଖାଇଯାଉଥିବା ଘଟଣା ବିସ୍ମୟ ଓ ଆତଙ୍କ ସୃଷ୍ଟି କରିଛି। ରହସ୍ୟମୟ ଲାଗୁଥିବା ଏହି ଘଟଣାରେ ଲୋକେ ଓ ପ୍ରଶାସନ ନୟାନ୍ତ ହେଉଥିଲା ବେଳେ କେହି କେହି ଏହାକୁ ଭୌତିକକାଣ୍ଡ କହୁଛନ୍ତି ତ ଆଉକିଏ ଏହାକୁ ଏଲିୟନର କାର୍ଯ୍ୟ ବୋଲି ପ୍ରଚାର କରୁଛନ୍ତି। ସୋସିଆଲ ମିଡିଆରେ ଏହାକୁ ନେଇ ନାନା ରୋଚକ ମନ୍ତବ୍ୟ ଓ କାଳ୍ପନିକ ଚିତ୍ର ପ୍ରସାରିତ ହେବା ପରେ ଲୋକେ ଛାନିଆ ହୋଇପଡିଛନ୍ତି। ବିଜ୍ଞାନ ଯୁଗରେ କିଛିଲୋକ ଏହାକୁ ତାନ୍ତ୍ରିକର କାମ ବୋଲି ବିବେଚନା ମଧ୍ୟ କରୁଛନ୍ତି। ମେଣ୍ଢାଙ୍କୁ କିଏ ମାରୁଛି ଏଥିପାଇଁ ବନ ବିଭାଗ ପକ୍ଷରୁ ତିନୋଟି ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ ଚାଲିଛି। ୫୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ଏହି ଅଞ୍ଚଳର ବିଭିନ୍ନ ଗାଁକୁ ଯାଇ ଅଜଣା ଜନ୍ତୁର ପାଦଚିହ୍ନ ଓ ତା' ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। କିଏ ଏହି ଆତଙ୍କ ସୃଷ୍ଟି କରୁଛି ତାହାକୁ ନେଇ ବିଭିନ୍ନ ଗୁଜବ ପ୍ରଚାର କରାଯିବା ଫଳରେ ନିଆଳୀ ଅଞ୍ଚଳର ଲୋକେ ଭୟଭୀତ ହୋଇପଡିଛନ୍ତି। ଲୋକଙ୍କ ମନରୁ ଭୟ ଦୂର କରିବା ପାଇଁ ପ୍ରାଣୀ ବିଶେଷଜ୍ଞ ଓ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଏହା ରାମଶିଆଳ କିମ୍ବା ହେଟାବାଘର କାମ। ହେଲେ ସ୍ପଷ୍ଟଚିତ୍ର ସାମ୍ନାକୁ ଆସିନଥିବାରୁ ନିଆଳୀ ମେଣ୍ଢାମୃତ୍ୟୁ ଘଟଣା ମଧ୍ୟ ବେଶ୍ ଚର୍ଚ୍ଚାରେ।

ସେହିଭଳି ମହାନଦୀକୁ ନେଇ ଓଡ଼ିଶା-ଛତିଶଗଡ଼ ବିବାଦରେ ନୂଆ ଫର୍ଦ୍ଦ ଯୋଡିହୋଇଛି। ଅଣମୌସୁମୀ ସମୟରେ ଛତିଶଗଡ଼ ସରକାର କଲମା ବ୍ୟାରେଜରୁ ପାଣି ଛାଡୁ ନଥିବାରୁ ଓଡ଼ିଶାର ମହାନଦୀ ଶୁଖିଲା ପଡିଥିଲା। ଯାହାକୁ ନେଇ ରାଜନୈତିକ ଦଳମାନେ ଆରୋପ-ପ୍ରତ୍ୟାରୋପ ଓ ଆନ୍ଦୋଳନର ପନ୍ଥା ଧରିଥିଲେ। ଦୁଇ ପଡୋଶୀ ରାଜ୍ୟର ବୁଝାମଣାକୁ ନେଇ ଜାତୀୟସ୍ତରରେ ମଧ୍ୟ ବିତର୍କ ହୋଇଥିଲା। ହେଲେ ଛତିଶଗଡ଼ ସରକାର ତାଙ୍କ ଦାଦାଗିରି କମାଇବା ବଦଳରେ ଓଡ଼ିଶାର ମହାନଦୀ ପ୍ରତି ଅବିଚାର ଓ ଉପହାସ ବଢ଼ାଇ ଦେଇଥିଲେ। ଏବେ କିନ୍ତୁ ଦେଖାଦେଇଥିବା ବିବାଦ ପାଣି ନ ଆସିବାକୁ ନେଇ ନୁହେଁ, ବରଂ ଅଧିକ ପାଣି ଆସିବା ଦ୍ୱାରା ଓଡ଼ିଶାର ଚିନ୍ତା ବଢ଼ିଛି। ବର୍ତ୍ତମାନ ମୌସୁମୀ ବର୍ଷା ସାରାଦେଶରେ ଆରମ୍ଭ ହୋଇଛି। ଏତିକିବେଳେ ଛତିଶଗଡ଼ ସରକାର ନିଜ ରାଜ୍ୟକୁ ବନ୍ୟା ପ୍ରଭାବରୁ ମୁକ୍ତ ରଖିବା ପାଇଁ ବିନା ସୂଚନାରେ କଲମାର ଗେଟ୍ ଖୋଲି ଦେଇଛନ୍ତି, ଯାହାକି ଓଡ଼ିଶାକୁ ଅସୁବିଧାରେ ପକାଇଛି। କାରଣ ଅଚାନକ ପ୍ରବଳ ମାତ୍ରାରେ ଜଳପ୍ରବାହ ମହାନଦୀର ଜଳସ୍ତର ବୃଦ୍ଧି କରିବା ଫଳରେ ଓଡ଼ିଶାରେ ବନ୍ୟା ପରିସ୍ଥିତି ଉପୁଜିବ। ତେଣୁ ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ଓଡ଼ିଶା ପାଇଁ କଲମାର ପାଣିଛାଡ଼ ବିପଦ ସୃଷ୍ଟି କରିବ। ତେଣୁ କଲମା ବନ୍ଦ ହେଲେ ଓଡ଼ିଶାକୁ ବିପଦ ଓ ଖୋଲିଲେ କାଳ, ଏହା ମଧ୍ୟ ଚର୍ଚ୍ଚା ଜୋର ଧରିଛି। ମୋଦି-ମେଣ୍ଢା-ମହାନଦୀ ତିନୋଟି ପ୍ରସଙ୍ଗ ଏବେ ରାଜ୍ୟ ରାଜନୀତି, ସାମାଜିକ ଚର୍ଚ୍ଚା ଓ ଲୋକଙ୍କ ଭାବନାକୁ ସତେଜ କରିଛି।

# ରକ୍ତରେ ଲାଲ ପଚାଶ ସାଲ

**ଜେ.ଏସ୍.କୁମାର**

୧୯୬୭ରୁ ୨୦୧୭ ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ଧରି ସାମ୍ୟବାଦୀ ସନ୍ତ୍ରାସବାଦର ରକ୍ତଲୀଳା ଦେଶରେ ଆଜିଯାଏ ଚାଲିଆସିଛି। କେଉଁଠି ପିଡବ୍ଲୁଜି, ଏମ୍‌ସିସି, ନକସାଲ ଆଦି ଭିନ୍ନ ଭିନ୍ନ ନାମରେ ଅଲଗା ଅଲଗା ପ୍ରଦେଶରେ ଏହି କାର୍ଯ୍ୟ ଜାରିରହିଛି । ଏହି ସନ୍ତ୍ରାସର ମୂଳମନ୍ତ୍ର ହେଲା ମାଓଙ୍କ ଦର୍ଶନରେ ଭାରତର ଶାସନ, ଚୀନା ସମର୍ଥିତ ସରକାର ଗଠନ, ବନ୍ଧୁକର ଗୁଳିରେ ରକ୍ତାକ୍ତ ବିପ୍ଳବ । ଏହି ତଥାକଥିତ ବିପ୍ଳବରେ ଦେଶର କଣ ଲାଭ ହୋଇଛି ତାହା ସମୟ କହିବ, କିନ୍ତୁ ଏଥିରେ ଗତ ୨୦ବର୍ଷ ମଧ୍ୟରେ ୧୨,୦୦୦ରୁ ଅଧିକ ଲୋକେ ମୃତ୍ୟୁବରଣ କଲେଣି । ଏମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବନବାସୀ, ଗରିବ ଓ ଅନଗ୍ରସର ବର୍ଗର । ଏମାନେ ଅନେକ ସମୟରେ ସଂଗଠିତ ହିଂସାକୁ ପ୍ରତିହତ କରିପାରନ୍ତି ନାହିଁ। ସାଧାରଣତଃ ସେମାନଙ୍କ ଯୋଗାଯୋଗ ସହର ସହ ଅଧିକ ନଥାଏ ବା ଖସି ଚାଲିଯିବା ପାଇଁ ସୁବିଧା ସେମାନଙ୍କର ନଥାଏ। ଫଳରେ ସେମାନେ ଗୋଷ୍ଠୀବଦ୍ଧ ନକ୍‌ସାଲମାନଙ୍କ ହିଂସାର ଶିକାର ସହଜରେ ହୋଇଥାନ୍ତି । ବିଗତ ୫୦ବର୍ଷ ମଧ୍ୟରେ ସାଧାରଣତଃ ଏହି ଦୁର୍ବଳ ଶ୍ରମିକ, ଚାଷୀ, ଗ୍ରାମୀଣ ଲୋକେ ହିଁ ନକ୍‌ସାଲ ସନ୍ତ୍ରାସର ରକ୍ତବେଦୀରେ ଅଧିକ ସଂଖ୍ୟାରେ ବଳି ପଡିଛନ୍ତି ।

ପ୍ରଥମ ବିଶ୍ୱଯୁଦ୍ଧପରେ ରାଜନୀତିକ ସକ୍ରୀୟତା ସାରା ପୃଥିବୀରେ ବଢିଥିଲା । ସେମିତି ବହୁସଂଖ୍ୟକ ଭାରତୀୟ ଉପନିବେଶ ସେନାଭାବେ ବ୍ରିଟେନ ଅଧିନରେ ଲଢିବାକୁ ଯାଇ ଇଉରୋପରେ ମୃତ୍ୟୁବରଣ କରିଥିଲେ । ପ୍ରଥମ ବିଶ୍ୱଯୁଦ୍ଧପରେ ଧ୍ୱସ୍ତ ବିଧ୍ୱସ୍ତ ଇଉରୋପର ପୁନଃନିର୍ମାଣ ପାଇଁ ଆଫ୍ରିକା ଓ ଏସିଆରେ ଥିବା ଉପନିବେଶଗୁଡିକ ଉପରେ ଅଧିକ ଆର୍ଥିକ ଚାପ ପଡିଲା । ଉପନିବେଶର ଲୋକେ ଶୋଷଣର ଶିକାର ହେବା ଯୋଗୁ ସ୍ଥାନୀୟ ସରକାରଙ୍କ ବିରୁଦ୍ଧରେ ଏକଜୁଟ ହେଲେ । ଏଥିରୁ ମୁକ୍ତ ହେବାର ଆଶା ଉଜ୍ଜୀବିତ ହେଲା । ଏହାକୁ ନେଇ ଏସିଆ ଏବଂ ଆଫ୍ରିକାର ଲୋକେ ସ୍ୱାଧୀନତା ସଂଗ୍ରାମ ଚଳାଇଲେ । ତେଣେ ଇଉରୋପରେ ଜାର ଶାସନ ହଟିଯିବା ଯୋଗୁ ରୁଷିଆରେ ସଂଗ୍ରାମୀ ସାମ୍ୟବାଦୀମାନେ ସରକାର ଗଠନ କଲେ । ପରେ ପରେ ସେମାନେ ନିଜ ବିଚାରକୁ ଅନ୍ୟାନ୍ୟ ଦେଶକୁ ବଢାଇବା ପାଇଁ ଯୋଜନାକରି କେଉଁଠି ଯୁଦ୍ଧ କଲେତ କେଉଁଠି ପୁଣି ସାମ୍ୟବାଦୀ ସନ୍ତ୍ରାସୀ ଗୋଷ୍ଠି ଗଠନ କଲେ । ଇତି ମଧ୍ୟରେ ଇଉରୋପର ଛୋଟ ଛୋଟ ଦେଶକୁ ନିଜ ସହ ସାମିଲ କରି ସାମ୍ୟବାଦୀ ସୋଭିଏତ ରଷିଆ ଶକ୍ତିଶାଳୀ ହେଲା । ଚୀନରେ ମାଓଙ୍କ ନେତୃତ୍ୱରେ ସାମ୍ୟବାଦୀମାନେ କୁମିଙ୍ଗଟାଙ୍ଗ ସରକାରକୁ ଦେଶରୁ ହଟାଇ ତାଇୱାନକୁ ପଠାଇ ଦେଲେ । ଉତ୍ତରରେ ରୁଷିଆ ପରି ଚୀନ କର୍ତ୍ତୃପକ୍ଷ ନିଜର ଶକ୍ତି ବୃଦ୍ଧି ପାଇଁ ଧୀରେ ଧୀରେ ପଡୋଶୀ ଦେଶଗୁଡିକ ଉପରେ ଆକ୍ରମଣ କରି ସେମାନଙ୍କ ଜମିକୁ ଦଖଲ କଲା । ଅଥଚ ଭାରତରେ ଠିକ୍ ସ୍ୱାଧୀନତାର ପୂର୍ବରୁ ୧୯୪୬ରେ ପଶ୍ଚିମବଙ୍ଗରେ ସାମ୍ୟବାଦୀ ନେତାମାନେ ଚାଷୀମାନଙ୍କୁ ଜମିମାଲିକଙ୍କ ବିରୋଧରେ ସଂଗଠିତ କଲେ । ତେଣେ ତେଲେଙ୍ଗାନା ରାଜ୍ୟରେ ସାମ୍ୟବାଦୀଙ୍କ ସହଯୋଗରେ ଜମିମାଲିକଙ୍କ ବିରୁଦ୍ଧରେ ସଶସ୍ତ୍ର ଆନ୍ଦୋଳନ ଆରମ୍ଭ ହୋଇ ହିଂସାର ରୂପ ନେଲା । ଚୀନରେ ମାଓଙ୍କ ସଫଳତା ସାମ୍ୟବାଦୀ ନେତାମାନଙ୍କୁ ଅଧିକ ଉତ୍ସାହୀ କରିଥିଲା । ଭାରତର ସ୍ୱାଧୀନତା ପରେ ପରେ ଫେବୃଆରୀ ୧୯୪୮ରେ କୋଲକାତାଠାରେ ଆୟୋଜିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୨ୟ କଂଗ୍ରେସରେ ବି.ଟି ରଣଦିଭେ ଦଳର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । ସ୍ୱାଧୀନ ଭାରତକୁ ସେ ବ୍ରିଟେନର ଉପନିବେଶ ଭାବେ ବର୍ଣ୍ଣନା କରି ସଶସ୍ତ୍ର ସଂଘର୍ଷ ପାଇଁ କୋଲକାତା ଥେସିସ୍ ସଂପର୍କରେ ଅନ୍ୟମାନଙ୍କୁ ବୁଝାଇବାରେ ସକ୍ଷମ ହୋଇଥିଲେ । ଏହାର ୨ବର୍ଷ ପୂର୍ବେ ୧୯୪୬ରେ କେରଳରେ ଟ୍ରାଭାଙ୍କୋର ଦିୱାନଙ୍କ ବିରୁଦ୍ଧରେ ଟି.ବି. ଥୋମାସଙ୍କ ନେତୃତ୍ୱରେ କମ୍ୟୁନିଷ୍ଟମାନେ ସଂଘର୍ଷ ଆରମ୍ଭ କରିଦେଇଥିଲେ। ଠିକ୍ ସେହି ସମୟରେ ୧୯୪୬-୪୭ରେ ପଶ୍ଚିମବଙ୍ଗରେ ତି ଭାଗା ବା ତିନିଭାଗରୁ ଏକଭାଗ ଅମଳ ଜମିମାଲିକଙ୍କୁ ଦେବାଲାଗି ଚାଷୀମାନେ ସ୍ଥିର କଲେ ।

୧୯୬୨ରେ ଚୀନର ଭାରତ ଆକ୍ରମଣ ପରେ ଅନେକ କମ୍ୟୁନିଷ୍ଟ ନେତା ଚୀନ ସରକାରଙ୍କ ସମର୍ଥନରେ ବକ୍ତବ୍ୟ ଦେବା ଯୋଗୁ ଗିରଫ ହୋଇଥିଲେ। ନଭେମ୍ବର ୧୯୬୪ରେ ଚୀନ ଓ ରୁଷିଆକୁ ସମର୍ଥନ କରିବାକୁ ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମଧ୍ୟରେ ବାଦ ବିବାଦ ପରେ କମ୍ୟୁନିଷ୍ଟଦଳ ସିପିଆଇ ଓ ସିପିଆଇ (ଏମ୍) ଏପରି ଦୁଇ ଦଳରେ ବିଭକ୍ତ ହୋଇଥିଲା । ମାର୍ଚ୍ଚ ୧୯୬୬ରେ ଉତ୍ତର ବଙ୍ଗଳାର ସିଲିଗୁଡି ଏବଂ ଆଖପାଖ ଅଞ୍ଚଳରେ କମ୍ୟୁନିଷ୍ଟଙ୍କ ସମର୍ଥକ କିଶାନସଭା ଓ ଜମିମାଲିକଙ୍କ ମଧ୍ୟରେ ଛୋଟମୋଟ ସଂଘର୍ଷ ହେଲା

ପଶ୍ଚିମବଙ୍ଗରେ ଶାସନ କ୍ଷମତା ଦଖଲ ପାଇଁ କମ୍ୟୁନିଷ୍ଟନେତା ଚାରୁ ମଜୁମଦାର ଐତିହାସିକ ଅଷ୍ଟସୂତ୍ରୀ ଦଲିଲ ପ୍ରସ୍ତୁତ କଲେ । ୨୩ ମାର୍ଚ୍ଚ ୧୯୬୭ରେ ବିମଳ କିସନ ଅଦାଲତର ରାୟ ବଳରେ ଜମିମାଲିକଙ୍କ ଜମିରେ ଚାଷ କରିବାକୁ ଯିବା ବେଳେ ନକ୍‌ସାଲବାଡିଠାରେ ଜମିମାଲିକଙ୍କ ଗୁଣ୍ଡାମାନଙ୍କଠାରୁ ମାଡ ଖାଇଲେ । ଫଳରେ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଲା । ମଇ ୨୩ ୧୯୬୭ରେ ପଶ୍ଚିମବଙ୍ଗର ନକ୍‌ସାଲବାଡିଠାରେ କୃଷକ-ପୋଲିସ ସଂଘର୍ଷରେ ସେନମ ବାଗଡି ନାମକ ଜଣେ ପୁଲିସ ଅଧିକାରୀଙ୍କ ମୃତ୍ୟୁ ହେଲା । ଠିକ୍ ପରଦିନ ଅର୍ଥାତ୍ ୨୪ ମଇ ୧୯୬୭ରେ ପ୍ରସାଦଜୋତଠାରେ ପୁଲିସ ବାହିନୀ ସହ ସଂଘର୍ଷରେ ୯ଜଣ କୃଷକଙ୍କ ମୃତ୍ୟୁ ହୋଇଥିଲା । ସେଥିରେ ଅଧିକାଂଶ ମହିଳା ଥିଲେ । ଏହି ଘଟଣା ପରେ ନକସାଲବାଡିରେ ବିଦ୍ରୋହ ପରିସ୍ଥିତି ସୃଷ୍ଟି ହେଲା । ୨୮ ଜୁନ୍ ୧୯୬୭ରେ ଚୀନର ପେକିଂ ରେଡିଓ ପକ୍ଷରୁ ନକ୍‌ସାଲବାଡି ହିଂସାକୁ ବାମପନ୍ଥୀ ବିପ୍ଳବ କହି ପ୍ରଶଂସା କରାଯାଇଥିଲା । ଏହାର କିଛିଦିନ ପରେ ଚାଇନା ଡେଲି ସମ୍ବାଦପତ୍ରରେ 'ଗଣତାନ୍ତ୍ରିକ ଭାରତର ଆକାଶରେ ସାମ୍ୟବାଦର ବସନ୍ତ-ତୋଫାନ' କହି ସମର୍ଥନ କରାଯାଇଥିଲା । ଏହାପରେ ଚୀନ ସରକାରଙ୍କ ପକ୍ଷରୁ ଅର୍ଥ, ଅସ୍ତ୍ର, ପ୍ରଶିକ୍ଷଣ, ସମର୍ଥନ ଆଦି ସବୁ ପ୍ରକାର ସୁବିଧା ଏହି ନବ୍ୟ କ୍ରାନ୍ତିକାରୀମାନଙ୍କୁ ଯୋଗାଇ ଦିଆଗଲା । ସମଗ୍ର ନେଫା ବା ଉତ୍ତର-ପୂର୍ବ ଅଞ୍ଚଳକୁ ଦୁର୍ବଳ କରିବାକୁ ଆରମ୍ଭ ହେଲା ଚୀନର ଗ୍ରାଣ୍ଡ ଡିଜାଇନ । ଉତ୍ତର-ପୂର୍ବାଞ୍ଚଳରେ ଛୋଟ ଛୋଟ ସନ୍ତ୍ରାସବାଦୀ ଗୋଷ୍ଠିଙ୍କୁ ମିଆଁମାର ଜଙ୍ଗଲରେ ପ୍ରଶିକ୍ଷଣ ଦେଇ ହାତରେ ବନ୍ଧୁକ ଧରାଇ ଭାରତକୁ ପଠାଗଲାବେଳେ ନେପାଳ ଓ ଭାରତକୁ ମିଶାଇ ନେପାଳର ଜଙ୍ଗଲରେ ଆରମ୍ଭ ହେଲା ଚୀନର ପ୍ରଶିକ୍ଷଣ । ଅଗଷ୍ଟ ୧୯୬୭ରେ ନକ୍‌ସାଲ ଆନ୍ଦୋଳନକୁ ସମର୍ଥନ କରିବାକୁ ନେଇ ଅନେକ ନେତାଙ୍କୁ କମ୍ୟୁନିଷ୍ଟ ଦଳରୁ ବାହାର କରି ଦିଆଗଲା ।

ମଇ ୧୯୬୭ରେ ନକ୍ସଲବାଦୀମାନେ କୋଲକାତାଠାରେ ଅଲଇଣ୍ଡିଆ କୋ-ଅର୍ଡିନେସନ କମିଟି ଅଫ୍ କମ୍ୟୁନିଷ୍ଟ ରିଭୋଲ୍ୟୁସନାରୀଜ ଦଳ ଗଠନ କଲେ । ପରେ ୨୨ ଏପ୍ରିଲ ୧୯୬୯ରେ ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଏମ୍)ରୁ ବାହାରିଯାଇ ଅଲଇଣ୍ଡିଆ କୋଅର୍ଡିନେସନ କମିଟି ଅଫ କମ୍ୟୁନିଷ୍ଟ ରିଭୋଲ୍ୟୁସ ନାରିଜ୍ ପରିବାର ସଦସ୍ୟମାନେ କମ୍ୟୁନିଷ୍ଟ ପାର୍ଟି (ମାର୍କସବାଦୀ-ଲେନିନବାଦୀ) ଗଠନ କଲେ । ବିଶେଷ କରି ଏହି ଗୋଷ୍ଠି ହିଁ ନକ୍‌ସାଲବାଦର ପ୍ରାଣ ପ୍ରତିଷ୍ଠାତା ଥିଲେ । ଏମାନଙ୍କର ପ୍ରମୁଖ ନେତା ଥିଲେ ଚାରୁ ମଜୁମଦାର, କାନୁ ସାନ୍ୟାଲ, ଜଙ୍ଗଲ ସାନ୍ତାଳ, ଖୋଦମ ମଲ୍ଲିକ ଓ ଦୀପକ ବିଶ୍ୱାସ । ଏହି ଗୋଷ୍ଠିର ଜଣେ ଆନ୍ଧ୍ରନେତା ନାଗୀ ରେଡିଡୀ ଆନ୍ଧ୍ରପ୍ରଦେଶରେ ସଶସ୍ତ୍ର ସଂଘର୍ଷକୁ ସଂଗଠିତ କରିଥିଲେ । ସେ ଦେଶର ପୂର୍ବତନ ରାଷ୍ଟ୍ରପତି ନୀଲମ ସଞ୍ଜିବ ରେଡୀଙ୍କ ସଂପର୍କୀୟ ଥିଲେ । ସେ ମାଦ୍ରାସ ବିଧାନସଭାର ସଦସ୍ୟ ଏବଂ ୧୯୫୭ରେ ଆନ୍ଧ୍ରର ଅନନ୍ତପୁର ଲୋକସଭା ଆସନରୁ ସାଂସଦଭାବେ ନିର୍ବାଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ ଦଳ ସହ ମତଭେଦ ଯୋଗୁ ତାଙ୍କୁ ଦଳରୁ ନିଷ୍କାସିତ କରାଯାଇଥିଲା ।

୨୪ଜୁନ୍ ୧୯୭୫ରେ କଂଗ୍ରେସର ନେତ୍ରୀ ତଥା ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧି ଦେଶରେ ଜରୁରୀସ୍ଥିତି ଘୋଷଣା କରିଥିଲେ । ଏହା ପୂର୍ବରୁ କିଛି ମାସଧରି ରାଜନୀତିକ ଅସ୍ଥିରତା ଲାଗି ରହିଥିଲା । ଏହି ଘୋଷଣା ପରେ ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା । ଉକ୍ତ ପରିସ୍ଥିତିରୁ ଫାଇଦା ନେବାଲାଗି ନକ୍‌ସାଲ ନେତାମାନେ ସକ୍ରୀୟ ହୋଇ ଉଠିଥିଲେ । ୟୁନିଟ୍ ସେଣ୍ଟର ଅଫ କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆର ଗଠନ ଆନ୍ଧ୍ରର ନାଗୀରେଡୀଙ୍କ ଆନ୍ଧ୍ରପ୍ରଦେଶ ରିଭୋଲ୍ୟୁସନାରି କମ୍ୟୁନିଷ୍ଟ କମିଟି ଏବଂ ଅନ୍ୟ ତିନିଗୋଟି ନକ୍‌ସାଲ ଦଳକୁ ନେଇ ଏହି ନୂଆଦଳ ମୁଣ୍ଡ ଟେକିଥିଲା ।

ନକ୍‌ସାଲନେତା ଚାରୁ ମଜୁମଦାର ସିପିଆଇ (ଏମ୍‌ଏଲ) ଦଳ ଗଠନ କଲେ ମଧ୍ୟ ଏହାର ମୁଖପତ୍ର ଦକ୍ଷିଣଦେଶ ସ୍ୱାଧୀନ ସଂସ୍ଥାଭାବେ ରହିଥିଲା । ୧୯୭୫ରେ ଦକ୍ଷିଣଦେଶକୁ ଏମ୍‌ସିସି ବା ମାଓବାଦୀ କମ୍ୟୁନିଷ୍ଟ ସେଣ୍ଟରରେ ପରିଣତ କରାଗଲା । ଏହାର ନେତୃତ୍ୱ କହ୍ନାଇ ଚାଟାର୍ଜୀ ଏବଂ ଅମୂଲ୍ୟ ସେନ ନେଉଥିଲେ । ଏ ଦୁହେଁ ଦକ୍ଷିଣ ଦେଶ ପତ୍ରିକାରେ ନିୟମିତ ଲେଖାଲେଖି କରୁଥିଲେ ହେଁ ସିପିଆଇ (ଏମ୍‌ଏଲ)ର ଧ୍ୱଂସାତ୍ମକ କାର୍ଯ୍ୟକୁ ପସନ୍ଦ କରୁନଥିଲେ । ବିହାର, ଆସାମ, କୋଲକାତା, ହାଓ୍ୱଡା ମେଦିନପୁର, ହୁଗୁଳି ଆଦି ଅଞ୍ଚଳରେ ଏମାନଙ୍କ ପ୍ରଭାବ ରହିଥିଲା । ତେବେ ପରବର୍ତ୍ତୀ ସମୟରେ ଝାଡଖଣ୍ଡ, ବିହାର, ଆସାମ ଆଦି ରାଜ୍ୟରେ ଏମ୍‌ସିସି ବହୁ ଗଣହତ୍ୟାର କାରଣ ହୋଇଥିଲା । ୧୯୭୫ରେ ଏମ୍‌ସିସି ଗଠନ ହେବାବେଳେ ସେହିବର୍ଷ ନକସଲ ନେତା ବିନୋଦ ମିଶ୍ର ସିପିଆଇ (ଏମ୍‌ଏଲ) ଗଠନ କରି ନିର୍ବାଚନକୁ ଓହ୍ଲାଇଲେ । ତାଙ୍କ ଦଳ ବିହାର ବିଧାନସଭାରେ କେତେକ ଆସନ ଦଖଲ କରିବାକୁ ସକ୍ଷମ ହେବା ସହ ଆସାମ, ବିହାର, ପଶ୍ଚିମବଙ୍ଗ, ସମେତ ଅନ୍ୟାନ୍ୟ ରାଜ୍ୟମାନଙ୍କରେ ରାଜନୀତିକ ପ୍ରଭାବ ବିସ୍ତାର କରିବାକୁ ସକ୍ଷମ ହୋଇଥିଲା ।

ଏକଦା ଚାରୁ ମଜୁମଦାରଙ୍କ ସିପିଆଇ ମାର୍କସବାଦୀ-ଲେନିନ୍‌ବାଦୀ ଦଳରେ ସଦସ୍ୟ ଥାଇ ଶ୍ରୀକାକୁଲମ୍ ଅଞ୍ଚଳରେ ଅଗ୍ରଣୀଥିବା ଜଣେ ସ୍କୁଲ ଶିକ୍ଷକ କୋଣ୍ଡାପାଲ୍ଲୀ ସୀତାରମେୟା ୧୯୮୦ରେ ପିପୁଲସ ୱାର ଗ୍ରୁପ ବା ପିଡବ୍ଲ୍ୟୁଜି ଗଠନ କରି ଆନ୍ଧ୍ର ପ୍ରଦେଶରେ ଗରିଲା ଯୁଦ୍ଧ ଆରମ୍ଭ କଲେ। କୋଣ୍ଡାପାଲିଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଯୋଗୁ ସେ ଗରିଲା ଯୁଦ୍ଧରୁ ଓହରି ଯିବାପରେ ଲକ୍ଷ୍ମୀପତି ଗଣପତି ଏହାର ନେତୃତ୍ୱ ନେଇଥିଲେ । ୨୦୦୪ରେ ଗଣପତିଙ୍କ ପିଡବ୍ଲ୍ୟୁଜି ଏବଂ ବିହାରର ଏମ୍‌ସିସିର ମିଶ୍ରଣତାରେ ଝାଡଖଣ୍ଡ, ଛତିଶଗଡ ଓ ଓଡିଶା ଏବେ ପ୍ରମୁଖ ଯୁଦ୍ଧକ୍ଷେତ୍ର ପାଲଟିଛି ।

ବାମପନ୍ଥୀ ଦଳମାନଙ୍କ ଭଲ ସମର୍ଥନ ଥିବା ରାଜ୍ୟ କେରଳରେ ପ୍ରଥମରୁ ନକସାଲବାଦକୁ ସଶକ୍ତ କରି ଗଢିତୋଳିବା ଲାଗି ମାର୍କସବାଦୀ କମ୍ୟୁନିଷ୍ଟ ନେତା ଏ ଭର୍ଗିଜ, କୁନ୍ନିକଲ ନାରାୟଣନ, ମନ୍ଦାକିନୀ ପ୍ରମୁଖ ପ୍ରଚେଷ୍ଟା ଚଳାଇଥିଲେ । ପୁଲିସ ହାଜତରେ ଭର୍ଗିଜଙ୍କ ମୃତ୍ୟୁପରେ କେରଳର କାର୍ଯ୍ୟ ଦୁର୍ବଳ ହୋଇଥିଲା । ୨୩ ନଭେମ୍ବର ୧୯୬୮ରେ କୁନ୍ନିକାଲ ନାରାୟଣନ ତାଙ୍କ ଝିଅ ଅଜିଥା ଓ ଫିଲିପ୍ ପ୍ରସାଦଙ୍କ ନେତୃତ୍ୱରେ ୧୦୦ଜଣ ସମର୍ଥକ ତେଲିଚେରୀ ଥାନା ଉପରେ ଆକ୍ରମଣ କରିଥିଲେ । ପରଦିନ ସେମାନେ ତୁଲପାଲ୍ଲି ଫାଣ୍ଡି ଉପରେ ଆକ୍ରମଣ କରି ଓୟାରଲେସ ଅପରେଟରକୁ ହତ୍ୟା କରିଥିଲେ। ହେଲେ ପରେ ସେମାନଙ୍କ ମଧ୍ୟରୁ ୩୯ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଦଣ୍ଡପ୍ରଦାନ କରାଯାଇଥିଲା ।

ଆନ୍ଧ୍ରରେ ନକ୍‌ସାଲବାଦ ବଢିବା ପଛରେ ଶ୍ରୀକାକୁଲମ ବିଦ୍ରୋହ ମୁଖ୍ୟ କାରଣଥିଲା । ୧୯୬୭ରେ ବି.ସତ୍ୟନାରାୟଣ ନାମକ ଜଣେ ସ୍କୁଲ ଶିକ୍ଷକ "ଚାଷ ଯାହାର ଜମି ତାହାର" ସ୍ଲୋଗାନ ଦେଇ ଯେଉଁ ଆହ୍ୱାନ ଦେଲେ ତାର ପ୍ରଭାବ ଦକ୍ଷିଣ ଓଡିଶାରେ ପଡିଥିଲା । ଓଡିଶାର ଗଜପତି ଜିଲ୍ଲାରେ ସୁବାରାଓ ପାଣିଗ୍ରାହୀ ଏବଂ କୋରାପୁଟ ଜିଲ୍ଲାରେ ଭୁବନମୋହନ ପଟ୍ଟନାୟକ, ନାଗଭୂଷଣ ପଟ୍ଟନାୟକ ଓ ଗଣନାଥ ପାତ୍ର ପ୍ରମୁଖ ନକ୍‌ସାଲ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ତେବେ ପରେ ଯୁବନେତା ସବ୍ୟସାଚୀ ପଣ୍ଡା ମୁଣ୍ଡବ୍ୟଥାର କାରଣ ହୋଇଥିଲେ । ଆନ୍ଧ୍ର ନକସାଲ ନେତାଙ୍କ ସହ ସବ୍ୟସାଚୀଙ୍କ ମତଭେଦ ଯୋଗୁ ସେ ମୂଳ ସଂଗଠନରୁ ଅଲଗା ହୋଇଥିଲେ । ପରେ ଗିରଫ ହୋଇ ଜେଲରେ ରହିଛନ୍ତି । ତାଙ୍କ ନେତୃତ୍ୱରେ କୋରାପୁଟ ଓ ନୟାଗଡ ସହରରେ ଅସ୍ତ୍ରାଗାରଲୁଟ ହୋଇଥିଲା । ପରେ କନ୍ଧମାଳରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାଣ୍ଡ ପଛରେ ତାଙ୍କ ଯୋଜନା ରହିଥିବା ଜଣାଯାଏ ।

ଏକଦା ଶ୍ରେଣୀବିହୀନ ସମାଜଗଠନର ଆଦର୍ଶ ନେଇ ଜନ୍ମ ନେଇଥିବା ନକସାଲବାଦ ଆଜି ଆନ୍ତର୍ଜାତିକ ସନ୍ତ୍ରାସବାଦ ସହ ନିଜକୁ ଯୋଡିଦେଇଛି । ପୃଥିବୀର ୨୧ଟି ସଂଗଠନ ସହ ସଂପର୍କ ରଖି ଆଜି ଭାରତର ମାଓବାଦୀମାନେ କାର୍ଯ୍ୟ କରୁଛନ୍ତି । ସାଇନିଂପାଥ୍ (ପେରୁ), ଆର.କେ.ପି (ଆମେରିକା), ଏମ୍.କେ.ପି (ଇଟାଲୀ), ଏମ.ଏଲ.ପି (ଜର୍ମାନୀ) ଆର.କେ.ପି (କଲମ୍ବିଆ), ଟିକେପି ଏମ୍.ଏଲ (ତୁର୍କୀ) ସହ ଭାରତର ନକସାଲ ସଂଗଠନମାନେ ସଫଳ, ରଖି କାର୍ଯ୍ୟକରୁଛନ୍ତି । ନେପାଳୀ ମାଓବାଦୀଙ୍କ ବିଶ୍ୱପ୍ରମୁଖ ଚନ୍ଦ୍ରପ୍ରକାଶ ଗଜୁରେଲ ଓରଫ ଗୌରବ ଏବଂ ତୁର୍କୀର ଓକେନ୍ ଛତିଶଗଡ ବସ୍ତରର ଅବୁଝାମାଡ ଜଙ୍ଗଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସେହିପରି ଉଲ୍‌ଫା, ପିଏଲଏ ଆଦି ଉତ୍ତର ପୂର୍ବ ସନ୍ତ୍ରାସବାଦୀ ଗୋଷ୍ଠି ସହ ମାଓବାଦୀମାନେ ସଂପର୍କ ରକ୍ଷାକରି ଚୀନ ଓ ମିଆଁମାର ବାଟରେ ଭାରତକୁ ଅସ୍ତ୍ରଶସ୍ତ୍ର ଆଣିବାକୁ ସକ୍ଷମ ହେଉଛନ୍ତି । ସେହିପରି ନେପାଳ ରାସ୍ତାରେ ଚୀନରୁ ଅସ୍ତ୍ରଶସ୍ତ୍ର ଓ ଅର୍ଥ ଆଦି ଭାରତକୁ ପ୍ରବେଶ କରି ନକସାଲଙ୍କ ହାତକୁ ଯାଉଛି ।

ସମାଜ ଭିତରେ ଥିବା ଅନେକ ଭଦ୍ରଲୋକ ନକ୍‌ସାଲଙ୍କ ପାଇଁ ମଧ୍ୟ କାର୍ଯ୍ୟରତ ଅଛନ୍ତି । ସାମାଜିକ କର୍ମୀ ବେଲା ଭାଟିଆ, ହିମାଂଶୁ କୁମାର ପ୍ରଫେସର ନନ୍ଦିନୀ ସୁନ୍ଦର, ସାମ୍ବାଦିକା ମାଳିନୀ ସୁବ୍ରମଣ୍ୟମ, ଡକ୍ଟର ବିନାୟକ ସେନ୍, ସୋନିସୋରୀଙ୍କ ପରି ଅନେକ ଲୋକ ସମାଜ ଭିତରେ ରହି ନକ୍‌ସାଲୀଙ୍କ ପାଇଁ କାର୍ଯ୍ୟକରୁଛନ୍ତି । ଏମାନେ ବିଦେଶକୁ ଯାଇ ଦେଶ ବିରୁଦ୍ଧରେ ପ୍ରଚାର କଲାବେଳେ ବିଦେଶରୁ ଏମାନଙ୍କ ବନ୍ଧୁମାନେ ଆସି ନକସାଲମାନଙ୍କ ମନୋବଳ ବଢାଇବା ପାଇଁ ଜଙ୍ଗଲମାନଙ୍କରେ ପ୍ରଶିକ୍ଷଣ ଦେଇଥାନ୍ତି । ବିଦେଶୀମାନଙ୍କ ଦ୍ୱାରା ଲିଖିତ ପୁସ୍ତକ ଅନୂଦିତ ହୋଇ ପ୍ରଶିକ୍ଷଣ ନେଉଥିବା ନକସାଲମାନଙ୍କୁ ଦିଆଯାଇଥାଏ । ଚୀନରୁ ଏପ୍ରକାର ସାହିତ୍ୟ ଅଣାଯାଇଥାଏ ।

ଆଜି ଅର୍ଦ୍ଧଶତାବ୍ଦୀ ପରେ ନକସାଲଙ୍କ ବିଶ୍ୱବ୍ୟାପି ସଂପର୍କ ଓ ସହଯୋଗରେ ଭାରତରେ ଚାଲୁଥିବା ରକ୍ତଖେଳ ଆରବରେ ଚାଲୁଥିବା ଆଇଏସର ରକ୍ତଖେଳଠାରୁ କିଛି କମ୍ ନୁହେଁ । ଆଇଏସପରି ନକସାଲଙ୍କ ବର୍ବରତା ତୁଳନା କରାଯାଇଥାଏ । ସଡକ ନିର୍ମାଣ, ବିଦ୍ୟାଳୟକୁ ବିରୋଧ କରି ବିକାଶର ରାସ୍ତାକୁ ବନ୍ଦ କରୁଥିବା ନକସାଲୀମାନେ ବନବାସୀଙ୍କ ପାଇଁ ଅନ୍ଧକାର, ଅଭାବ, ଅଶିକ୍ଷା ଓ ଅବହେଳାର ବାର୍ତ୍ତାବହ ପାଲଟିଛନ୍ତି ।

*ଭାରତୀୟ ସମ୍ବାଦ ସେବା*
*ଭୁବନେଶ୍ୱର-୭୫୧୦୦୩*

# ବାହୁଡ଼ାବେଳର ଦୃଶ୍ୟ : ଏକ ପରିକଳ୍ପନା



**ଅମିନୀଲୁ ରାୟ**

ସମଗ୍ର ଭାରତବର୍ଷରେ ଉତ୍କଳ ଭୂମି ଏକ ଜଗନ୍ନାଥ ସଂସ୍କୃତିସଂପନ୍ନ ପ୍ରାଚୀନ ସଭ୍ୟରାଜ୍ୟ ଭାବେ ପରିଚିତ । କେଉଁ ଅନାଦି କାଳରୁ ଏଠାରେ ବିଭିନ୍ନ ପ୍ରକାରର ପର୍ବପର୍ବାଣି ପାଳିତ ହୋଇଆସୁଅଛି । ଏହି କଥାକୁ ଲକ୍ଷ୍ୟ କରି "ବାର ମାସରେ ତେର ପର୍ବ" ନାମରେ ଏକ ଲୋକୋକ୍ତି ଓଡିଶାରେ ସର୍ବତ୍ର ପ୍ରଚଳିତ । ବାସ୍ତବିକ ନିସର୍ଗର ବୈବିଧ ଭଳି ପାରମ୍ପରିକ କ୍ରମେ ଗୋଟିଏ ପରେ ଗୋଟିଏ ଅସଂଖ୍ୟ ପାର୍ବଣ ପଦାର୍ପଣ କରି ଆମର ସାମାଜିକ ଜୀବନକୁ ଅତିବ ସରସ ସୁନ୍ଦର ତଥା ଆନନ୍ଦମୁଖର କରିଥାନ୍ତି । ଏଯାବତ୍ ଜଗନ୍ନାଥ ସଂସ୍କୃତିରେ ପାଳନ କରାଯାଉଥିବା ପର୍ବମାନଙ୍କ ମଧ୍ୟରୁ ବିଶ୍ୱ ପ୍ରସିଦ୍ଧ 'ଘୋଷ ପର୍ବ' ଓ 'ବାହୁଡା ପର୍ବ' ଅନ୍ୟତମ । ଆଜି ସେହି ବିଶ୍ୱ ନିୟନ୍ତା ଲୀଳାମୟ ଲୀଳାର ସାଗର ପ୍ରଭୂ ଶ୍ରୀଜଗନ୍ନାଥ, ଭଉଣୀ ସୁଭଦ୍ରା ଓ ଜ୍ୟେଷ୍ଠଭ୍ରାତା ବଳଭଦ୍ରଙ୍କ ମାଉସୀ ମା' ଘରୁ ଶ୍ରୀମନ୍ଦିର ଅଭିମୂଖେ "ବାହୁଡା ପର୍ବ" ଶ୍ରୀକ୍ଷେତ୍ରଧାମରେ ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ମହାସମାରୋହରେ ପାଳିତ ହେଉଅଛି ।

ଜଗନ୍ନାଥ ଅଷ୍ଟକଂରେ ବର୍ଣ୍ଣିତ –

"ହର ତ୍ୱଂ ସଂସାରଂ ଦ୍ରୁତତର ମସାରଂ ସୁରପତେ
ହର ତ୍ୱଂ ପାପାନାଂ ବିତତି ମପରାଂ ଯାଦବପତେ
ଅହୋ ଦୀନାନାଥଂ ନିହିତ ମଚଲଂ ନିଶ୍ଚିତପଦଂ
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ" ॥

ଘୋଷଯାତ୍ରାର ଏକ ମୁଖ୍ୟ ଅଂଶ ହେଉଛି 'ବାହୁଡା ଯାତ୍ରା' । ଏହାର ଅର୍ଥ 'ପ୍ରତ୍ୟାବର୍ତନ' । ଅର୍ଥାତ୍ ସେହିଦିନ ତିନି ଦିଅଁ ରଥୋପରେ ଉପବିଷ୍ଟ ହୋଇ ମହାସମାରୋହରେ ମାଉସୀ ମା ଘରୁ ବଡଦେଉଳକୁ ଫେରି ଆସନ୍ତି । ପବିତ୍ର ଦଶମୀ ତିଥିରେ ଏହି ଯାତ୍ରା ଅନୁଷ୍ଠିତ ହୁଏ । ସେଦିନ ମାଉସୀ ମା' ଦାଣ୍ଡରେ ଲକ୍ଷ ଲକ୍ଷ ଭକ୍ତଗଣ ଉପସ୍ଥିତ ହୋଇ ରଥଗୁଡିକୁ ରଜ୍ଜୁ ସାହାଯ୍ୟରେ ଟାଣି ଟାଣି ଶ୍ରୀମନ୍ଦିର ଅଭିମୂଖେ ଯାତ୍ରା କରନ୍ତି । ପୁଣି ଥରେ ଝାଂଜ, ମୃଦଙ୍ଗ ଓ କରତାଳି ଧ୍ୱନିରେ ଶ୍ରୀକ୍ଷେତ୍ର ଶବ୍ଦାୟିତ ହେବା ସାଙ୍ଗକୁ ହରିବୋଲ ଓ ହୁଳହୁଳି ଶବ୍ଦରେ ଗଗନ-ପବନ ପ୍ରକମ୍ପିତ ହୁଏ । ଭକ୍ତି ଗୀତ, ଜଣାଣ, ସ୍ତୁତି ଓ ସଂକୀର୍ତନ ଇତ୍ୟାଦିରେ ଶ୍ରୀକ୍ଷେତ୍ରଧାମ ଉଚ୍ଛୁଳି ଉଠେ । କିଛି କିଛି ଭକ୍ତ ପରମ ଭକ୍ତିରେ ଭାବ ପ୍ରବଣ ହୋଇ ରଥ ସମ୍ମୁଖସ୍ଥ ଧୂଳିରେ ଗଡିଯାଆନ୍ତି । କେତେକ ଭକ୍ତ ନିର୍ନିମେଷନୟନରେ ସେହି ମହାମୂର୍ତ୍ତିଆଡକୁ ଚାହିଁ ରହିଥାନ୍ତି । ଭକ୍ତି ଭାବରେ ସେମାନଙ୍କ ଚକ୍ଷୁରୁ ଅବିରଳ ଅଶ୍ରୁଧାରା ବହିଯାଉଥାଏ । ପୁନଶ୍ଚ ରଥ ଉପରେ ଥିବା ସେବକମାନେ ନୀତିଗତ ପୂଜା ବିଧିରେ ବ୍ୟସ୍ତ ରୁହନ୍ତି । ନିମ୍ନରେ ପଥ ପାର୍ଶ୍ୱରେ ଉପସ୍ଥିତ ବହୁ ଭକ୍ତ ସେମାନଙ୍କୁ ଲକ୍ଷ୍ୟକରି ନଡିଆ, କଦଳି ଓ ଦକ୍ଷିଣା ଆଦି ନିକ୍ଷେପ କରୁଥାନ୍ତି ଓ ସେବକମାନଙ୍କର ଅଭ୍ୟସ୍ତ ହସ୍ତ ସେଗୁଡିକୁ ଅବଲୀଳା କ୍ରମେ ଧରିନିଏ । ଶଙ୍ଖ, ଘଂଟ, ତୂରୀର ଧ୍ୱନି ହେତୁ ରଥଗୁଡିକର ମଧୁର ଧ୍ୱନିର ଝଙ୍କାର ଜାଗି ଉଠେ । ଭକ୍ତିତନ୍ମୟ ଜନସମୁଦ୍ର ମଧ୍ୟରେ ତିନୋଟି ବୃହଦାକାର ପୋତସଦୃଶ ରଥତ୍ରୟ ଗମନ କରୁଥାନ୍ତି । ସେତିକିବେଳେ ବଡଦାଣ୍ଡ ଲୋକାରଣ୍ୟ ହୋଇଉଠେ । ତାହାରି ମଧ୍ୟରେ ରଥଗୁଡିକ ବୃହଦାକାର ସିଂହ ସଦୃଶ ସିଂହ ଠାଣିରେ ଗତି କରୁଥାନ୍ତି । ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ମଠବାଡି ଓ ସାଧାରଣ ବ୍ୟକ୍ତିମାନଙ୍କର ଅଟ୍ଟାଳିକାଗୁଡିକରୁ ଅସଂଖ୍ୟ ନେତ୍ର ଚକାଡୋଳାଙ୍କର କରୁଣାକଟାକ୍ଷ ଆକାଂକ୍ଷାରେ ମୈତ୍ରୀଭାବ ନିବଦ୍ଧ ଥାଏ । କ୍ରମେ ବଡଦେଉଳର ସିଂହଦ୍ୱାର ପାଖରେ ତିନି ରଥ ଉପସ୍ଥିତ ହୁଅନ୍ତି । ପରବର୍ତୀ ଦିବସରେ ରଥ ଉପରେ ତିନି ଦିଅଁଙ୍କର ସୁନାବେଶ ହୁଏ । ସେତେବେଳେ ମୂର୍ତିଗୁଡିକ ସୁବର୍ଣ୍ଣମଣ୍ଡିତ ହୋଇ ଚମତ୍କାର ଭାବରେ ଶୋଭା ପାଉଥାନ୍ତି । ଏହିପରି ଭାବରେ ମହାସମାରୋହରେ ଘୋଷ ପର୍ବର ଦୁଇ ବିଶିଷ୍ଟ ଅଂଶ ଗୁଣ୍ଡିଚା ଯାତ୍ରା ଓ ବାହୁଡା ଯାତ୍ରା ସମାହିତ ହୁଏ । ସର୍ବଶେଷରେ ଦିଅଁମାନଙ୍କୁ ପହଣ୍ଡି ବିଜେ କରାଇ ବଡଦେଉଳକୁ ନିଆଯାଇଥାଏ ।

"ପରଂବ୍ରହ୍ମାପୀଡଃ
କୁବଳୟଦଳୋତ୍ଫୁଲୋନୟନୋ
ନିବାସୀ ନିଳାଦ୍ରୌ
ନିହିତ ଚରଣୋଽନ୍ତଶିରସି ରସାନନ୍ଦ
ରାଧା
ସରସବପୁରାଲିଙ୍ଗନସୁଖୋ



ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ
ଭବତୁ ମେ" ॥

ଉତ୍କଳୀୟ ସଂସ୍କୃତିରେ ଉକ୍ତ ପର୍ବ ଏକ ମହାନ୍ ଆଦର୍ଶର ପ୍ରତୀକ । ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ- ପ୍ରାଚୀନ କାଳରେ ରାଜା ମହାରାଜାମାନେ ଏହି ଯାତ୍ରାରୁ ଏକ ମହତ୍ ଶିକ୍ଷା ପାଉଥିଲେ । ରାଜ ପରିଷଦ ଓ ରାଜକାର୍ଯ୍ୟ ମଧ୍ୟରେ ଆବଦ୍ଧ ହୋଇ ସେମାନେ ଜନସାଧାରଣମାନଙ୍କୁ ଦର୍ଶନ ଦେବା ନିମନ୍ତେ ପରାଂମୁଖ ହୋଇଥାନ୍ତି । ରାଜ କର୍ମଚାରୀଙ୍କ ମାଧ୍ୟମରେ ସେମାନେ ପ୍ରଜାମାନଙ୍କୁ ଶାସନ କରିଥାନ୍ତି । କିନ୍ତୁ ରଥଯାତ୍ରା ସେମାନଙ୍କୁ ଏହି ଶିକ୍ଷା ଦିଏ ଯେ- ସେମାନଙ୍କର ବର୍ଷକୁ ଅନ୍ତତଃ ଥରେ ମାତ୍ର ପ୍ରଜାମାନଙ୍କୁ ଦର୍ଶନ ଦେବା ସହିତ ସେମାନଙ୍କୁ ସ୍ୱଚକ୍ଷୁରେ ମଧ୍ୟ ଦେଖିବା ଉଚିତ୍ । ତତ୍‌ଦ୍ୱାରା ରାଜା ନିଜର ପ୍ରଜାମାନଙ୍କ ସମ୍ପର୍କରେ ଏକ ମୋଟାମୋଟି ଧାରଣା ଲାଭ କରିଥାନ୍ତି । ପ୍ରଜାମାନେ ନିଜର ସର୍ବୋଚ୍ଚ ଶାସକଙ୍କୁ ସ୍ୱଚକ୍ଷୁରେ ଦେଖି ଆସ୍ୱସ୍ତି ଅନୁଭବ କରନ୍ତି । ଯାହା ଫଳରେ ରାଜା ଓ ପ୍ରଜାଙ୍କ ମଧ୍ୟରେ ସୁସଂପର୍କ ନିବିଡ ହୁଏ ଓ କର୍ମଚାରୀମାନେ ସ୍ୱାର୍ଥ ପ୍ରଣୋଦିତ ହୋଇ ପ୍ରଜାମାନଙ୍କର ଅନିଷ୍ଟ କରିବାକୁ ଶଙ୍କିତ ହୁଅନ୍ତି ।

ତିନି ଦିଅଁ ବଡଦେଉଳକୁ ପ୍ରତ୍ୟାବର୍ତନ କରୁଥିବା ସମୟରେ ଓଡିଶା ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗ ଓ ଶାନ୍ତିରକ୍ଷା ବିଭାଗଦ୍ୱୟ ତତ୍ପର ହୋଇଉଠନ୍ତି । ସଂକ୍ରାମକ ରୋଗର ଆଶଙ୍କା ଦୂର କରିବା ପାଇଁ ପୁରୀ ରେଳ ଷ୍ଟେସନରେ ଡାକ୍ତରମାନେ ବୁଲି ସେହି ଯାତ୍ରୀ ଭିଡ ମଧ୍ୟରେ ଯାତ୍ରୀମାନଙ୍କୁ ହଇଜା ପ୍ରତିଷେଧକ ଇଂଜେକସନ୍ ଦେବାରେ ଲାଗିପଡନ୍ତି । ଚୋରୀ, ଡକାୟତି, ନାରୀ ହରଣ ଇତ୍ୟାଦି ସମାଜ ବିରୋଧୀ କାର୍ଯ୍ୟକଳାପ ବନ୍ଦ କରିବା ଓ ଜନ ଗହଳି ମଧ୍ୟରେ ନିରୁଦ୍ଦିଷ୍ଟ ବ୍ୟକ୍ତିମାନଙ୍କୁ ଖୋଜି ବାହାର କରିବା ପାଇଁ ସରକାରଙ୍କର ପୋଲିସ୍ ବିଭାଗ ମନ ପ୍ରାଣ ଦେଇ ଲାଗି ପଡନ୍ତି । ଗୁମାସ୍ତାମାନେ ବିଦେଶାଗତ ଯାତ୍ରୀମାନଙ୍କୁ ଆଣି ପଣ୍ଡାମାନଙ୍କ ଦାୟିତ୍ୱରେ ଅର୍ପଣ କରନ୍ତି । ପଣ୍ଡାମାନେ ସେମାନଙ୍କର ରହଣି, ବସା, ସଂଚା ପ୍ରଭୃତିର ସୁବ୍ୟବସ୍ଥା କରନ୍ତି । ଫଟୋଗ୍ରାଫରମାନେ ମଧ୍ୟ ବିଭିନ୍ନ ସ୍ଥାନରୁ ରଥ ଓ ପ୍ରତ୍ୟାବର୍ତନର ଆଲୋକ ଚିତ୍ରମାନ ଗ୍ରହଣ କରନ୍ତି । ତ୍ରିମୂର୍ତିଙ୍କ ଫେରିବା ସମୟର ଧାରା ବିବରଣୀ ଚତୁର୍ଦ୍ଦିଗକୁ ପ୍ରେରଣ କରିବା ନିମିତ ଭାରତର ବେତାର ବିଭାଗ ବିଶେଷ ବ୍ୟବସ୍ଥା କରିଥାନ୍ତି । ଉତ୍ସାହ ଉନ୍ମାଦନାରେ ଶ୍ରୀଧାମଗାମୀ ଜନତା ଆତ୍ମହରା ହୋଇଉଠନ୍ତି । ପ୍ରତ୍ୟାବର୍ତନ ସମୟର ଦୃଶ୍ୟ ଅତ୍ୟନ୍ତ ମନୋରମ ଓ ହୃଦୟସ୍ପର୍ଶୀ । ରଥାରୁଢ ଜଗା, ବଳିଆ ଓ ଭଉଣୀ ସୁଭଦ୍ରାକୁ ଅପଲକ ନୟନରେ ଜଂଜାଳଗ୍ରସ୍ତ ମଣିଷ ନିଜର ସମସ୍ତ ଗ୍ଲାନି ଓ ଅବସାଦକୁ ପ୍ରଭୂଙ୍କ ଶ୍ରୀଚରଣରେ ଅଜାଡି ଦେଇ, ଭାରାକ୍ରାନ୍ତ ପ୍ରାଣକୁ ଟିକେ ଉଶ୍ୱାସ କରି ଆନନ୍ଦ ଅନୁଭବ କରିଥାଏ । ପୁନଶ୍ଚ ସେ ସେହି ଜନ ସମୁଦ୍ର ମଧ୍ୟରେ ତଥା ଭାବ ବିହ୍ୱଳରେ, ପ୍ରଭୂଙ୍କ ପାଦପଦ୍ମରେ ନିଜକୁ ଏକ କ୍ଷୁଦ୍ର ଉର୍ମି ଭଳି ହଜାଇ ଦେଇ ଅପୂର୍ବ ଆବେଗ ମନରେ ତା ମୁଖରୁ ସୁଲଳିତ କଣ୍ଠରେ ଭାସିଆସେ-

"ଜଗନ୍ନାଥ ହୋ, କିଛି ମାଗୁ ନାହିଁ ତୋତେ
ଧନ ମାଗୁ ନାହିଁ, ଜନ ମାଗୁ ନାହିଁ,
ମାଗୁଛି ଶରଧାବାଲିରୁ ହାତେ" ॥

ତେଣୁ ସଂକ୍ଷେପରେ କହିବାକୁ ଗଲେ- ମନ୍ଦିରମାଳିନୀ ଓଡିଶାର ତଥା ଉତ୍କଳୀୟମାନଙ୍କର ପରମ ଆରାଧ ଦେବତା ପ୍ରଭୂ ଶ୍ରୀଜଗନ୍ନାଥ ହେଉଛନ୍ତି ସମଗ୍ର ହିନ୍ଦୁ ଜାତିର ନମସ୍ୟ । ତାଙ୍କର ଅଧିଷ୍ଠାନ କ୍ଷେତ୍ର ଶ୍ରୀକ୍ଷେତ୍ର ଲୀଳାମୂଖର ଜଗନ୍ନାଥ ଧାମକୁ କେନ୍ଦ୍ର କରି ଗଢି ଉଠିଛି ଅନେକ ପର୍ବ ପର୍ବାଣି, ପାରମ୍ପରିକ ଉତ୍ସବ ତଥା ମହୋତ୍ସବ । ତାଙ୍କୁ ଆଧାର କରି ଲେଖାଯାଇଛି ଅସଂଖ୍ୟ ଗ୍ରନ୍ଥ । ଏ କଳିଯୁଗରେ ପାପୀମାନଙ୍କୁ ବିନାଶ କରିବା ପାଇଁ ତାଙ୍କୁ କଳ୍କୀ ଅବତାର ନେବାକୁ ପଡିଛି । ଯାହା ଫଳରେ ପ୍ରତିବର୍ଷ ବନ୍ୟା, ବାତ୍ୟା, ମରୁଡି, ଭୂମିକମ୍ପ ଇତ୍ୟାଦିରେ ଅନେକ ଲୋକଙ୍କର ପ୍ରାଣହାନି ଘଟୁଛି । ଏହି ବିଶ୍ୱ ପ୍ରସିଦ୍ଧ ଯାତ୍ରା ବା ପର୍ବ ହେଉଛି ତାଙ୍କର ଏକ ମହାନ୍ ଲୀଳା କହିଲେ ଅତ୍ୟୁକ୍ତି ହେବ ନାହିଁ । ସତରେ, ପ୍ରଭୂଙ୍କ ଲୀଳା ଅଦ୍ଭୁତ ଓ ଚମତ୍କାର । ଆମ ପରି ସାଧାରଣ ସଂସାରଗ୍ରସ୍ତ ମଣିଷ ପକ୍ଷେ ଏସବୁ ବୁଝିବା କଷ୍ଟସାଧ୍ୟ ନିଶ୍ଚୟ । ତେଣୁ କୁହାଯାଇଛି –

"ନାହିଁ ସେ ବଇଁଶୀ , ନାହିଁ ସେ ମୟୂର ଚୁଳ
ହାତ ନାହିଁ ପାଦ ନାହିଁ ତମେ ଖଣ୍ଡେ ମାଦଳ ।
ହାତ ନାହିଁ କିମ୍ବା ତୁମ୍ଭେ ହେଲ ମହାବାହୁ
ତୁମ୍ଭ ଲୀଳା ଅଗୋଚର ବୁଝିବ ବା କେହୁ" ।

*ଘାଗଡା, ରାହାମା*
*ଜଗତ୍‌ସିଂହପୁର*

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର, ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯


ଏକମାତ୍ର
ଅନୁସନ୍ଧାନ ପରେ ଖବର
ଉଚ୍ଛ୍ୱାସ
Bhubaneswar, 3rd - 9th July, 2017
ଭୁବନେଶ୍ୱର, ୦୩ -୦୯ ଜୁଲାଇ, ୨୦୧୭


# ବେଦନାର ବେଦ (୨୩)

ଧାରାବାହିକ ଉପନ୍ୟାସ



**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍: khirod65@gmail.com



**ଚ**ନ୍ଦନ ସେତେବେଳକୁ ଉଠି ବସିଥାଏ ଖଟିଆ ଉପରେ। ତା'ମୁହଁ ଦେଖାଯାଉଥାଏ ସ୍ୱଚ୍ଛ ଆକାଶ ପରି ନିର୍ମଳ, ପରିଷ୍କାର। ଯନ୍ତ୍ରଣାର ଚିହ୍ନ ବର୍ଣ୍ଣ ନଥିଲା ସେ ମୁହଁରେ। ଥିଲା ଯାହା ଚେନାଏ କୁକୁସ୍ଥ ଭାବ! ଡବ ଡବ ଆଖିରେ ସେ ଖାଲି ଚାହୁଁଥାଏ ଯା'ଆସ କରୁଥିବା ମଣିଷମାନଙ୍କୁ। ତାକୁ ନେଇ ଯେ ଏକ ଅଜବ ଖେଳ ଚାଲିଛି ଏବଂ ଖାସ୍ ସେଇଥିପାଇଁ ଯେ ତା'ବାପା ଓ ବୋଉ ଦୁଃଖୀ ଜଣାପଡୁଛନ୍ତି, ଏକଥା ତା' ଛୋଟିଆ ମୁଣ୍ଡ ଅଳ୍ପ ଅଳ୍ପ ଜାଣି ପାରୁଥାଏ।

ପୁଅର ନିରିମାଖି ମୁହଁଟିକୁ ଚାହିଁ ଦେବାକ୍ଷଣି ଛାତି ଭିତର ଫାଟି ପଡୁଥାଏ ତୀବ୍ର ଏକ ଯନ୍ତ୍ରଣାରେ। ଭିରୁ ଉଠି ଆସୁଥାଏ ଗବ୍ ଗବ୍ ବାମ୍ଫଉଠା କୋହ। ଏତେ ଯନ୍ତ୍ରଣାଳ, ଏତେ ଦୁଃଖ, ଏତେ ଅଶ୍ୱସ୍ତିକୁ ନିଜ ଭିତରେ ଆବଦ୍ଧ କରି ରଖିଥିବା ଏ ଛାତି ଫାଟିଯିବ କି? ପିଚ୍କି ବାହାରି ଆସିବ କି ହାଡ ମାଂସ ଚର୍ମର ଆବରଣ ଭିତରେ ଲୁଚି ରହିଥିବା ସବୁ ପଦାର୍ଥ! ଚକ୍ରଧରର ମୁହଁ ଦେଖାଯାଉଥିଲା ଭୟାର୍ତ୍ତ, ଖଣ୍ଡେ ସାଧା କାଗଜ ପରି ଶୂନ୍ୟ। ବାହାରେ ନାନା କୋଳାହଳ, କାର୍ଯ୍ୟବ୍ୟସ୍ତତା ଓ ଅସ୍ଥିରତା ସତ୍ତ୍ୱେ, ସେ ଆଦୌ ଅନୁଭବ କରି ପାରୁନଥିଲା କାହାର ସ୍ଥିତି, ଅବସ୍ଥିତି।

ଏ ପୃଥିବୀର ହୃଦୟରେ ବୋଧହୁଏ ସମସ୍ତେ ଏକା ଏକା। ଜୀବନ ଯେ ରାଶି ରାଶି ଦୁଃଖ, ମହଣ ମହଣ ଯନ୍ତ୍ରଣା ଓ କୁଡ଼ କୁଡ଼ ଦୀର୍ଘଶ୍ୱାସର ସମାହାର, ଏକଥା କ୍ରମେ ଘନୀଭୂତ ହୋଇଯାଉଥିଲା ଚକ୍ରଧରର ମନ ଭିତରେ। ସେଇ ଦୀର୍ଘଶ୍ୱାସର ଘୂର୍ଣ୍ଣି ଭିତରେ, ଦୁଃଖ ଓ ଯନ୍ତ୍ରଣାର ଚଉହଦୀ ଭିତରେ ପଡ଼ି ଛଟପଟ ହେବା, ନିଃଶବ୍ଦ ଆର୍ତ୍ତନାଦ କରିବା ଏବଂ ଧୀରେ ଧୀରେ ସମସ୍ତ ଅଲକ୍ଷରେ ନିଃଶେଷ ହୋଇଯାଇ ଆସର ଏ ସଂସାରରୁ ବିଦାୟ ନେଇଯିବା ହିଁ ବୋଧହୁଏ ଏ ଜୀବନର ଶେଷ ପରିଣତି!!

ପୁଣି ଜଣେ ନର୍ସ ଆସିଲା କେବିନ୍ ଭିତରକୁ। ପୁଅର ବେଡ୍ ପାଖରେ ଟଙ୍ଗା ଯାଇଥିବା ଡେଲି ରୁଟିନ୍ ଚାର୍ଟ ଓ ପ୍ରେସ୍କ୍ରିପ୍ସନକୁ ଆଣି ପଢ଼ିଲା ଏବଂ ଆଉ କ'ଣ ସବୁ ଲେଖୁଥିବା ବେଳେ କୁଆଡକୁ ନ ଚାହିଁ କହିଲା - "ତଳ କାଉଣ୍ଟରରେ ପାଞ୍ଚହଜାର ଟଙ୍କା ଜମା କରିଦେଇ ଆସ, ଶୀଘ୍ର। ତୁମର ବାକି ଅଛି। ଆଉ ଅଧଘଣ୍ଟା ପରେ ଡାକ୍ତର ଆସି ପହଞ୍ଚିବେ। ବୋଧହୁଏ ସାଢ଼େ ଦଶଟା ବେଳକୁ ଅପରେସନ୍ ହେବ।"

ଆକାଶରେ ଏବେ ଖରା ଅଛି ନା ମେଘ? ଚାରିଆଡ଼େ ତ ଖରା ବିଞ୍ଚିହୋଇ ପଡ଼ିଛି! ତେବେ ବିନା ମେଘରେ ଏଡ଼େ ପ୍ରଚଣ୍ଡ ଘଡଘଡିଟାଏ କୋଉଠି ମାରିଲା? ସେ ଘଡ଼ଘଡ଼ିର ଶବ୍ଦ ଏତେ ଭୟଙ୍କର, ସତେ କି ଫାଟିଯିବ ଛାତି! ସତେକି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡିବ ଆକାଶ! ସତେକି ମାଟି ଧସିଯିବ ପାତାଳକୁ!!

ତଥାପି ଧୈର୍ଯ୍ୟ ସାଉଁଟି ଚକ୍ରଧର ଅବୁଝା ସ୍ୱରରେ ପଚାରିଲା - "ଆଉ ପାଞ୍ଚହଜାର ଟଙ୍କା! କାଇଁକି? କ'ଣ ପାଇଁ?"

ନର୍ସ ଜଣକ ଏଥର ଉପରକୁ ମୁହଁଟେକି ଚକ୍ରଧରକୁ ଚାହିଁଲା ଏବଂ ଦୟାମାୟାହୀନ, ନିର୍ଲିପ୍ତ ସ୍ୱରରେ କହିଲା- "ସମୁଦାୟ ଦଶ ହଜାରରୁ ତମେ ମାତ୍ର ପାଞ୍ଚହଜାର ଜମା କରିଛ। ଅପରେସନ୍ ପୂର୍ବରୁ ଅବଶିଷ୍ଟ ପାଞ୍ଚହଜାର ଟଙ୍କା ଜମା କରିବାକୁ ଡାକ୍ତର କହିଛନ୍ତି। ନହେଲେ ଅସୁବିଧା!"

"ଅସୁବିଧା! କି ଅସୁବିଧା?" - ଚକ୍ରଧର କିଛି ବୁଝିନପାରି ପଚାରିଲା। ତା'ସ୍ୱରରେ ସେତେବେଳେ କ୍ରୋଧ କି ଉତ୍କଣ୍ଠା ନଥିଲା, ଥିଲା ଗୋଟେ ଆକୁଳଭାବ।

ବସିବା ସ୍ଥାନରୁ ଉଠିଆସି ଚମ୍ପା କହିଲା- "ଆଲୋ ଝିଅ, ତମ କଥା ସତ। ସେ କଥା କ'ଣ ଆମେ ଜାଣିନୁ? ଜାଣିଛୁ ଯେ, ହେଲେ ମୋ ପୁତୁରା ସଞ୍ଜୁଆ ପରା ଡାକତର ବାବୁଙ୍କୁ କୁହାବୋଲା କରି ପାଞ୍ଚହଜାରରେ କଥା ଛିଣ୍ଡେଇଥିଲା! ଡାକତରବାବୁ ରାଜି ହୋଇଥିଲେ! ତାଙ୍କ ସହିତ ମୋ ପୁତୁରାର ଭାରି ଭଲ ଭାବଦୋସ୍ତି। ତମେ ଝିଅ ବୋଧେ ନ ଜାଣି ଏକଥା କହିଦେଲ!"

ନର୍ସଟିର ସ୍ୱାଭିମାନରେ ବୋଧହୁଏ ଆଘାତ ଲାଗିଲା। ସେ ଟିକେ ଚଢ଼ା ଗଳାରେ କହିଲା- "ମୁଁ ଜାଣିନି, ତମେ ମୋ'ଠାରୁ ବେଶି ଜାଣିଛ? ମତେ କୁହାଗଲା ତୁମକୁ ଟଙ୍କା କଥା କହିଦେବା ପାଇଁ। ଖୋଦ୍ ତ୍ରିପାଠୀ ସାର୍ ଫୋନ୍ କରି କହିଲେ ଟଙ୍କା ଜମା କରିବାକୁ। ଆଉ ତମେ କହୁଛ ମୁଁ କିଛି ଜାଣିନାହିଁ! ନ ଜାଣିଲେ ନାଇଁ! ମୋ କହିବା କଥା ମୁଁ କହିଦେଲି, ତେଣିକି ତମ ଇଚ୍ଛା। ଟଙ୍କା ଜମା କଲେ କର, ନ କଲେ ନାଇଁ! ହେଲେ ଗୋଟାଏ କଥା ମୁଁ ଆଉ ଥରେ ସଫା ସଫା କହିଦେଉଛି, ଯେତେ ଶୀଘ୍ର ଟଙ୍କା ଜମା କରିବ, ସେତେ ଶୀଘ୍ର ଅପରେସନ୍ ହେବ। ଡାକ୍ତର ଆଉ ଟିକେ ପରେ ଆସି ପହଞ୍ଚିବେ।"

ପ୍ରଥମରୁ ସାଧାସିଧା ଓ ଭାରି ନମ୍ର ଜଣାପଡୁଥିବା ନର୍ସ ଜଣକ ଟାଇଁ ଟାଇଁ କଥା କହିଦେଇ, ନିତମ୍ବ ହଲାଇ ହଲାଇ ବାହାରିଗଲା ସେ କେବିନ୍ ଭିତରୁ, ଖୁବ୍ ଜରୁରୀ କାମ ଥିବା ପରି।

କାବା ହୋଇଗଲା ଚକ୍ରଧର। ସ୍ତବ୍ଧ ହୋଇଗଲା ଚମ୍ପା। ଚକ୍ରଧର ଚାହିଁଲା ଚମ୍ପା ମୁହଁକୁ। ଚମ୍ପା ଚାହିଁଲା ଚକ୍ରଧର ମୁହଁକୁ। ଉଭୟ ସ୍ୱାମୀ-ସ୍ତ୍ରୀ ବୋଧହୁଏ ମୁହଁ ଚାହାଁଚାହିଁ ହୋଇ ନିରବରେ ପଢ଼ିବାକୁ ଚେଷ୍ଟା କରୁଥିଲେ ଉଭୟଙ୍କ ମୁହଁରେ ସେ ସମୟରେ ଲେଖାହୋଇ ଯାଇଥିବା ଦୁଃଖ ଓ ଅସହାୟତାର କରୁଣ ହସ୍ତାକ୍ଷରକୁ। ଶକ୍ତ ରଶିଟାଏ ସତେଯେପରି ବାନ୍ଧି ହୋଇଯାଇଥିଲା ସେମାନଙ୍କ ନିରୀହ ବେକ ଚାରି ପାଖରେ!

ବେଳକୁ ବେଳ ସେମାନେ ନିର୍ବୋଧ ଓ ପରାଜିତ ହୋଇପଡୁଥିଲେ।

କୁଆଡ଼େ ଗଲା ସଞ୍ଜୁଆ?

ଚକ୍ରଧର ଉଠି ବାହାରକୁ ଚାଲିଗଲା। ତଳ ଉପର ହୋଇ, ଏପାଖ ସେପାଖ ହୋଇ ଘଡ଼ିଏ ଖୋଜିଲା। ବାହାରେ ଥିବା ଛୋଟକାଟର ବଜାରଟିର ପ୍ରତିଟି ଦୋକାନ ଉପରେ ଆଖି ବୁଲାଇଲା ଏବଂ ହତାଶ ହୋଇ ଫେରିଆସି କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ବସି ପଡ଼ିଲା ତଳ ମହଲାର ବାରଣ୍ଡାରେ ପଡ଼ିଥିବା ଚେୟାରରେ। ତାକୁ ଭାରି କ୍ଳାନ୍ତ ଲାଗୁଥିଲା। ତାକୁ ଭାରି କାନ୍ଦ ଲାଗୁଥିଲା। ତଥାପି ସେ ସେଠି ବସି ରହିଲା, କାଳେ ସଞ୍ଜୟ ଓରଫ ସଞ୍ଜୁଆ ଆସିଯିବ! ଏପାଖ ସେପାଖ ଯା'ଆସ କରୁଥିବା ପ୍ରତିଟି ମଣିଷ ତାକୁ ସଞ୍ଜୁଆ ପରି ଦେଖାଯାଉଥିଲେ। ସେ ଉଠିଲା ଏବଂ ପୁଣିଥରେ ତଳ ଉପର, ଏପାଖ ସେପାଖ, ଦୋକାନ ବଜାର ଖୋଜି ପକାଇଲା। ହତାଶ ହୋଇ ଫେରିଆସିଲା କେବିନ୍କୁ। ନିଷ୍କମ୍ପ ସ୍ୱରରେ ଚମ୍ପାକୁ ପଚାରିଲା- "ଦେଖିଲୁ, ଆଉ କେତେ ଟଙ୍କା ଅଛି?"

ଗଣ୍ଠି ପରେ ଗଣ୍ଠି ଫିଟାଇ ଚମ୍ପା ଗଣି ଗଣି କହିଲା- "ତିନି ହଜାର ସାତଶହ କୋଡ଼ିଏ ଟଙ୍କା।"

ଚକ୍ରଧର ଛାତକୁ ଚାହିଁ ମନେ ମନେ ହିସାବ କଲା- ଗାଁରୁ ଆସିବା ସମୟରେ ସେ ସାଙ୍ଗରେ ଆଣିଥିଲା ଦଶହଜାର ଟଙ୍କା। ସମୁଦାୟ ଦଶହଜାରରୁ ପ୍ରଥମ ଦିନ ଜମା କରାଯାଇଥିଲା ପାଞ୍ଚହଜାର ଟଙ୍କା। ଖିଆପିଆ ଓ ଅନ୍ୟାନ୍ୟ ବାବଦକୁ ଖର୍ଚ୍ଚ ହୋଇଚି ପ୍ରାୟ ବାରଶହ ଟଙ୍କା। ଆଉ ବଳିଛି ଏତିକି!!

ସର୍ବମୋଟ ଏତିକି!!

ଚକ୍ରଧର ଭାଙ୍ଗିପଡୁଥିଲା ଦୁର୍ବଳ ଗଛଟିଏ ପରି। ତା' ଭିତରେ ସମ୍ପ୍ରସାରିତ ହେଉଥିଲା ଗୋଟେ ଶୂନ୍ୟତା। ସେ ଶୂନ୍ୟତା ଧୀରେ ଧୀରେ କାୟା ବିସ୍ତାର କରି ବିଶାଳ ହୋଇପଡୁଥିଲା ଏବଂ ଅଜଗର ପରି ଚାହୁଁ ଚାହୁଁ ଗ୍ରାସ କରି ପକାଉଥିଲା ତା' ସମୁଦାୟ ସତ୍ତାକୁ। ଧୀରେ ଧୀରେ ତା'ଭିତରର ସବୁ ପ୍ରାଣ ପ୍ରାଚୁର୍ଯ୍ୟ ଚିପୁଡି ହୋଇଯାଉଥିଲା।

କ'ଣ କରିବା?- ପଞ୍ଚାକ୍ଷରୀ ମନ୍ତ୍ରଟିଏ ପରି ଚକ୍ରଧରର ଏଇ କଥାପଦକ ବୋହି ଆଣୁଥିଲା ପାହାଡ ପ୍ରମାଣ ଅସହାୟତା।

କ'ଣ କରିବା?- ଚମ୍ପାର ଏ କଥାପଦକ ଶୁଭୁଥିଲା ଆହୁରି ଫମ୍ପା, ଆହୁରି ଭୟ ବିଜଡିତ ଓ ଦୟନୀୟ।

*କ୍ରମଶଃ...*

ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

# କ୍ୟାଲେଣ୍ଡରରେ ମୋ ମୁହଁ



**ଦୁର୍ଗାଚରଣ ଷଡଙ୍ଗୀ**

**ବା**ପା ମୋର କେବେଠୁ
କ୍ୟାଲେଣ୍ଡର ହୋଇଗଲେଣି ସ୍ମୃତିର କାନ୍ଥରେ
ଚନ୍ଦନ ଟିପାରେ ଲୁଚିଗଲାଣି ତାଙ୍କ ହସ ହସ ମୁହଁ
ଭୁଲି ଗଲିଣି ସବୁ ବେଦ ବାକ୍ୟ
ଯାହା ମୋତେ ଶିଖାଇଥିଲେ ଶୈଶବରେ
ଦିନେ ଆକଟ କରି ହୁଏତ ମୋ ତରୁଣ କାଳରେ।

ସବୁ ଶୁଣି ଚୁପ୍ ରହୁଥିଲି ତ କିଛି ଭାବୁଥିଲି
ଚେତନାରେ ପାପ ଏବଂ ନର୍କର ଶୋଚନା
ଶୀତଳ କରିଦେଉଥିଲା ମୋ ହାଡ଼ ମାଂସ ରକ୍ତ।

ମନେ ଅଛି, ବାପା ମୋର କହୁଥିଲେ ପୁଅ
ନିଜଠୁ ବେଶି ନିଜ ପଡ଼ୋଶୀକୁ ଚାହଁ
ଦେଖ ଏ ଆକାଶ ଆଉ ବିପୁଳା ଧରିତ୍ରୀ
ଡାକୁଛି ଆକୁଳେ ଆମ ପ୍ରିୟତମ ଦେଶ।

ଏବେ ମୁଁ କ'ଣ କହି ରାସ୍ତା ଦେଖାଇବି ମୋ ପୁଅକୁ
କ'ଣ କହି ବୁଝାଇବି ତାକୁ ଭଲ ପାଇବାର କଥା
ତା'ପଢ଼ା ଘରର କାନ୍ଥ ସବୁତ ଛାଇଗଲାଣି
ସିନେମା ପୋଷ୍ଟର ଭଳି ଗୁଚି ଖେଳାଳିଙ୍କ ଛବିରେ
ତା'ଆଖି ଆଗରେ ଟିଭି, ମୋବାଇଲ
ଆଉ ସେ ଜାନୁ ଜଘନ ମୁକ୍ତ
ରକ୍‌ରୋଲର ନାଚ।

ଦିନେ ଏବେ ଆକଟ କରି ପୁଅକୁ କହିଲି
ବାବୁ ଶୁଣ, ଆମ ଦେଶପାଇଁଏ ସମୟଟା
ଖୁବ୍ ଦୁର୍ଦିନ ଓ ଘଡ଼ିସନ୍ଧିର ବେଳ
ଜାଣନି କି ସୀମାନ୍ତରେ ଶତ୍ରୁ
ପ୍ରତି ଘରେ ଦୁଃଖ, ଘନ ଘୋର ଭୋକର ଅନ୍ଧାର
ଆମକୁରେ ପୁଅ କିଛି ତ କରିବାକୁ ହେବ!

ପୁଅ ମୋର ବିଜ୍ଞ ମଣିଷ ଭଳି
ସେଦିନ ଆକଟି କହିଲା,
ତମେ କ'ଣ ଭୁଲି ଗଲ ବି ବାପା
ଏ ସବୁର ଖର୍ଚ୍ଚ ପାଇଁ ତମେ ପରା
ବର୍ଷସାରା ତମ ଦରମାରୁ
ଅଧେ ଖାଲି ଟିକସ ଦେଉଛ!

*କାର୍ଯ୍ୟନିର୍ବାହୀ ସମ୍ପାଦକ, କଥାକଳିକା*
*ସହିଦନଗର, ଭୁବନେଶ୍ୱର*

# କୁନାବାପାଙ୍କ କୁନିକଥା ୬



**ସ**କାଳର ଚାହାକପ୍ ସହ ଖବରକାଗଜ ପଢ଼ାରେ ବ୍ୟସ୍ତଥିଲେ କୁନାବାପା। ବହୁ ଗୁରୁତ୍ୱପୂର୍ଣ୍ଣ ଖବର ଉପରେ ନଜର ପକେଇବା ବେଳେ ଜାଣିଲେ ଯେ ମୁସଲମାନ ମାନଙ୍କ ପବିତ୍ର ଧର୍ମମାସ ଚାଲିଛି। ଫୋନକରି ଜଣେ ବନ୍ଧୁଙ୍କୁ ଶୁଭେଚ୍ଛା ବି ଜଣେଇଲେ ଓ ବନ୍ଧୁଙ୍କ ଘରକୁ ଦିନେ ସାନ୍ୟଧ ଭୋଜନରେ ନିମନ୍ତ୍ରଣ ମଧ୍ୟ ପାଇଲେ। ତେଣେ କୁନାବୋଉ ସକାଳ ଜଳଖିଆ ତିଆରି କରିବାରେ ବ୍ୟସ୍ତଥିଲେ ମଧ୍ୟ ସବୁ ଶୁଣିପାରୁଥାନ୍ତି। ପଚାରିଲେ 'କୁଆଡେ ଯିବାର ବ୍ୟବସ୍ଥା ହେଉଛି ଶୁଣେ। ପୁଣି କିଛି ନୂଆ ଗାମୁଛା ଓ ଟୋପି କିଣିବ ନା କ'ଣ?

କୁନାବାପା ହତଚକିତ ହୋଇ ରହିଗଲେ, ଗାମୁଛା ଓ ଟୋପି କିଣା! କ'ଣ ପାଇଁ ହେବ? ତା'ପରେ କହିଲେ - ସେଗୁଡା କଣ ଆମଘରେ ଅଭାବ ଯେ କିଣିବି? ତୁମେ କୋଉ ଗାମୁଛା ଓ ଟୋପି କଥା କହୁଛ କି କୁନାବୋଉ? କୁନାବୋଉ ସବ୍ ଜାନତାର ଦରହାସ୍ୟ ବଦନରେ କହିଲେ - ମୋତେ କ'ଣ ବୋକି ଭାବିଛ, କିଛି ଜାଣିନି ମୁଁ। ସବୁ ଜାଣିଛି। ମୁଁ ମଧ୍ୟ ତମେ ଅଫିସ ଗଲାପରେ ଖବର କାଗଜ ପଢ଼େ ଓ ତମେ ଥିଲା ବେଳେ ନ୍ୟୁଜ ଚାନେଲ ବି ଦେଖେ।" ସେଇଠୁ ଆରମ୍ଭକଲେ କୁନାବୋଉ,

ତୁମେ ଇଫତାର ପାର୍ଟିକୁ ଯିବବୋଲି ତମ ସାଙ୍ଗ ଡାକିଲେ ତ, ସେଠକି ଯିବା ପାଇଁ ହେଲେ ହେଲ ଧଳା କୁର୍ତ୍ତା ପାଇଜାମା ସାଙ୍ଗକୁ ଚେକପକା ନେଳିଆ ଗାମୁଛା ଗୋଟେ ବେକରେ ପକେଇବା ପାଇଁ ଦରକାର। ପାଦକୁ ଚମଡା ଗାନ୍ଧୀଚପଲ ଓ ମୁଣ୍ଡ ପାଇଁ ଧଳା ଗୋଲେଇ ଟୋପିଟେ ବି ଦରକାର। ଆମର ଯାହା ସେ କୁର୍ତ୍ତା ପାଇଯାମା ଆଉ ଗାନ୍ଧୀ ଚପଲ ଅଛି। ଆଉସବୁ ତ' କିଣିବ ନା! ସବୁ ଦଳର ନେତାମନ୍ତ୍ରୀ ଇଫତାର ପାର୍ଟି କରୁଛନ୍ତି, ମୁଁ ଦେଖିଛି।

କୁନାବାପା ଭାବିଲେ, ପିଲାଦିନେ ଅଲି, ଆଜାଦ ସାଙ୍ଗରେ କେତେ ଭାଜିଭାତ, କେତେ ପୂଣ୍ୟପର୍ବ ପାଳିଛନ୍ତି। କେବେତ ଏମିତି କିଛି ହେବାର ମନେପଡୁନି, ଏ କି ଫାର୍ସ? କୁନା ବୋଉଙ୍କୁ ବୁଝେଇଲେ ଯେ ଏମିତି କିଛିନାହିଁ। ସେ ମୋର ବାଲ୍ୟବନ୍ଧୁ, ଆମେ ପରସ୍ପର ପର୍ବପର୍ବାଣିରେ ଏମିତି ଏକାଠି ହେଉ। ଆମର ଦଶହରା ଦୀପାବଳିରେ ସେମାନେ ଯୋଗଦିଅନ୍ତି ଓ ତାଙ୍କର ଇଦ ମହରମରେ ଆମେବି ଯୋଗଦେଉ। ଏଇତ ଆମର ଭାଇଚାରା। ତେବେ ଆମେ ତାଙ୍କର ପୋଷାକପିନ୍ଧି ଯିବା ପାଇଁତ କେବେବି ସେମାନେ ଆମକୁ କହିନାହାନ୍ତି। ବେଶପୋଷାକର କଥା ଆସିଲା କୋଉଠୁ, ବନ୍ଧୁତ୍ୱ ଓ ଭାଇଚାରାରେ ସେସବୁ ନଥାଏ। ହଉ ଛାଡ଼ ସେକଥା, ମୁଁ ଅଫିସ ବାହାରିବି ଶୀଘ୍ର, ମୋର ପ୍ୟାଣ୍ଟସାର୍ଟ ସବୁ ଠିକ ଅଛି ତ? କୁନାବୋଉ କହିଲେ, "ହଁ ହଁ ତୁମେ ଗାଧୁଆ ସାର, ସବୁ ସରିଯାଇଥିବ।" କୁନାବାପା ବାଥରୁମ ଆଡେ ଚାଲିଲେ କିଛି ଭାବିଭାବି, ଆଉ କୁନାବୋଉଙ୍କ ମନରେ ମଧ୍ୟ କିଛି ପ୍ରଶ୍ନ ରହିଗଲାଭଳି ଲାଗିଲା।

କୁନାବାପା ଗାଧୋଇସାରି ଠାକୁରପୂଜା କଲେ। ପୂଜାସାରି ଖାଇବା ସରିବା ପରେ ହାତ ଧୋଇଲା ବେଳେ କୁନାବୋଉ ପ୍ରକୃତ କଥାଟି କହିଲେ।

କଥା କ'ଣ କି, ମୁଁ ଖବରକାଗଜର ଫଟୋରେ ଓ ଟିଭି ଚାନେଲରେ ଦେଖିଲି ବହୁତ ନେତାମନ୍ତ୍ରୀଠୁ ଆରମ୍ଭ କରି ବଡ ଅଫିସର ମଧ୍ୟ ଏଇ ଇଫତାର ପାର୍ଟିରେ ଏମିତି ପୋଷାକ ପିନ୍ଧିଥିଲେ। ତେଣୁ ତୁମର କାଳେ ସେଠକି ଏଇ ପୋଷାକରେ ନଗଲେ, ତୁମକୁ ଅସମ୍ମାନ ହେବ, ସେଥିପାଇଁ କହିଲି। ତା'ପରେ ମନ୍ତ୍ରୀ ମହୋଦୟ ତ ଗଲା ନାନକ ଜୟନ୍ତୀରେ ପଗଡି ପିନ୍ଧିଥିଲେ, ଏବେ ଏଇବେଶ, ସେଥିପାଇଁ ପଚାରିଦେଲି। ଆଚ୍ଛା କହିଲ, ନାନକ ଜୟନ୍ତୀରେ ପଗଡି, ମହାବୀର ଜୟନ୍ତୀରେ ଗେରୁଆ, ଇଦ୍ ଆଉ ମହରମରେ ଟୋପି ପିନ୍ଧିଲେ, ନାରୀ ସଶକ୍ତିକରଣ ଦିବସରେ କ'ଣ ପିନ୍ଧିବେ ସେୟାହିଁ ମୁଁ ଭାବୁଛି?

କଥାଟା କୁନାବାପାଙ୍କ ମନକୁ ପାଇଲା, ଠୋ ଠୋ ହୋଇ ହସିଲେ ଓ ଅଫିସ ବାହାରିଲେ। ହେଲେ ବାଟରେ କୁନାବୋଉଙ୍କ କଥାଗୁଡ଼ା ମନେପକାଇ ହସୁଥାନ୍ତି ଓ ମନେମନେ ଭାବୁଥାନ୍ତି, ରାଜନୀତିରେ କ'ଣ ନହୁଏ? ତେବେ ଏସବୁ ବାସ୍ତବ ନା ଲୋକଦେଖାଣିଆ, ତାହାତ ସମସ୍ତେ ମର୍ମେ ମର୍ମେ ହେଜୁଥିବେ।

**– ଶାରଦା ପ୍ରସାଦ ମହାପାତ୍ର**

# ମଣିଷ ଜୀବନ ଗାଥା

**ନୃସିଂହ ଚରଣ ବେହେରା**

**ଚ**ଲାବାଟ ଯଦି କେବେ ଭିଜଇ ବର୍ଷା
ସୂରୁଜ ଶୁଖାଏ ତାକୁ
ଛାତି ତଳ ଘାଆ ଆଖି କୋଣ ଲୁହ
ସୁଖାଏ କେବଳ ମୃତ୍ୟୁ।

ନିଜର ମଣିଷ ଯଦି କେବେ ହୋଇଯାଏ ପର
ମନକୁ ହୁଅଇ କଷ୍ଟ
ପିତାମାତାଙ୍କର ସ୍ନେହର ପରଶ
ଜୀବନେ ଦେଖାଏ ବାଟ।

ଛାଇ ଖରା ପରି ସୁଖ ଦୁଃଖ ଆସେ
ଉଠାଣି ପରେ ଗଡାଣି
ନିଜେ ସାକ୍ଷୀ ଆମେ ନିଜ କରମର
ଶେଷ ଠିକଣା ଆମ ମଶାଣି।

କର୍ତ୍ତବ୍ୟ ଦହନ ନିତି ଜଳାଏ ମନକୁ
ସ୍ମୃତିର କବର ତଳେ
ଦରଦି ଆତ୍ମାର ସବୁ ଅବ୍ୟକ୍ତ କୋହକୁ
ଚାପି ଧରି ବୁକୁ ତଳେ।

ଏଇ ମଣିଷ ଜୀବନ ନୁହଁଇ ସହଜ
ବଞ୍ଚିଯିବା ଆମେ ପ୍ରତୀକ୍ଷାରେ
ଯାହାସବୁ ଘଟିବ ସେଇ ଦୃବ ସତ୍ୟ
ବାକି ଯେ ସବୁ ଆଶାରେ।

*ଭୋଇ ନଗର, ଭୁବନେଶ୍ୱର*

# ମନ

**ଲିନା ମହାନ୍ତି**

**ମ**ନତ ମୋ ଏମିତି ବାଆଁରା ଚଢ଼େଇ,
ଉଡିବାକୁ ଚାହେଁ ଡେଣା ସେ ବାଡ଼େଇ।।

ତୋ ଠାରୁ ବହୁତ ଦୂର ପରଦେଶ,
ନଥିବ ବନ୍ଧନ କିଛି ଅବସୋସ।।

ନଥିବ ମୋ ସାଥେ ପ୍ରେମର ସହର,
ନଥିବ ଠିକଣା ଭଙ୍ଗା ହୃଦୟର।।

ନଥିବେ ଆପଣା ମନ ବୁଝିବାକୁ,
ପାଶେ ଆସି ପୁଣି ଦୂରେଇ ଦେବାକୁ।।

ମନକୁ ଭାବି ମୋ କାଚର କଣ୍ଢେଇ,
ଭାଙ୍ଗିବେନି କେହି ଲୁହ ଭରିଦେଇ।।

ହେବନି ଆଉ ସେ କେବେ ବାଟବଣା,
ଦବନି ଦରଦ ହୃଦୟେ ଯନ୍ତ୍ରଣା।।

ଖୋଲା ଛାତ ତଳେ ମୁକ୍ତ ମନ ମୋର,
ଉଡି ସେ ବୁଲିବ ଭୁଲି ସବୁ ଡର।।

*ଜଗତସିଂହପୁର*

# ଯଦି ହୁଅନ୍ତା



**ସୁନନ୍ଦା ତ୍ରିପାଠୀ**

**ଯ**ଦି ପ୍ରାରବ୍ଧକୁ ଦେଖି ହେଉଥା'ନ୍ତା
ତେବେ ମୁଁ ଲେଉଟି ଦେଖନ୍ତି
ସମ୍ପର୍କର ହେତୁ ସେତୁ।
ନିଶ୍ଚୟ ଜାଣନ୍ତି,
କାହିଁକି ଏମିତି ବେଳ ଅବେଳରେ
ତମ ନାଁ ନୀରବରେ ଉଚ୍ଚାରିତ ହୋଇଯାଏ
ଏକ ବହୁ ଜପିତ ସିଦ୍ଧମନ୍ତ୍ର ପରି।

ଯଦି ହୁଅନ୍ତା ଫେରନ୍ତି
ବିପ୍ରଲମ୍ଭରୁ ସମ୍ଭୋଗକୁ।
ଆଉ ଥରେ ସଜାଡ଼ନ୍ତି ଫୁଲ ବଗିଚ।
ଜୋର କରି ବାନ୍ଧି ରଖନ୍ତି
ଛଳନାର ରାଣୀ ମହୁମାଛି।
ସୁରଭିତ ଦିନମାନେ ଗୋଟି ଗୋଟି ଫେରନ୍ତେ
ପରିତ୍ୟକ୍ତ ମହୁଫେଣାକୁ ବାଧ୍ୟ ହୋଇ।

ଯଦି ପାରନ୍ତି କାର୍ଯ୍ୟ କାରଣେ
ସଜାଗ ରହି
ଆଉଥରେ ଜିଅନ୍ତି
ଜୀବନକୁ ନୂଆକରି।।

*ଅଧ୍ୟାପିକା, ପିପିଲି କଲେଜ*

# ପାଣି, ଖାତା ଓ ପ୍ରେମ

**ଡ. ମୌସୁମୀ ପରିଡ଼ା**



**କେ**ବେ ପ୍ରେମ କରିଛ? ପଚାରିଲା ପୁଅଟି।

ଉହୁଁ। ପ୍ରେମ କଣ ଏତେ ସହଜ? ଝିଅଟି କହିଲା।

ଏତେ କଷ୍ଟ ବି ତ ନୁହଁ ନା?

ମୋତେ ଲାଗେ ଏସବୁ କେବଳ ନିର୍ବୋଧତା!

ହୁଏତ ଅନ୍ୟ ପାଇଁ ବଂଚିବାର ବାହାନା ହୋଇପାରେ।

ଆଚ୍ଛା,ତୁମେ ସମୁଦ୍ରର ଲହରୀକୁ ସାମ୍ନା କରିଛ କେବେ?

ନା..! କହିଲା ପୁଅଟି।

ଖୁବ୍ ଶକ୍ତି ସେଥିରେ..। ଉପରକୁ ଯାହା ଦିଶେ ବାସ୍ତବିକ ତାହା ନୁହେଁ। ତାର ଅନ୍ତଃସ୍ରୋତ କାଳେ ଆହୁରି ଭୟଙ୍କର। ଅଜାଣତରେ ଖସାଇ ନିଏ ପାଦ।

ତେବେ? ପଚାରିଲା ପୁଅଟି।

ପ୍ରେମ ସମୁଦ୍ରର ଲହରୀ ଭଳି..! ସବୁବେଳେ ଉନ୍ମାଦିତ, ଆହ୍ଲାଦିତ। ଚପଳ ଆଉ ଅବିରତ। କେତେବେଳେ ମଣିଷର ମନ ଓ ବିବେକକୁ ସ୍ଥାଣୁ କରିଦିଏ ତ କେତେବେଳେ ଭସାଇ ନିଏ ନିଜଠାରୁ ଦୂରକୁ। ପ୍ରେମ କରି ମୁଁ ମୋ ନିଜଠୁ ଦୂରକୁ ଯିବାକୁ ଚାହେଁନି। ଝିଅଟା ତା ଭାଷାରେ ବୁଝାଇଲା।

ଓଃ..ତେବେ ଏତେ କଠିନ ସଂଜ୍ଞା ନିର୍ଦ୍ଧାରଣ କରିଛ ପ୍ରେମର? ଠିକ୍ ଅଛି। ଛାଡ ସେ କଥା। ଦେଖ ପ୍ରଚଣ୍ଡ ନିଦାଘରେ ଆକାଶରେ କେମିତି କଳା ହାଣ୍ଡିଆ ମେଘ ଘୋଟି ଆସିଲାଣି। ସେତିକିବେଳେ ଘଡଘଡି ସହିତ ବିଜୁଳି ବି ଦିଶିଲା। କିନ୍ତୁ ଦୁହେଁ ଥିଲେ ଅବିଚଳିତ। ପୁଅଟି ପଚାରିଲା-ଅଦିନିଆ ବର୍ଷାରେ ଭିଜିଛ କେବେ?

ହଁ ବହୁତ ଭିଜିଛି। ଭଲ ଲାଗେ ଭିଜିବାକୁ..ଲାଗେ ନିଜ ଭିତରୁ ଅନେକ କାଳିମା ଧୋଇ ନେଉଛି ପ୍ରକୃତି! ଝିଅଟା ଏଥର ସ୍ୱାଭାବିକ ହୋଇ ଆସୁଥିଲା।

ତେବେ ଆଜି ବି ଚାଲ..ଭିଜିବା।

ପୁଅଟିର କଥା ଶୁଣି ଝିଅଟି ଚାହିଁଲା ତାକୁ ପ୍ରଶ୍ନିଳ ଦୃଷ୍ଟିରେ।

ଆରେ ବ୍ୟସ୍ତ ହୁଅନି। ତୁମେ ତୁମ ଇଲାକାରେ ଆଉ ମୁଁ ସେ ଦୂର ରାସ୍ତାରେ। ଦୁହେଁ ଟିଉସନ୍ ବ୍ୟାଗ୍ ଦୁଇଟିକୁ କଲେଜ ପିଣ୍ଡାରେ ରଖିଦେଇ ଖୁବ୍ ଭିଜିଲେ ମନଭରି..। ବର୍ଷା ଥମି ଆସିଲା ପରେ ଫେରିଲେ ସେମାନେ ଘରକୁ। ଏଯାଏଁ ବି ଦେହରୁ ଥପ୍ ଥପ୍ ନିଗିଡି ପଡୁଥିଲା ପାଣି ବିନ୍ଦୁମାନ।

ତଳେ ବସିପଡି ପୁଅଟା ଝିଅର ଡ୍ରେସ୍‌ରୁ ଝରି ପଡୁଥିବା ପାଣିକୁ ପାପୁଲିରେ ଟୋଳି ଧରିଲା। ଖାଲି ହୋଇଯାଇଥିବା ପାଣି ବୋତଲରେ ସାଇତି ରଖି କହିଲା

ଜାଣ ତୁମେ..ଏ ପାଣି ବୁନ୍ଦା ଓ ମୋ ପ୍ରେମ ଭିତରେ ସମାନତା କଣ!

ଝିଅଟି କୌତୁହଳୀ ହୋଇ ପଚାରିଲା- କଣ?

ଦୁହେଁ ତୁମକୁ ଛୁଇଁ ପାରନ୍ତି,ଅନୁଭବ ବି କରିପାରନ୍ତି। ଏ ପାଣିବୁନ୍ଦା ତୁମ ଦେହର ଉଷ୍ମତା ଚୋରାଇ ଆଣେ ଆଉ ମୋ ପ୍ରେମ ତୁମ ଭିତରର ଉଦାସପଣକୁ। କିନ୍ତୁ ତୁମ ସହିତ କେହି ରହିପାରନ୍ତି ନାହଁ। କାରଣ ତୁମେ ଏସବୁକୁ ନିଜ ସହିତ ରଖି ପାରନି। ସେଥିପାଇଁ ମୁଁ ଆଜି ଏ ପାଣି ବୁନ୍ଦାଙ୍କୁ ନେଇଯାଉଛି ମୋ ସହିତ ଯାହା ତୁମକୁ ଛୁଇଁ ଝରିଆସିଛି। ଯେବେଯାଏଁ ପାଖରେ ଥିବ ମନେରହିବ ଯେ ଆମେ ଖାଲି ତୁମ ପାଇଁ କିଛି ମୁହୂର୍ତ୍ତର ଅନୁଭବ। ଏତିକି କହି ତୀବ୍ର ଅଭିମାନରେ ସେ ଚାଲିଗଲା।

ଝିଅଟା ଘରକୁ ଫେରି ଝର୍କା ପାଖରେ ବସିଲା। ଆଖି ସାମ୍ନାରେ ବର୍ଷା ନାଚୁଥିଲା ଚପଳ ଝିଅଟେ ପରି। ନିଜ ବ୍ୟାଗ୍ ଖୋଲି ସେ ପୁଅଟିର ନାଁ ଲେଖା ହୋଇଥିବା ଖାତାଟିକୁ କାଢିଲା। ମନେମନେ କହିଲା -ସରି। ତୁମ ବ୍ୟାଗ ଖୋଲି ତୁମ ହାତଲେଖା ରଫ୍ ଖାତାଟା ଚୋରି କରି ନେଇଛି ସବୁଦିନ ପାଇଁ। ଅବଶ୍ୟ ଆଉ ଚାରି ପୃଷ୍ଠା ଲେଖି ସାରି ତୁମେ କୋଉ ରଦିବାଲାକୁ ବିକି ଦେଇଥାନ୍ତ ନହେଲେ କାଗଜ ଡଙ୍ଗା କରି ବର୍ଷାରେ ଭସାଇଥାଆନ୍ତ। କିନ୍ତୁ ମୁଁ ଯାକୁ ଆଜୀବନ ମୋ ସହ ରଖିବାକୁ ଚାହେଁ..। ପାଣି ବୋତଲରୁ ପାଣି କେବେ ବାମ୍ଫ ହୋଇ ଉଡି ସାରିଥିବ ଦିନେ। ତୁମ ସ୍ପର୍ଶ ଓ ଏକାଗ୍ରତା ସହିତ ଏ ଖାତା କିନ୍ତୁ ମୋ ସହ ସବୁଦିନ ରହିଥିବ। ତୁମେ ବୋଧେ ଜାଣିନ..ତୁମ ପ୍ରେମ ଲହରୀରେ ମୁଁ କେବେଠୁ ଭାସି ସାରିଛି! ନିଜଠୁ ଖୁବ୍ ଦୂରକୁ ଚାଲିଆସି ମୁଁ ସେଇ ନିର୍ବୋଧ ପାଲଟି ଯାଇଛି!

*ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସର*
*କ୍ୱା.ନଂ- ୩ ଆର/୪,*
*ଜଗତସିଂହପୁର*







### ଜଙ୍ଗଲ ଅଧିକାର ଆଇନକୁ ଆଖିଠାର

# ଜମି ନାହିଁ କି ଘର ନାହିଁ, ପଟ୍ଟା ଧରି ବୁଲୁଛନ୍ତି ବନବାସୀ

**ଭୁବନେଶ୍ୱର :** ଜଙ୍ଗଲ ଅଧିକାର ଆଇନ ଅନୁସାରେ ବନବାସୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରୁଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଜମି ଚିହ୍ନଟ କରି ସେମାନଙ୍କୁ ଦିଆଯାଉ ନାହିଁ। ଜମି ନ ପାଇବାରୁ ହିତାଧିକାରୀମାନେ ନିଜ ଘରଦ୍ୱାର ନିର୍ମାଣ ସାଙ୍ଗକୁ ଚାଷକାର୍ଯ୍ୟ କରିପାରୁ ନାହାନ୍ତି। ଅନ୍ୟପଟେ ସରକାର ଆଦିବାସୀମାନେ ବ୍ୟବହାର କରୁଥିବା ବିଭିନ୍ନ ଜଙ୍ଗଲ ଜମିରେ ଗଛ ଲଗାଇ ଦେଉଛନ୍ତି। ଫଳରେ ତାହା ସରକାରଙ୍କ ଅଧୀନକୁ ଚାଲିଯିବା ସହ ବନବାସୀଙ୍କ ବ୍ୟବହାରରେ ଆସିପାରୁ ନାହିଁ। ଜଙ୍ଗଲ ଉପରେ ନିର୍ଭର କରୁଥିବା ଅଧିବାସୀମାନେ ଗୁଜୁରାଣ ମେଣ୍ଟାଇବାରେ ସମସ୍ୟା ଭୋଗୁଥିବାରୁ ଦଳିତ ଅଧିକାର ସଂଗଠନ କ୍ଷୋଭ ପ୍ରକାଶ କରିଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ ୨୦୦୮ରେ ରାଜ୍ୟରେ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ ହୋଇଥିଲା। ଆଇନ ଅନୁଯାୟୀ, ଯେଉଁମାନେ ୨୦୦୫ ଡିସେମ୍ବର ୧୩ ପୂର୍ବରୁ ଯେଉଁ ଜଙ୍ଗଲ ଜମିରେ ରହୁଥିବେ, ସେମାନଙ୍କୁ ଜଙ୍ଗଲ ଜମିର ମାଲିକାନା ମିଳିବ। ଏଥିପାଇଁ ସେମାନେ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଭାବେ ସରକାରଙ୍କ ନିକଟରେ ଆବେଦନ କରିବେ। ୨୦୦୮ରୁ ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିଗତ ଭାବେ ସରକାରଙ୍କ ନିକଟରେ ଆବେଦନ କରିବେ। ୨୦୦୮ରୁ ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିଗତ ୬ ଲକ୍ଷ ୧୪ ହଜାର ୬୫୪ ଜଣ ଆବେଦନ କରିଛନ୍ତି। ସେଥିମଧ୍ୟରେ ଆଦିବାସୀ ୫ ଲକ୍ଷ ୮୨ ହଜାର ୧୪୨ ଏବଂ ଅଣଆଦିବାସୀ ୩୨ ହଜାର ୫୩୩ ଅଛନ୍ତି। ସେମାନଙ୍କ ମଧ୍ୟରୁ ୪ ଲକ୍ଷ ୫ ହଜାର ୨୬୯ ଆଦିବାସୀ ଓ ୬୨୮ ଜଣ ଅଣଆଦିବାସୀ ପଟ୍ଟା ପାଇଛନ୍ତି। ବିଭିନ୍ନ କାରଣରୁ ୧ ଲକ୍ଷ ୨୩ ହଜାର ୮୩୪ ଆଦିବାସୀ ଏବଂ ୨୫ ହଜାର ୩୧୬ ଅଣଆଦିବାସୀଙ୍କ ଆବେଦନକୁ ଖାରଜ କରିଦିଆଯାଇଛି। ମାତ୍ର ଯେଉଁମାନଙ୍କୁ ପଟ୍ଟା ମିଳିସାରିଛି ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଲୋକଙ୍କ ଜାଗା ଚିହ୍ନଟ ହୋଇନାହିଁ। ସେହିପରି ଗୋଷ୍ଠୀଗତ ଭାବେ ୧୩ ହଜାର ୪୩୫ ଗ୍ରାମ ଆବେଦନ କରିଥିବା ବେଳେ ୫ ହଜାର ୮୯୧ଟି ଗାଁକୁ ପଟ୍ଟା ମିଳିଛି। ଏ କ୍ଷେତ୍ରରେ ମଧ୍ୟ ଅଧିକାଂଶ ଜମି ଚିହ୍ନଟ ହୋଇନାହିଁ। ଯାହାକୁ ନେଇ ସଂଗଠନ ପକ୍ଷରୁ ଭୁବନେଶ୍ୱର ରେଡକ୍ରସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ଷୋଭ ପ୍ରକାଶ ପାଇଛି। କ୍ୟାମ୍ପେନ ଫର ସର୍ଭାଇଭାଲ ଡିଗ୍ନିଟିର ସଦସ୍ୟ ମନୋହର ଚୌହାନ କହିଥିଲେ ଯେ ବ୍ୟକ୍ତିଗତ ଭାବେ ସାରା ରାଜ୍ୟରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜଙ୍ଗଲ ଜମି ମାଲିକାନା ପାଇବାର ହକଦାର ଥିଲେ ମଧ୍ୟ ମାତ୍ର ୪ ଲକ୍ଷ ୫ ହଜାର ୮୯୭ ଜଣ ପଟ୍ଟା ପାଇଛନ୍ତି। ସଚେତନତା ଅଭାବରୁ ଜମି ମାଲିକାନା କିପରି ପାଇବେ ତାହା ଅଧିକାଂଶ ଲୋକ ଜାଣିନାହାନ୍ତି। ସେଥିପାଇଁ ବହୁ ଲୋକ ଏଯାଏଁ ଆବେଦନ କରିପାରି ନାହାନ୍ତି। ଏହାଦ୍ୱାରା ଜଙ୍ଗଲ ଅଧିକାର ଆଇନ ଦିଗହରା ହୋଇଥିବା ସ୍ପଷ୍ଟ ହେଉଛି। ଦଳିତ ଅଧିକାର ସଂଗଠନର ଗଦାଧର ପ୍ରଧାନ କୁହନ୍ତି ଯେ ଆଦିବାସୀମାନେ ଜଙ୍ଗଲଜମିର ମାଲିକାନା ପାଇବା ପୂର୍ବରୁ ବନବିଭାଗ ସେମାନଙ୍କ ଜମିରେ ନୀଳଗିରି ଗଛ ଲଗାଇ ଜମିରୁ ବେଦଖଲ କରିବାକୁ ଅପଚେଷ୍ଟା କରୁଛି। ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ୍‌ର ତାହାଣୀପଲ୍ଲୀ, କନ୍ଧମାଳ, ସୁନ୍ଦରଗଡ଼, କେନ୍ଦୁଝର, କଳାହାଣ୍ଡି ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବନବାସୀଙ୍କୁ ଜଙ୍ଗଲ ଜମିର ସ୍ୱୀକୃତି ଦିଆଯାଉ ନାହିଁ। ସେମାନଙ୍କ ସାମୂହିକ ଜଙ୍ଗଲ ସମ୍ବଳର ଅଧିକାରକୁ ସେମାନଙ୍କୁ ପ୍ରଦାନ କରିବାରେ ସରକାରୀ ସ୍ତରରେ ଅବହେଳା କରାଯାଉଛି। ଏ ଦିଗରେ ଧ୍ୟାନ ଆକର୍ଷଣ ପାଇଁ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ ବନବିଭାଗ ଓ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ବନବାସୀମାନେ ପ୍ରକାଶ କରିଛନ୍ତି।

# ସେପ୍ଟେମ୍ବରରେ ସୁଦ୍ଧା ସବୁ ଗାଁକୁ ବିଜୁଳି

**ଭୁବନେଶ୍ୱର :** ଆସନ୍ତା ସେପ୍ଟେମ୍ବର ଶେଷସୁଦ୍ଧା ରାଜ୍ୟର ସବୁ ଗାଁକୁ ବିଜୁଳି ସଂଯୋଗ କରାଯିବ । ରାଜ୍ୟର ସବୁ ପରିବାରକୁ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଏବଂ ବିଜେଡି ଏହାର ନିର୍ବାଚନୀ ଇସ୍ତାହାରରେ ଏହା ଉଲ୍ଲେଖ କରିଛି। ତେଣୁ ଏ କ୍ଷେତ୍ରରେ କୌଣସି ସାଲିସ କରାଯିବ ନାହିଁ ବୋଲି ବିଦ୍ୟୁତ୍ ସେବାଯୋଗାଣ ସଂକ୍ରାନ୍ତରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ବିଭାଗୀୟ ଅଧିକାରୀଙ୍କୁ ଚେତାଇ ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ । ଏପରିକି ଯେଉଁ ଦୁର୍ଗମ ଅଞ୍ଚଳକୁ ଗ୍ରୀଡ଼ ମାଧ୍ୟମରେ ବିଦ୍ୟୁତ୍ ସଂଯୋଗ ସମ୍ଭବ ନୁହେଁ, ସେଠାରେ ସୌର ବିଦ୍ୟୁତ୍ ସେବା ଯୋଗାଇବା ନିମନ୍ତେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ ରାଜ୍ୟରେ ୧୭ବର୍ଷ ତଳେ ୨୬ହଜାର ଗ୍ରାମକୁ ବିଦ୍ୟୁତ୍ ଯାଇଥିଲା। ଏବେ ୪୭,୬୭୭ଗ୍ରାମକୁ ବିଜୁଳି ପହଞ୍ଚିଛି। ରାଜ୍ୟ ଶକ୍ତି କ୍ଷେତ୍ରରେ ସମୃଦ୍ଧ ହୋଇପାରିଛି। ୨୦୧୯ ସୁଦ୍ଧା ସମସ୍ତଙ୍କ ପାଇଁ ଉତ୍କୃଷ୍ଟ ବିଦ୍ୟୁତ ସେବା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି । ୧୭ ବର୍ଷ ତଳେ ରାଜ୍ୟରେ ଉପଭୋକ୍ତା ସଂଖ୍ୟା ଥିଲା ୧୬ ଲକ୍ଷ, ଏବେ ଏ ସଂଖ୍ୟା ୬୬ଲକ୍ଷରେ ପହଞ୍ଚିଛି। ବିଜୁଳି ଶକ୍ତିର ଚାହିଦା ଥିଲା ୧୦ହଜାର ନିୟୁତ ୟୁନିଟ, ବର୍ତ୍ତମାନ ତାହା ୨୩ହଜାର ନିୟୁତ ୟୁନିଟରେ ପହଞ୍ଚିଛି। ବିଜୁଳି ଉତ୍ପାଦନ କ୍ଷେତ୍ରରେ ରାଜ୍ୟ ଅଭାବୀରୁ ସ୍ୱାବଲମ୍ବୀ ହୋଇପାରିଛି। ଏବେ ରାଜ୍ୟର ବିଦ୍ୟୁତ୍ ଚାହିଦା ୪୩୦୦ ମେଗାୱାଟ ଥିବାବେଳେ ଶକ୍ତି ଉତ୍ପାଦନ କ୍ଷମତା ୫୪୬୭ମେଗାୱାଟରେ ପହଞ୍ଚିଛି। ରାଜ୍ୟରେ ୪୭୬୭୭ଟି ରାଜସ୍ୱ ଗ୍ରାମ ଥିବାବେଳେ ୨୦୧୪ ଏପ୍ରିଲ ୧ ବେଳକୁ ଏହାମଧ୍ୟରୁ ୩୩୮୯ଟି ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇ ପାରି ନ ଥିଲା। ଇତିମଧ୍ୟରେ ୪୭୧୫୦ରୁ ଊର୍ଦ୍ଧ୍ୱ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇ ସାରିଛି ଓ ଅବଶିଷ୍ଟ ପ୍ରାୟ ୫୦୦ ଗାଁକୁ ଆଗାମୀ ୩ ମାସ ମଧ୍ୟରେ ବିଦ୍ୟୁତ୍ ଯୋଗାଇ ଦିଆଯିବ । ଦ୍ୱାଦଶ ଯୋଜନାରେ ରାଜୀବ ଗାନ୍ଧି ଗ୍ରାମ୍ୟ ବିଦ୍ୟୁତିକରଣ ଯୋଜନା, ଦୀନଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା ଓ ଡିଡିଜି (ସୌର) ଯୋଜନାରେ ଏହି ବିଦ୍ୟୁତ୍ ଯୋଗାଇ ଦିଆଯିବ । ଗତ ଆର୍ଥିକ ବର୍ଷରେ ସାରା ଦେଶରେ ୬୦୦୦ ଗାଁ ବିଦ୍ୟୁତିକରଣ ହୋଇଥିବାବେଳେ କେବଳ ଓଡ଼ିଶାରେ ଏହାର ସଂଖ୍ୟା ୧୧୦୦ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତ । ବର୍ତ୍ତମାନ ୩୦ ଲକ୍ଷ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇ ପାରିନାହିଁ ଏବଂ ମାର୍ଚ୍ଚ ୨୦୧୯ ସୁଦ୍ଧା ଏହି ପରିବାରଗୁଡ଼ିକୁ ବିଦ୍ୟୁତ ଯୋଗାଇ ଦିଆଯିବ । ଏହାମଧ୍ୟରେ ୧୪ ଲକ୍ଷ ବିପିଏଲ୍, ୬ ଲକ୍ଷ ଏପିଏଲ୍ ଓ ୧୦ ଲକ୍ଷ ଏସ୍‌ଇସିସି ପରିବାର ରହିଛି । ସେହିପରି ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଇନ୍ଦ୍ରାବତୀରେ ୧୬୦୦ କୋଟି ଟଙ୍କା ନିବେଶ କରିଛନ୍ତି । ଫଳରେ ୬୦୦ ମେଗାୱାଟ ଅଧିକ ବିଦ୍ୟୁତ୍ ଉତ୍ପାଦନ ହେବ। ସେହିପରି ବୁର୍ଲା, ଚିପିଲିମା ଓ ବାଲିମେଳା ଜଳବିଦ୍ୟୁତ୍ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ୬୦୦ କୋଟି ଟଙ୍କା ବ୍ୟୟ କରାଯାଉଛି। ବୌଦ୍ଧ ଜିଲାର ମନମୁଣ୍ଡାଠାରେ ୨୦ମେଗାୱାଟ ସୌର ପ୍ରକଳ୍ପ ସ୍ଥାପନ ହୋଇଛି ଏବଂ ୧ହଜାର ମେଗାୱାଟ ସୋଲାର ପାର୍କ ନିମନ୍ତେ ଜମି ଅଧିଗ୍ରହଣ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ମନ୍ତ୍ରୀ କହିଛନ୍ତି ।

# ଓଡ଼ିଶାରେ ୨ଟି ଆଇଆଇଏସ୍‌ସି ପାଇଁ ଚିଠି ଲେଖିଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର :** ଓଡ଼ିଶାରେ ୨ଟି ଇଣ୍ଡିଆ ଇଣ୍ଟରନ୍ୟାସନାଲ ସ୍କିଲ୍ ସେଣ୍ଟର୍ (ଆଇଆଇଏସ୍‌ସି) ଖୋଲାଯାଉ। ଯାହା ଫଳରେ ରାଜ୍ୟରେ ବେକାର ଯୁବକ ଯୁବତୀମାନଙ୍କୁ ବିଭିନ୍ନ କୌଶଳ ବିକାଶ ତାଲିମ ଦିଆଯିବା ସହ ମାନପତ୍ର ଦିଆଯାଇପାରିବ। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କେନ୍ଦ୍ର ଦକ୍ଷତା ବିକାଶ ସଚିବ ଡ.କେ.ପି. କ୍ରିଷ୍ଣନଙ୍କୁ ଚିଠି ଲେଖି ଉପରୋକ୍ତ ଅନୁରୋଧ କରିଛନ୍ତି। ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ତାଙ୍କ ଚିଠିରେ ଲେଖିଛନ୍ତି, ରାଜ୍ୟ ସରକାର ଓଡ଼ିଶା ଦକ୍ଷତା ବିକା। କର୍ତ୍ତୃପକ୍ଷ ନାମକ ଏକ ଅନୁଷ୍ଠାନ ଖୋଲିଛନ୍ତି। ବିଭିନ୍ନ ବିଭାଗ ଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷା କରି ରାଜ୍ୟରେ ଯୁବକମାନଙ୍କ ଦକ୍ଷତା ବିକାଶ ପାଇଁ ଚେଷ୍ଟା ଜାରି ରହିଛି। ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (ପିଏମକେଭିୱାଇ)ରେ ୫୮ ହଜାର ୪୬ ଜଣଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଯାହା କେନ୍ଦ୍ର ଦକ୍ଷତା ବିକାଶ ମନ୍ତ୍ରଣାଳୟର ଅନୁମତି ପାଇବା ପରେ କାର୍ଯ୍ୟକାରୀ ହୋଇପାରିବ। କେନ୍ଦ୍ରୀୟ ଅନୁଦାନ ଦ୍ୱାରା ତଥା ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଏହି ଯୋଜନାରେ ୩ ବର୍ଷରେ ପ୍ରଶିକ୍ଷଣ ଦିଆଯିବ ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି। କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ତଥା ଜାତୀୟ ଦକ୍ଷତା ବିକାଶ ନିଗମର ମିଳିତ ଆନୁକୂଲ୍ୟରେ ବିଭିନ୍ନ ରାଜ୍ୟରେ ଆଇଆଇଏସ୍‌ସି ଖୋଲାଯାଉଛି। ଯାହା ଫଳରେ ବିଦେଶକୁ ଦାଦନ ଖଟିବାକୁ ଯାଉଥିବା ବହୁ ଯୁବକ ଯୁବତୀମାନଙ୍କୁ ଆମ ଦେଶରେ ନିଯୁକ୍ତି ମିଳିପାରୁଛି। ତେଣୁ ଓଡ଼ିଶାରେ ୨ଟି ଆଇଆଇଏସ୍‌ସି ଖୋଲିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ, କେନ୍ଦ୍ର ଦକ୍ଷତା ବିକାଶ ସଚିବ ଶ୍ରୀ କ୍ରିଷ୍ଣନଙ୍କୁ ଅନୁରୋଧ କରିଛନ୍ତି।

### ବିଜେପି ମହିଳା ମୋର୍ଚ୍ଚାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

# 'ମହିଳା ଓ ନାବାଳିକାଙ୍କୁ ପ୍ରଲୋଭିତ କରୁଛନ୍ତି ଦଲାଲ'

**କେନ୍ଦୁଝର :** କେନ୍ଦୁଝର ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚାର ଦ୍ୱିତୀୟ ଜିଲ୍ଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଦିନ କେନ୍ଦୁଝର ନଗରଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁମତି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜିଲ୍ଲା ମହିଳା ମୋର୍ଚ୍ଚାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ବହୁ ରାଜନୈତିକ ଚିଠା ପ୍ରସ୍ତାବ ଆଗତ ହୋଇ ଗୃହୀତ ହୋଇଥିଲା। ପ୍ରାରମ୍ଭରେ ଏହି ସଭାରେ ପତକା ଉତ୍ତୋଳନ ଏବଂ ବନ୍ଦେ ମାତରମ ଗାନ କରିବା ସହ ସଭା କାର୍ଯ୍ୟ ଆରମ୍ଭ କରାଯାଇ ଥିଲା। ଜିଲ୍ଲା ମହିଳା ମୋର୍ଚ୍ଚା ସାଧାରଣ ସଂପାଦିକା ଝରଣା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜେପି ମହିଳା ମୋର୍ଚ୍ଚାର ଜିଲ୍ଲା କାର୍ଯ୍ୟକାରିଣୀରେ ପଞ୍ଚାୟତ ନିର୍ବାଚନରେ ଦଳର ସଫଳତା ପାଇଁ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ।ଜନୈତିକ ଚିଠା ପ୍ରସ୍ତାବରେ ଜିଲ୍ଲାର ସମସ୍ତ ସ୍ୱାବଲମ୍ବୀ ମହିଳାମାନଙ୍କୁ ସରକାରଙ୍କ ତରଫରୁ ସହାୟତା ଯୋଗାଇବା ପାଇଁ କାର୍ଯ୍ୟକାରିଣୀରେ ଦାବି ଉପସ୍ଥାପିତ ହୋଇଥିଲା। କେନ୍ଦୁଝର ଜିଲ୍ଲାରେ ଦଲାଲ ମାନଙ୍କ ଦ୍ୱାରା ପ୍ରଲୋଭିତ ହୋଇ ବହୁ ସ୍ଥାନରୁ ଶହଶହ ମହିଳା ଓ ନାବାଳିକା ବାହାରକୁ ଦାଦନ ଖଟିବାକୁ ଯାଇ ବିଭିନ୍ନ ନିର୍ଯ୍ୟାତନାର ଶିକାର ହେଉଥିବାବେଳେ ଏହା ମହିଳା ସଶକ୍ତିକରଣ ସଫଳତା ଉପରେ ଉପହାସ ବୋଲି ମତବ୍ୟକ୍ତ ହୋଇଥିଲା। ମହିଳାମାନଙ୍କ ସ୍ୱାବଲମ୍ବୀ ପାଇଁ ସରକାର ଉଚିତ ପଦକ୍ଷେପ ନେବାକୁ ଦାବି ରଖାଯାଇଥିଲା। ଅପାରଗ ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ କେନ୍ଦୁଝର ଜିଲ୍ଲାର ମହିଳା ଶକ୍ତି ଅସହାୟ ଅବସ୍ଥାରେ ଅଛନ୍ତି। ଜିଲ୍ଲାରେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ମଧ୍ୟ ମହିଳାମାନେ ଚରମ ଅବହେଳାର ଶିକାର ହେଉଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମହିଳା ୱାର୍ଡ ମଧ୍ୟ ବହୁ ଅବ୍ୟବସ୍ଥା ମଧ୍ୟରେ ରହିଛି। ଶିକ୍ଷା କ୍ଷେତ୍ରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଶିକ୍ଷୟିତ୍ରୀ ନାହାଁନ୍ତି। ଜିଲ୍ଲାର ଅନେକ ଆଶ୍ରମ ଏବଂ ହାଇସ୍କୁଲରେ ସର୍ବନିମ୍ନ ସୁବିଧା ସୁଯୋଗ ମଧ୍ୟ ଆଦିବାସୀ ଛାତ୍ରୀମାନଙ୍କୁ ମିଳିପାରୁନାହିଁ। ଫଳରେ ଶିକ୍ଷା କ୍ଷେତ୍ରରେ ଅସୁବିଧା ସହ ବିଭିନ୍ନ ସମସ୍ୟା ଦେଖାଦେଇଛି। ଖଣି ଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ମହିଳା ଖଣି,ଶିଳ୍ପ ତଥା ବିଭିନ୍ନ କର୍ମସଂସ୍ଥାରେ ନିଯୁକ୍ତି ନଥିବାରୁ ବାହାରକୁ ଅନେକ ମହିଳା କାମ କରିବାକୁ ଯିବା ପାଇଁ ବାଧ୍ୟ ହୋଇ ହେଉଛନ୍ତି। ଏହି ସଭାରେ ଖଣିଖାଦାନ ଏବଂ ଶିଳ୍ପାନୁଷ୍ଠାନରେ ଜିଲ୍ଲାର ମହିଳାମାନଙ୍କୁ ୩୩% ନିଯୁକ୍ତି ଦେବା ପାଇଁ ସରକାରଙ୍କ ନିକଟରେ ଦାବୀ ରଖାଯାଇଥିଲା। ଖାଦ୍ୟ ପ୍ରକ୍ରିୟାକରଣ,ପର୍ଯ୍ୟଟନ,କଳା ଓ ହସ୍ତତନ୍ତରେ ପ୍ରଚୁର ନିଯୁକ୍ତି ସମ୍ଭାବନା ଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ପ୍ରଶାସନ ତାହାକୁ କାର୍ଯ୍ୟକାରୀ କରୁନଥିବାରୁ ବେକାରୀ ସମସ୍ୟା ବୃଦ୍ଧି ପାଇଛି। ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାରେ ଅନ୍ଧବିଶ୍ୱାସ ବଶ୍ୱବର୍ତ୍ତୀ ହୋଇ ଡାହାଣୀ ସନ୍ଦେହରେ ପ୍ରତ୍ୟେକ ମାସରେ କେହି ନା କେହି ମହିଳା ହତ୍ୟାଏବଂ ନିର୍ଯ୍ୟାତନାର ଶୀକାର ହେଉଛନ୍ତି । ସ୍ୱାସ୍ଥ୍ୟ ସେବା ନାଁରେ ସଚେତନତା ଅଭାବରୁ କୁନି କୁନି ଶିଶୁମାନଙ୍କୁ ମଧ୍ୟ ଚେଙ୍କ ଦିଆଯାଉଛି । ଜିଲ୍ଲା ପ୍ରଶାସନ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ସଚେତନତା ସୃଷ୍ଟି କରି ଅନ୍ଧବିଶ୍ୱାସ ଦୂର କରିବା ପାଇଁ ସର୍ବସମ୍ମତ ବୈଠକରେ ରାଜନୈତିକ ଚିଠା ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଜିଲ୍ଲା ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା ସଭା ଉପନେତ୍ରୀ ସୁଷମା ବିଶ୍ୱାଳ, ରାଜ୍ୟ ସାଧାରଣ ସମ୍ପାଦିକା ପ୍ରତିଭା ଶତପଥି ,ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ,ଜିଲ୍ଲା ଉପସଭାନେତ୍ରୀ ତଥା ଜିଲ୍ଲା ପ୍ରଭାରୀ ସାବିତ୍ରୀ ବିଶ୍ୱାଳ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମମିତା ନାଏକ,ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ନୈନା ରାଠୋର,ଜିଲ୍ଲା ସମ୍ପାଦିକା ସପ୍ନା ସାହୁ,ଅସୀମା ମିଶ୍ର,ଜିଲ୍ଲା ପରିଷଦ ସଭ୍ୟା ଡଲି ପାତ୍ର,ନଗର ବିଜେପି ସଭାପତି ଗୋପିନାଥ ରାମ,ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମଲ୍ଲିକ,ଯୁବ ମୋର୍ଚ୍ଚା ଜିଲ୍ଲା କୋର୍ଡିନେଟର ସଞ୍ଜୟ ମହାନ୍ତି, ଅନୁପମା ପଟ୍ଟନାୟକ, ଅନିତା ଝା,ଲଳିତା ସେଠୀ, ପ୍ରମିଳା ମହାରଣା, ପୁଷ୍ପଲତା ରାଉତ, ମମତା ସିଂ,ହରପ୍ରିୟା ପଟ୍ଟନାୟକ, ଦଶମତୀ ଚାଟାର ଏବଂ ପୂର୍ବତନ ସଦର ବ୍ଲକ୍ ଅଧ୍ୟକ୍ଷା କିରଣବାଳା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ମୋର୍ଚ୍ଚାର ଜିଲ୍ଲା ସମ୍ପାଦିକା ପୁଷ୍ପରାଣୀ ରାଉତ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ ।

## ପ୍ରଥମ ପୃଷ୍ଟାର ଅବଶିଷ୍ଟାଂଶ

### ବାସ୍ତବରୂପ ...

ଏହା ପରେ ପ୍ରଧାନମନ୍ତ୍ରୀ ମୋଦି ନିଜ ବକ୍ତବ୍ୟରେ କହିଥିଲେ ଯେ ଜିଏସ୍‌ଟି ଦୀର୍ଘ ଉଦ୍ୟମର ଫଳ। ଏଥିସହ କୌଣସି ଗୋଟିଏ ଦଳ ବା ଗୋଟିଏ ସରକାରକୁ ଏହାର ଶ୍ରେୟ ଦିଆଯାଇ ପାରିବ ନାହିଁ ବୋଲି କହିଥିଲେ ମୋଦି। ଏ ସମ୍ପର୍କରେ କେନ୍ଦ୍ର ସରକାର ଦୀର୍ଘ ବର୍ଷ ଧରି ରାଜ୍ୟଗୁଡ଼ିକ ସହ ଆଲୋଚନା କରିଥିଲେ ଏବଂ ଏହା ସଂଘୀୟ ସହଯୋଗର ଏକ ଶ୍ରେଷ୍ଠ ଉଦାହରଣ। ଦୀର୍ଘ ଦଶନ୍ଧି ତଳେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଦେଶର ମିଶ୍ରଣ ପାଇଁ ଯାହା କରିଥିଲେ, ଜିଏସ୍‌ଟି ଭାରତର ଆର୍ଥିକ ସଂହତି ପାଇଁ ତାହା କରିବାକୁ ଯାଉଛି। ଜିଏସ୍‌ଟି ୩୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଏକତ୍ର କରିପାରି ଥିବାରୁ ଟୋଲ୍ ପ୍ଲାଜାରେ ଆଉ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଏହି ଏକକ ଟିକସ ବ୍ୟବସ୍ଥା ଦେଶର ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛତା ଆଣିବ ଏବଂ କଳାଧନ ରୋକିବାରେ ସହାୟକ ହୋଇପାରିବ ବୋଲି କହିଥିଲେ ମୋଦି। ପ୍ରଧାନମନ୍ତ୍ରୀଙ୍କ ପରେ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଉଦ୍‌ବୋଧନ ଦେଇ କହିଲେ, ଜିଏସ୍‌ଟି ପ୍ରବର୍ତ୍ତନ ଦେଶ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ଜିଏସ୍‌ଟି ଦ୍ୱାରା ଭାରତର ରପ୍ତାନି ଅଧିକ ପ୍ରତିଯୋଗିତାମୂଳକ ହୋଇପାରିବ ଏବଂ ଦେଶରେ ଶିଳ୍ପ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବ। ରାଷ୍ଟ୍ରପତିଙ୍କ ବକ୍ତବ୍ୟ ପରେ ଠିକ୍ ରାତି ୧୨ଟାରେ ଘଣ୍ଟା ବାଜିଥିଲା ଏବଂ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଜିଏସ୍‌ଟି ଲଞ୍ଚ୍ କରିଥିଲେ। ଏହା ପରେ ଜାତୀୟ ସଂଗୀତ ଗାନ ପରେ ସମାରୋହ ଶେଷ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ସେଣ୍ଟ୍ରାଲ ହଲ୍‌ରେ ଏହିଭଳି ୩ ଥର ମଧ୍ୟରାତ୍ରି ଅଧିବେଶନ ବସିଥିଲା। ୧୯୪୭ ଅଗଷ୍ଟ ୧୪ ରାତିରେ ଦେଶ ସ୍ୱାଧୀନତା ହାସଲ କରିଥିବାରୁ ଏଭଳି ସମାରୋହ ହୋଇଥିଲା। ୧୯୭୨ ଅଗଷ୍ଟ ୧୪ ତାରିଖ ରାତିରେ ସ୍ୱାଧୀନତାର ରୌପ୍ୟଜୟନ୍ତୀ ଏବଂ ୧୯୯୩ ଅଗଷ୍ଟ ୧୪ ତାରିଖ ରାତିରେ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଇଁ ସମାରୋହ ଆୟୋଜିତ ହୋଇଥିଲା। ଏଥର ପ୍ରଥମ ଥର ପାଇଁ ଟିକସ ସଂସ୍କାର ବ୍ୟବସ୍ଥା ଲାଗୁ କରିବାକୁ ଏଭଳି ମଧ୍ୟରାତ୍ରି ସମାରୋହ ଅନୁଷ୍ଠିତ ହୋଇଛି। ଏଥିପାଇଁ ସଂସଦ ଭବନକୁ ଆଲୋକମାଳାରେ ସଜା ଯାଇଥିଲା। ନୂଆ କାର୍ପେଟ୍ ବିଛାଯାଇ ସେଣ୍ଟ୍ରାଲ ହଲ୍‌କୁ ଏକ ନୂଆ ରୂପ ଦିଆଯାଇଥିଲା। ଏଥିପାଇଁ ସ୍ୱତନ୍ତ୍ର ସାଉଣ୍ଡ ସିଷ୍ଟମ୍‌ର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଠିକ୍ ୧୨ଟା ବାଜିବା ମାତ୍ରେ ଏକ ଘଣ୍ଟା ବାଜିଥିଲା ଏବଂ ପ୍ରଧାନମନ୍ତ୍ରୀ ଜିଏସ୍‌ଟି ଲଞ୍ଚ୍ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କୁ ସମାରୋହକୁ ସ୍ୱତନ୍ତ୍ର ଭାବେ ଆମନ୍ତ୍ରଣ କରାଯାଇଥିଲେ ମଧ୍ୟ ସେ ଯୋଗ ଦେଇନଥିଲେ। ଉଲ୍ଲେଖଯୋଗ୍ୟ ଯେ, କଂଗ୍ରେସ ଓ ବାମପନ୍ଥୀ ସମେତ କେତେକ ବିରୋଧୀ ଦଳ ଏହି ସମାରୋହକୁ ବର୍ଜନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ନେତା ଆନନ୍ଦ ଶର୍ମା କହିଥିଲେ, ତାଙ୍କ ଦଳ ଆଦର୍ଶଗତ କାରଣରୁ ଏହି ଲଞ୍ଚିଂ ସମାରୋହକୁ ବର୍ଜନ କରିଛନ୍ତି।

### ଚୀନ୍‌କୁ ଭାରତର ...

ଚରମ ଚେତାବନୀ ଶୁଣାଣିଛି। ସୀମାରୁ ସେନା ପ୍ରତ୍ୟାହାର ନ କଲେ ଭାରତ ପୁନରାୟ ୬୨ର ପରିସ୍ଥିତି ଦେଖିବ ବୋଲି ଚୀନ୍ ଧମକ ଦେଇଛି। ଚୀନ ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ର ଲୁ କାଙ୍ଗ କହିଛନ୍ତି ଯେ ଡୋଙ୍ଗଲାଙ୍ଗ ଅଞ୍ଚଳରେ ଅନୁପ୍ରବେଶ କରିଥିବା ସେନାକୁ ଭାରତ ପ୍ରତ୍ୟାହାର କରିବା ପରେ କଥାବାର୍ତ୍ତା କରିବା ଦରକାର। ୧୯୬୨ ଯୁଦ୍ଧରେ ଭାରତ ଭୋଗିଥିବା ପରିଣାମରୁ କିଛିଟା ଶିକ୍ଷା ଗ୍ରହଣ କରିବା ଦରକାର ବୋଲି ସେ ଚେତାଇ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ସିକିମ୍‌ରେ ଦୁଇଟି ଭାରତୀୟ ବଙ୍କର ଭାଙ୍ଗିବା ସହ ଆକ୍ରମଣ କରିବା ପରେ ଭାରତ ଉପରେ ଦୋଷ ଲଦିଛି ଚୀନ୍ ସେନା। ଭାରତ ଉପରେ ପାଲଟା ଅଭିଯୋଗ ଆଣି ଚୀନ୍‌ସେନା କହିଛି ଯେ ଭାରତ ଏହାର ସେନାଙ୍କୁ ଉସୁକାଇବା ଯୋଗୁଁ ଡୋକା ଲା ସଂଲଗ୍ନ ବାସ୍ତବ ନିୟନ୍ତ୍ରଣ ରେଖାରେ ଭାରତୀୟ ସେନା ସୀମା ଲଂଘନ କରିଛି। ଅତିକ୍ରମ କରିଥିବା ସୀମାରୁ ତୁରନ୍ତ ଭାରତ ନିଜର ସେନା ପ୍ରତ୍ୟାହାର କରୁ ବୋଲି ଚୀନ୍ ଚେତାବନୀ ଦେଇଛି। ତେବେ ଗତ ୧୦-୧୧ ଦିନ ଧରି ସୀମାରେ ଲାଗି ରହିଥିବା ଉତ୍ତେଜନା ଯୋଗୁଁ କୈଳାସ ମାନସରୋବର ଯାତ୍ରୀଙ୍କୁ ସୀମା ଅତିକ୍ରମ କରିବାକୁ ଦିଆଯାଉ ନ ଥିବା ଚୀନ୍ କହିଛି। ତେବେ ଟ୍ରମ୍ପ-ମୋଦି ସାକ୍ଷାତ ଆଲୋଚନାକୁ ନେଇ ଚୀନ୍ ଈର୍ଷାନ୍ୱିତ ହୋଇ ଏଭଳି କରୁଥିବା ଭାରତ ଅଭିଯୋଗ ଆଣିଛି। ସେହିପରି ଭାରତ ଏହାର ଗୋଷ୍ଠୀ ନିରପେକ୍ଷ ଆଦର୍ଶରୁ ଓହରିଯାଇ ଆମେରିକାର ଗୋଡ଼ାଣିଆ ସାଜିଛି ବୋଲି ଚୀନ ଅଭିଯୋଗ କରିଛି। ପ୍ରକାଶ ଯେ ପୂର୍ବରୁ ଚୀନ୍ ସୈନିକମାନେ ସିକିମ୍‌ରେ ସୀମାଲଙ୍ଘନ କରି ପୁଣିଥରେ ଭାରତୀୟ ଅଞ୍ଚଳକୁ ପ୍ରବେଶ କରି ଆତଙ୍କରାଜ ସୃଷ୍ଟି କରିଥିବା ନେଇ ଭାରତ ଅଭିଯୋଗ ଆଣିଥିଲା। ଭାରତ ସୀମାରେ ମୁତୟନ ଭାରତୀୟ ଯବାନମାନେ ଚୀନ୍ ସୈନିକଙ୍କ ଏଭଳି ମାଡ଼ିଆସିବା ଦେଖି ସେମାନଙ୍କୁ ତୀବ୍ର ବିରୋଧ କରିବା ସହିତ ତାଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ତେବେ ଆକ୍ରମଣ କରି ଚୀନ୍ ସୈନିକମାନେ ଭାରତର ଦୁଇଟି ବଙ୍କରକୁ ସମ୍ପୂର୍ଣ୍ଣ ଧୂଳିସାତ୍ କରିଦେଇଥିବା ଭାରତ ଅଭିଯୋଗ ଆଣିଥିଲା। ଚୀନ୍‌ସେନାର ଆକ୍ରମଣକୁ ରୋକିବା ପାଇଁ ଭାରତୀୟ ଯବାନ ଏକ ମାନବପ୍ରାଚୀର ତିଆରି କରିବା ସହ ସେମାନଙ୍କ ସହ ଜୋରଦାର ଧସ୍ତାଧସ୍ତି କରିବାରୁ ସେମାନେ ପଛକୁ ହଟିଥିଲେ। ଏହି ସମଗ୍ର ଘଟଣାର ଭିଡିଓ ରେକର୍ଡିଂ କରାଯାଇଥିବା ସୂଚନା ମିଳିଛି। ଗତ କିଛିଦିନ ଧରି ସିକିମ୍‌ର ଏହି ଅଞ୍ଚଳରେ ଭାରତ-ଚୀନ୍ ସେନା ମୁହାଁମୁହିଁ ସ୍ଥିତିରେ ରହିଛନ୍ତି। କୈଳାସ ମାନସରୋବର ଯାତ୍ରା କରୁଥିବା ଭାରତୀୟଙ୍କ ରାସ୍ତା ଅବରୋଧ କରୁଛନ୍ତି ଚୀନ୍‌ସେନା। ଯାହାଫଳରେ ପ୍ରଥମ ପର୍ଯ୍ୟାୟରେ ଦେଶର ୫୦ ଶ୍ରଦ୍ଧାଳୁ ମାନସରୋବରକୁ ଯାଇ ନ ପାରି ଫେରିଆସିଛନ୍ତି। ଡୋକାଲା ଅଞ୍ଚଳରେ ଚୀନ୍‌ସେନା ଭାରତୀୟ ବଙ୍କରକୁ ଧ୍ୱସ୍ତ କରିଦେଇଥିବାରୁ ସେଠାରେ ଭାରତ ପକ୍ଷରୁ ଅଧିକ ଯବାନ ମୁତୟନ କରାଯିବାକୁ ଯୋଜନା କରାଯାଉଛି। ସୂଚନାଯୋଗ୍ୟ, ଜୁନ୍ ୨ ତାରିଖରେ ଉଭୟ ପକ୍ଷର ବରିଷ୍ଠ ସେନା ଅଧିକାରୀଙ୍କ ମଧ୍ୟରେ ଫ୍ଲାଗ୍ ମିଟିଂ ହୋଇଥିଲା। ତେବେ ଏହାସତ୍ତ୍ୱେ ଚୀନ୍ ଭାରତ ବିରୋଧରେ ଉତ୍ତେଜନା ଜାରି ରଖିଛି। ଭାରତର ସୀମାକୁ ସମ୍ମାନ ଦେଇ କାର୍ଯ୍ୟକରିବାକୁ ଭାରତ ପକ୍ଷରୁ ଚୀନ୍‌କୁ ବାରମ୍ବାର ଚେତାବନୀ ଦିଆଯାଉଥିବା ସତ୍ତ୍ୱେ ପିଏଲ୍‌ଏ ଏହକୁ ଆଦୌ ଭୃକ୍ଷେପ କରୁନାହିଁ। ବାରମ୍ବାର ସୀମା ଲଙ୍ଘିବା ସହ ଚୀନ୍‌ସେନା ଭାରତ ବିରୋଧୀ କାର୍ଯ୍ୟକଳାପରୁ ବିରତ ରହୁନାହିଁ। ପୂର୍ବରୁ ଭୂଟାନ୍ ଏବଂ ତିବ୍ବତ ସୀମାକୁ ଲାଗି ରହିଥିବା ଅଞ୍ଚଳକୁ ଚୀନ୍ ବାରମ୍ବାର ଅତିକ୍ରମଣ କରିଥିବା ନଜିର ରହିଛି। ଉଲ୍ଲେଖଯୋଗ୍ୟ ୨୦୦୮ ମସିହାରେ ଚୀନ୍‌ସେନା ଭାରତର ବଙ୍କର ମଧ ଧ୍ୱଂସ କରିଥିଲା।

### କଲମା ...

ବର୍ଷା ଦିନରେ ପୂର୍ବ ସୂଚନା ନଦେଇ ପାଣି ଛାଡ଼ିଲେ ଆଗକୁ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଚିଠିରେ କୁହାଯାଇଛି। ଆଗକୁ ଏଭଳି ଘଟଣାର ପୁନରାବୃତ୍ତି ଯେଭଳି ଭାବରେ ନହୁଏ ସେନେଇ ଛତିଶଗଡ଼କୁ ଚେତାବନୀ ମଧ ଦିଆଯାଇଛି। ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସୁରେଶ କୁମାର ଜୈନ ଏନେଇ ସୂଚନା ଦେଇ କହିଛନ୍ତି ଯେ ହୀରାକୁଦରେ ପାଣି ନଥିବା କାରଣରୁ ଛତିଶଗଡ଼ ପାଣି ଛାଡ଼ିବାରୁ କିଛି କ୍ଷତି ହେଲା ନାହିଁ। ଯଦି ହୀରାକୁଦରେ ପାଣି ଥାଆନ୍ତା ତାହେଲେ ରାଜ୍ୟରେ ବନ୍ୟା ପରିସ୍ଥିତି ନିଶ୍ଚିତ ହୋଇଥାନ୍ତା ବୋଲି ସେ କହିଛନ୍ତି। ସେହିଭଳି ସର୍ବୋଚ୍ଚ ଯନ୍ତ୍ରୀ ଡ୍ୟାମ୍ ସେଫ୍‌ଟି, ବିଭୂତି ଭୂଷଣ ପଣ୍ଡା କହିଛନ୍ତି, ଛତିଶଗଡ଼ ପାଣି ଛାଡ଼ିବା କଥା ଆଗୁଆ ଜଣାପଡ଼ିଲେ କିଛି ସମସ୍ୟା ହେବନାହିଁ। କିନ୍ତୁ ଯଦି କିଛି ନ ଜଣାଇ ମହାନଦୀ ଉପରମୁଣ୍ଡରୁ ପାଣି ଛଡ଼ାଯାଏ ତାହେଲେ ନିଶ୍ଚିତ ଅସୁବିଧା ହେବ। ସୂଚନାଯୋଗ୍ୟ, ମହାନଦୀ ଉପରମୁଣ୍ଡରେ ବର୍ଷା ହେବା କାରଣରୁ କଲ୍‌ମା ବ୍ୟାରେଜର ୪୬ଟି ଗେଟ୍ ଖୋଲାଯାଇଛି। ପୂର୍ବରୁ ଖରାଦିନରେ ଏହାର ସବୁତକ ଗେଟ୍ ଛତିଶଗଡ଼ ସରକାର ବନ୍ଦ କରିଦେଇଥିଲେ। ଏନେଇ ଓଡ଼ିଶା ଆପତ୍ତି ଜଣାଇବା ପରେ ମଧ ଗେଟ୍ ଖୋଲାଯାଇନଥିଲା। ଶୁଖିଲା ସମୟରେ ପାଣି ବନ୍ଦ କରିବା ଏବଂ ବନ୍ୟା ସମୟରେ ରାଜ୍ୟ ସରକାରଙ୍କୁ ନଜଣାଇ ପାଣି ଛାଡ଼ିବା ଛତିଶଗଡ ସରକାରଙ୍କ ଅଭ୍ୟାସ ପାଲଟିଗଲାଣି ବୋଲି ବିଜେଡି ଅଭିଯୋଗ କରିଛି। ଯଦି ଛତିଶଗଡ଼ ସରକାର ଜଳ ପରିଚାଳନା ନେଇ ତାଙ୍କ ବ୍ୟବହାରରେ ପରିବର୍ତ୍ତନ ନ ଆଣନ୍ତି ତାହେଲେ ଦଳ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ବିଜେଡି ପକ୍ଷରୁ ଧମକ ଦିଆଯାଇଛି।

### ୧୨% ପିସି ...

ଜଣେ ହିତାଧିକାରୀଙ୍କଠାରୁ ପିସି ନିଆଯାଉଥିବା ସଂକ୍ରାନ୍ତରେ ଅଭିଯୋଗ ପାଇବା ପରେ ସେ ପାଇକମାଳ ବିଡିଓଙ୍କ ମୋବାଇଲ ନମ୍ବରରେ ଫୋନ୍ କରିଥିଲେ ଓ ପିସି ସମ୍ପର୍କରେ ପଚାରିଥିଲେ। ବେଶୀ ନୁହେଁ, ଅଧିକାରୀଙ୍କ ପାଇଁ ମାତ୍ର ୧୨% ପିସି କଟାଯାଉଛି ବୋଲି ବିଡିଓ କହିଥିବା ଶ୍ରୀ ପୁରୋହିତ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି।

### ଘଣ୍ଟାଏ ବର୍ଷାରେ ...

କୋଟି କୋଟି ଟଙ୍କା ବ୍ୟୟ କରାଯାଇ ରାଜଧାନୀକୁ ଚମକଦାର କରାଯିବା ଯୋଜନା ସ୍ୱାଗତଯୋଗ୍ୟ ହୋଇଥିଲେ ବି ଏ ଦିଗରେ ସ୍ଥାୟୀ ସମାଧାନର ବାଟ ନ ଖୋଲିବା ଅତ୍ୟନ୍ତ ଚିନ୍ତାଜନକ। ଅତୀତରେ ମଧବର୍ଷାଜଳକୁ ନେଇ ନାନାପ୍ରକାର ହନ୍ତସନ୍ତ ହୋଇଛନ୍ତି ରାଜଧାନୀବାସୀ। ଆଶା ଥିଲା ସ୍ମାର୍ଟସିଟି ଘୋଷଣା ହେବା ପରେ ଏଭଳି ସମସ୍ୟା ଆଉ ଦେଖାଦେବନି। ହେଲେ ଫଳ ସେପରି କିଛି ନ ହେବା ଦ୍ୱାରା ପୁରୁଣା ଭୁବନେଶ୍ୱରଠାରୁ ଆରମ୍ଭ କରି ପଟିଆ ପର୍ଯ୍ୟନ୍ତ ରାସ୍ତାଘାଟ ବର୍ଷାଜଳରେ ଉବୁଟୁବୁ ହେବା ଦେଖାଯାଉଛି। କିଛି କିଛି ସ୍ଥାନରେ ଜାଇକା ପ୍ରକଳ୍ପର ଅଧାପନ୍ତରିଆ କାମ ମଧ ଏହି ସମସ୍ୟାକୁ ଦ୍ୱିଗୁଣିତ କରିଛି। ବର୍ଷାଋତୁ ଆରମ୍ଭ ପୂର୍ବରୁ ପ୍ରଶାସନ ପକ୍ଷରୁ ବହୁ ବୈଠକ, ଆଲୋଚନା, ପର୍ଯ୍ୟାଲୋଚନା ହେଉଥିଲା ବେଳେ ବାସ୍ତବ ବେଳକୁ ସବୁ କେମିତି ଫେଲ ମାରୁଛି, ତାହା ବିସ୍ମୟ ସୃଷ୍ଟି କରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କଳିଙ୍ଗ ଷ୍ଟାଡିୟମ ପାଖାପାଖି ଅଞ୍ଚଳର ଏଭଳି ଦୁର୍ଦ୍ଦଶାକୁ ବିଦେଶରୁ ଆସୁଥିବା ଖେଳାଳିମାନେ କେମିତି ଗ୍ରହଣ କରୁଛନ୍ତି, ତାହା ସମୟ କହିବ।

### ଉପରାଷ୍ଟ୍ରପତି ...

ଅଗଷ୍ଟ ୫ରେ ଅନୁଷ୍ଠିତ ହୋଇ ସେହିଦିନ ଭୋଟ୍ ଗଣତି ହେବ। ନିର୍ବାଚନ ପୂର୍ବାହ୍ଣ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜୁଲାଇ ୪ରେ ବିଜ୍ଞପ୍ତି ଜାରି ହେବା ପରଠାରୁ ମନୋନୟନ ପତ୍ର ଦାଖଲ କାର୍ଯ୍ୟ ଆରମ୍ଭ ହେବ। ମନୋନୟନପତ୍ର ଦାଖଲର ଶେଷ ତାରିଖ ହେଉଛି ଜୁଲାଇ ୧୮। ପରଦିନ ଅର୍ଥାତ୍ ଜୁଲାଇ ୧୯ ତାରିଖରେ ମନୋନୟନ ପତ୍ର ଯାଞ୍ଚ କରାଯିବ। ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ହେଉଛି ଜୁଲାଇ ୨୧। ଉଲ୍ଲେଖଯୋଗ୍ୟ ଯେ ଉପରାଷ୍ଟ୍ରପତି ମହମ୍ମଦ ହମିଦ ଅନ୍‌ସାରୀ ଅଗଷ୍ଟ ୧୦ରେ ଅବସର ଗ୍ରହଣ କରିବେ। ସେ ୨୦୦୭ ଅଗଷ୍ଟ ୧୧ରେ ପ୍ରଥମେ ନିର୍ବାଚିତ ହୋଇଥିଲେ। ୨୦୧୨ ଅଗଷ୍ଟ ୧୧ ତାରିଖରେ ସେ ଦ୍ୱିତୀୟ ଥର ପାଇଁ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ।

### ଜେଏସ୍‌ଡବ୍ଲ୍ୟୁର ...

ଇଡ୍‌କୋ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇଥିଲା। ହେଲେ ପୋସ୍କୋ ପାଇଁ ଅଧିଗ୍ରହଣ ହୋଇଥିବା ଜମିରେ ଜିନ୍ଦଲ ପ୍ରକଳ୍ପ କରିପାରିବ କି ନାହିଁ ସେଥିନେଇ କେନ୍ଦ୍ର ସରକାରଙ୍କ ପରାମର୍ଶ ମଗାଯାଇଥିଲା। ତେବେ କେନ୍ଦ୍ର ସରକାର ତାଙ୍କ ଉତ୍ତରରେ କହିଛନ୍ତି, ଜମି ଦେବା ରାଜ୍ୟ ସରକାରଙ୍କ କାମ। ମାତ୍ର କେନ୍ଦ୍ର ସରକାର ସମ୍ପୃକ୍ତ ଜମିରେ ପ୍ରକଳ୍ପ କରିବା ପାଇଁ ସାନି ଆବେଦନର ଜରୁରୀ ବୋଲି ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏହାର କାରଣ ଭାବରେ କେନ୍ଦ୍ର ଦର୍ଶାଇଛି ଯେ ଗ୍ରାମସଭାର ସହମତି ବିନା ପ୍ରକଳ୍ପ କରାଗଲେ ସମ୍ପୃକ୍ତ ଅଞ୍ଚଳରେ ଗଣ୍ଡଗୋଳ ଉପୁଜିବାର ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଜିନ୍ଦଲର ପୋସ୍କୋ ଜମିରେ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ନେଇ ପ୍ରଶ୍ନବାଚୀ ଦେଖାଦେଇଛି।

### ଜୋରଦାର ହେବ ...

କରାଯିବା ସହ ଏହାର ମାଟିକୁ ସମତୁଳ କରାଯାଇ ପାର୍କିଂ ସ୍ଥଳ ଭାବେ ବ୍ୟବହାର କରାଯିବ ବୋଲି ଆଲୋଚନା ହୋଇଥିଲା। ଏନେଇ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି। ଆଗାମୀ ଦିନରେ ରାଜଧାନୀର ବିଭିନ୍ନ କଞ୍ଜରଭେନ୍ସି ଅଞ୍ଚଳକୁ ଏହିଭଳି ପାର୍କିଂ ସ୍ଥାନ ଭାବେ ବ୍ୟବହାର କରାଯିବ। କାଉନସିଲ ବୈଠକରେ ମେୟର ଶ୍ରୀ ଜେନା ସୂଚନା ଦେଇଥିଲେ ଯେ ସବୁ ୱାର୍ଡରେ ୱାର୍ଡ ଅଫିସ ନିର୍ମାଣ ପାଇଁ ପୂର୍ବରୁ ଆଲୋଚନା ହୋଇଛି। ଏଥିପାଇଁ ସାଧାରଣ ପ୍ରଶାସନ ବିଭାଗକୁ ଜମି ମଗାଯିବ ଏବଂ ଜମି ମିଳିଲା ପରେ ୱାର୍ଡ ଅଫିସ କାର୍ଯ୍ୟ ଆରମ୍ଭ କରାଯିବ। ଏହି ବୈଠକରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମେୟର ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର କେ.ଶାନ୍ତି, ଅତିରିକ୍ତ କମିଶନର ମାନସୀ ନିମ୍ଭାଲ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମେଣ୍ଢାମଡ଼କ ...

ଏହି ଜନ୍ତୁଟିକୁ କେହି ସ୍ପଷ୍ଟ ଦେଖି ନ ଥିଲେ ହେଁ କିଏ କହୁଛି ରାମଶିଆଳ, କିଏ କହୁଛି ଗଧିଆ, ପୁଣି କିଏ କହୁଛି ତାନ୍ତ୍ରିକ। ଏମିତି ଅନ୍ଧାରରେ ବାଡ଼ି ବୁଲାଉଥିବା ବେଳେ ପ୍ରକୃତରେ କିନ୍ତୁ ନିଆଳିରେ ମେଣ୍ଢାକୁ କିଏ ମାରୁଛି, କିଏ ସେ ଜନ୍ତୁ ତା' ବିଷୟରେ ସଠିକ୍ ତଥ୍ୟ କେହି ଦେଇପାରୁ ନାହାନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ରହସ୍ୟମୟ ଜନ୍ତୁକୁ ତୁରତନ୍ତ ଧରିବା ଲାଗି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କଟକ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ବହୁତ ହେଇଗଲା। ଚାରିଆଡ୍ରୁ ଚାପ ପଡ଼ିଲାଣି। ଆଉ ଅପେକ୍ଷା ନୁହେଁ, ଜନ୍ତୁକୁ ତୁରନ୍ତ ଧର।

ଗତ ଦୁଇମାସ ହେଲା ନିଆଳିରେ ଘଟୁଥିବା ଏହି ଘଟଣାକୁ ଜଙ୍ଗଲ ଓ ବନ୍ୟପ୍ରାଣୀ ପ୍ରଶାସନ ଅତି ହାଲୁକା ଭାବରେ ନେବା ଯୋଗୁଁ ସାଧାରଣ ଲୋକେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏପ୍ରିଲ ତୃତୀୟ ସପ୍ତାହରେ ପ୍ରଥମ ଥର ପାଇଁ ଏଭଳି ଘଟଣା ଘଟିଥିଲା। ପରେ ପରେ ନିୟମିତ ବ୍ୟବଧାନରେ ଏହି ଘଟଣା ଘଟିଥିଲେ ହେଁ ତାହା ପ୍ରଚାରିତ ହୋଇ ନ ଥିଲା। ମାତ୍ର ମେଣ୍ଢାକୁ ମାରି ତା'ର କଲିଜା ଖାଇବା ଘଟଣା ଦିନକୁ ଦିନ ବୃଦ୍ଧି ପାଇ ଜୁନ୍ ତୃତୀୟ ସପ୍ତାହ ବେଳକୁ ଚର୍ଚ୍ଚିତ ହୋଇଥିଲା। ଇତିମଧ୍ୟରେ ରହସ୍ୟମୟ ଜନ୍ତୁଟି ନିଆଳି ଅଞ୍ଚଳର ପ୍ରାୟ ୨୦୦ ମେଣ୍ଢା ମାରିସାରିଛି। ଏକପକ୍ଷରେ ମେଣ୍ଢାଗୁଡ଼ିକ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ଅନ୍ତର୍ଗତ ହୋଇଥିବା ବେଳେ ମେଣ୍ଢା ମାରୁଥିବା ଜୀବଟି ଜଙ୍ଗଲ ଓ ପରିବେଶ ବିଭାଗର। ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଡ. ଦାମୋଦର ରାଉତ ଏହି ଘଟଣା ରାମଶିଆଳର କାର୍ଯ୍ୟ ହୋଇପାରେ ବୋଲି ଅନୁମାନ କରିଛନ୍ତି। କୌଣସି ଲୋମଶ ଜଙ୍ଗଲୀ ଜୀବ ଏହି ଘଣା ଘଟାଉଥାଇପାରେ ବୋଲି ଜଙ୍ଗଲ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କହିଛନ୍ତି। ତେଣୁ ତୁରନ୍ତ ଜୀବକୁ ଠାବ କରିବା ପାଇଁ ଶ୍ରୀ ରାଉତରାୟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନନ୍ଦନକାନନରୁ ଏକ ପ୍ରତିନିଧି ଦଳ ନିଆଳି ଗସ୍ତରେ ଯାଇଛନ୍ତି। ସେମାନେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ କିଛି ଜନ୍ତୁର ପାଦଚିହ୍ନ ଠାବ କରିଛନ୍ତି। ବନବିଭାଗ ପକ୍ଷରୁ ମଧ ଅଧିକ ଜନ୍ତା ଓ ସିସିଟିଭି ଲଗାଯାଇଛି। ଜନ୍ତୁଟିର ଶିକାର ଶୈଳୀରୁ ଏହା ରାମଶିଆଳ ବୋଲି ଅନୁମାନ କରାଯାଉଥିଲେ ହେଁ କେବଳ ମେଣ୍ଢାମାନଙ୍କୁ କାହିଁକି ମାରୁଛି, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସେହିପରି ଜନ୍ତୁକୁ ଧରିବା ପାଇଁ ବନବିଭାଗ ଓ ନନ୍ଦନକାନନ କର୍ତ୍ତୃପକ୍ଷ ମିଳିତ ଭାବେ ଉଦ୍ୟମ ଆରମ୍ଭ କରିଛନ୍ତି। ନିକଟରେ ଥିବା ଛୋଟ ଛୋଟ ଜଙ୍ଗଲ ଓ ବୁଦୁବୁଦିଆ ଅଞ୍ଚଳରେ ବାଣ ଫୁଟାଇ ଜନ୍ତୁକୁ ଧରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ତେବେ ଖବର ଲେଖାହେବା ସୁଦ୍ଧା ଜନ୍ତୁଟିକୁ ଧରାଯାଇ ପାରିନାହିଁ।

# ଭାବଭକ୍ତିର ଲୀଳା : ରଥଯାତ୍ରା

# ଚକେ ଗଢ଼ିଲେ ବାରହାତ




ବିଶ୍ୱରେ ଅନେକ ଜାତି ଓ ଧର୍ମ ରହିଛି। ସବୁ ଧର୍ମରେ ରହିଛି ଅନେକାନକ ଭାବ, ଭକ୍ତି ଓ ବିଶ୍ୱାସ। ମାତ୍ର ହିନ୍ଦୁ ଧର୍ମ ସବୁଠୁ ନିଆରା। ଅନ୍ୟସବୁ ଧର୍ମ ଅପେକ୍ଷା ଏହି ଧର୍ମରେ ରହିଛି ଅନନ୍ୟ ଭାବ, ବିଶ୍ୱାସ ଓ ଅଜବ ପରମ୍ପରା। ଆଉ ଓଡ଼ିଆମାନଙ୍କ କ୍ଷେତ୍ରରେ ଏହା ଆହୁରି ଅଧିକ। ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ମହାନ୍ ପରମ୍ପରା ଭିତରେ ୧୨ ମାସର ୧୩ ପର୍ବ ଅନେକଙ୍କୁ ଚକିତ କରିଥାଏ। ବିଶେଷକରି ରଥଯାତ୍ରା ସାରାବିଶ୍ୱକୁ କରି ଅଭିଭୂତ। ଏତେବଡ଼ ରଥ, ଏତେବଡ଼ ଦିଅଁ କେମିତି, କାହିଁକି ଓ କିପରି ଆସନ୍ତି ଭକ୍ତମେଳରେ ମାଉସୀ ମା' ଘରକୁ ତାହାକୁ ନେଇ ଅନେକଙ୍କ ମନରେ ଅନେକ ଜିଜ୍ଞାସା, ଅନେକ କୌତୁହଳ। ସେଥିପାଇଁ ତ କାଳିଆର ଏହି ବିଚିତ୍ର ଲୀଳା ଦେଖିବା ପାଇଁ, ତା' ବିଷୟରେ କିଛି ଜାଣିବା ପାଇଁ ସାତ ଦରିଆ ପାରି ହୋଇ ଅନେକ ଆଡ଼ଆକଟକୁ ଏଡ଼ାଇ ଯାଇ ବିଦେଶୀମାନେ ବି ଚଢ଼ିଯାଇଥାନ୍ତି ବାଇଶିପାହାଚ, ଆଉ ଛୁଇଁପକାନ୍ତି ରଥ ଦଉଡ଼ି। ଏମିତି କି ମାୟା ରହିଛି, କ'ଣ ରହସ୍ୟ ରହିଛି ଯେ ତାକୁ ଦେଖିବା ପାଇଁ ଲୋକେ ଏତେ ବ୍ୟଥିତ, ଏତେ ବ୍ୟାକୁଳ; ତାହା ସତରେ ରହସ୍ୟମୟ।

କୁହାଯାଏ ଯେ ଜଗନ୍ନାଥ ସଂସ୍କୃତିରେ ରଥ, ପଥ ଓ ଜଗନ୍ନାଥ; ସବୁକିଛି ରହସ୍ୟମୟ, ସବୁକିଛି ନିଆରା। ବିରାଟ ମନ୍ଦିର, ବିରାଟ ଠାକୁର, ବିରାଟ ରଥ ଆଉ ପୁଣି ବିରାଟ ପଥ; ସତରେ ସବୁକିଛି ଲାଗେ ରହସ୍ୟମୟ। ଏତେକାଳ ପୂର୍ବରୁ ବିଜ୍ଞାନର ବିନା ସହାୟତାରେ ଏତେବଡ଼ ମନ୍ଦିର କିଏ, କେମିତି ସତରେ ଗଢ଼ିଦେଲା ? ସତରେ କ'ଣ ସେତେବେଳେ ବିଜ୍ଞାନ ଥିଲା ? କେବଳ ସେତିକି ନୁହେଁ, ଯନ୍ତ୍ରୀମାନେ କ'ଣ ଏତେ ବିଜ୍ଞ ଥିଲେ ? ଯଦିଓ ଏ ନେଇ ଅନେକ କିମ୍ବଦନ୍ତୀ ରହିଛି, ତଥାପି ସେ ନେଇ ଆଜି ବି ବିସ୍ମୟ ଲାଗିରହିଛି। ରଥଯାତ୍ରା ଏମିତି ଏକ ପରମ୍ପରା, ଯାହାର ଅନ୍ୟନାମ ବିଚିତ୍ର ବିଶ୍ୱାସ କହିଲେ ବି ଅତ୍ୟୁକ୍ତି ହେବ ନାହିଁ। କ'ଣ ସେ ରଥରେ ଅଛି, କାହିଁକି ଲକ୍ଷାଧିକ ଲୋକେ ଏକାକାର ହୁଅନ୍ତି, ତାହାକୁ ନେଇ ଏବେ ବି ଲାଗିରହିଛି ବିଚିତ୍ରତା। ମହାପ୍ରଭୁଙ୍କ ମନ୍ଦିର ଓ ରଥକୁ ନେଇ ଲୁଚିରହିଛି ଅନେକ ବିଚିତ୍ରତା। କୁହାଯାଏ ଯେ ଏତେବଡ଼ ମନ୍ଦିର ହେଲେ ବି କେହି କେବେ ଏହାର ଛାଇ ଦେଖିନାହାନ୍ତି। ସେହିପରି ମହାପ୍ରଭୁଙ୍କର ଗମ୍ଭୀରା ଭିତରେ ରହିଛି ଅନେକ ରୌପ୍ୟ, ସ୍ୱର୍ଣ୍ଣ ଓ ହୀରାର ଅଳଙ୍କାର। ମାତ୍ର ଏସବୁକୁ ଆଜିପର୍ଯ୍ୟନ୍ତ କେହି ଚୋରି କରିବାକୁ ସାହାସ କରିନାହାନ୍ତି। କେହି କେହି ସେବକ କୁହନ୍ତି ଯେ ଏହି ଅଳଙ୍କାରସବୁକୁ ବିରାଟ ବିରାଟ ସାପସବୁ ଜଗି ରହିଛନ୍ତି। ତେବେ ଜଗନ୍ନାଥଙ୍କର ସୁନାବେଶ ଦିନ ସେବକମାନେ ସେସବୁ ଅଳଙ୍କାରକୁ ଗମ୍ଭୀରା ଭିତରୁ କାଢ଼ି ଆଣନ୍ତି, ମାତ୍ର ସାପମାନେ ତାଙ୍କର କିଛି ବି କ୍ଷତି କରନ୍ତି ନାହିଁ। ସତରେ ଏସବୁ କେତେ ବିଚିତ୍ର !

ମହାପ୍ରଭୁଙ୍କର ଅବଢ଼ାକୁ ନେଇ ବି ରହିଛି ଅନେକ ବିଶ୍ୱାସ। ଆଦିମ କାଳରୁ ଅବଢ଼ା ତିଆରି ହୋଇ ଭକ୍ତଙ୍କ ପାଇଁ ଯୋଗାଇ ଦିଆଯାଉଥିଲେ ହେଁ ଆଜି ପର୍ଯ୍ୟନ୍ତ ଅବଢ଼ାକୁ ଆଧୁନିକତା ସ୍ପର୍ଶ କରିପାରି ନାହିଁ। ଅବଢ଼ାରେ କେବଳ ଦେଶୀ ପନିପରିବା ପଡ଼ିଥାଏ। ଇଂରେଜମାନେ ଦେଶକୁ ପ୍ରାୟ ୨୦୦ ବର୍ଷ ଶାସନ କରିଥିଲେ। ବଳପୂର୍ବକ ଆମ ଦେଶର ଅନେକ ପ୍ରଥା ପରମ୍ପରା ବଦଳାଇ ଦେଇଥିଲେ ମଧ୍ୟ ଜଗନ୍ନାଥ ମନ୍ଦିରର ଏହି ପରମ୍ପରା କେମିତି ବଦଳାଇ ପାରିଲେନି ତାହା ଆଶ୍ଚର୍ଯ୍ୟଜନକ। ଆଜି ପର୍ଯ୍ୟନ୍ତ ଏଥିରେ ବିଦେଶୀ ପନିପରିବା ଯଥା- ବିଲାତି ବାଇଗଣ (ଟମାଟୋ), ବିଲାତି ଆଳୁ ଆଦି ପଡ଼େନାହିଁ। ଆଉ ସମ୍ପୂର୍ଣ୍ଣ ଦେଶୀ ପନିପରିବା, ଦେଶୀ ପ୍ରଣାଳୀରେ ରୋଷେଇ ହେଉଥିବାରୁ ଏହାର ସ୍ୱାଦ ପୂର୍ବବତ୍ ଅକ୍ଷୁର୍ଣ୍ଣ ରହିଛି। ସେଥିପାଇଁ ଏହି ଅବଢ଼ା ଟିକିଏ ପାଇବା ପାଇଁ ଦେଶବିଦେଶରୁ ଭକ୍ତମାନେ ପାଗଳପ୍ରାୟ। ସତରେ କେତେ ବିଚିତ୍ର ଏ ଲୀଳା, କେତେ ବିଚିତ୍ର ଏସବୁ ରହସ୍ୟ। ବଢ଼ାଯାଉ ନ ଥିବାରୁ ଏହାର ନାମ ଅବଢ଼ା ରଖାଯାଇଛି। କୁଡୁଆରୁ ସିଧା କଦଳିପତ୍ରକୁ ଢଳାଯାଇ ଆନନ୍ଦବଜାରରେ ଖିଆଯାଏ ଏହି ଅବଢ଼ା ବା ମହାପ୍ରସାଦ। ମହାପ୍ରସାଦ ବିଶ୍ୱର ସବୁଠୁ ବଡ଼ ପ୍ରସାଦ ଆଉ ଆନନ୍ଦ ବଜାର ସବୁଠୁ ବଡ଼ ପ୍ରସାଦ ବଜାର ଏବଂ ମହାପ୍ରସାଦ ରୋଷେଇ ହେଉଥିବା ସ୍ଥାନ ବିଶ୍ୱର ସବୁଠୁ ବଡ଼ ରୋଷେଇଶାଳ ବୋଲି କୁହାଯାଇଥାଏ।



ରଥଯାତ୍ରା ମଧ୍ୟ ବିଚିତ୍ରମୟ। ବିଚିତ୍ରରେ ଭରି ରହିଛି ରଥ ଓ ରଥଯାତ୍ରା। ରଥ ନିର୍ମାଣରେ ସ୍କେଲ କିମ୍ବା ଫିତାର ପ୍ରଚଳନ ନାହିଁ। କେବଳ ଦଉଡ଼ି କିମ୍ବା ସୁତା ପକାଇ କାରିଗରମାନେ ମାପ କରି ଏତେବଡ଼ ରଥ ନିର୍ମାଣ କରିଥାନ୍ତି। ଯାହାକୁ ନେଇ ଲାଗିରହିଛି ଅନେକ ବିଚିତ୍ର। ସ୍କେଲ କିମ୍ବା ମାପଫିତାର ବିନା ସହାୟତାରେ କିଭଳି ପ୍ରତିବର୍ଷ ସେହି ଏକା ମାପର ରଥ ନର୍ମାଣ ହୋଇଥାଏ, ତାହାକୁ ନେଇ ଅନେକେ ଆଶ୍ଚର୍ଯ୍ୟ ପ୍ରକଟ କରିଥାନ୍ତି। ସତରେ ଏସବୁ କ'ଣ କମ୍ ବିସ୍ମୟକର ! ଆଧୁନିକ ଯୁଗରେ ଯେଉଁଠି ନାନାପ୍ରକାର ଇଞ୍ଜିନିୟର ବିଭିନ୍ନ ପ୍ରକାର ଟେକ୍ନୋଲୋଜି ବ୍ୟବହାର କରି ବି ଅନେକ ସମୟରେ ନାନା ପ୍ରୋଜେକ୍ଟ ବିଫଳ ହୋଇଥାଏ ବା ଭାଙ୍ଗିଯାଇଥାଏ, ସେହି ସମୟରେ ପୁରୁଣା ଜ୍ଞାନକୌଶଳରେ କିଭଳି ଏତେବଡ଼ ରଥ ନିର୍ମାଣ କରାଯାଏ, ତା'ଭିତରେ ପୁଣି ଶହ ଶହ ପଣ୍ଡାମାନେ ବସିଥାନ୍ତି; ଏସବୁ ସତରେ ଆଶ୍ଚର୍ଯ୍ୟୋଜନକ !





କୁହାଯାଏ ନୀଳଚକ୍ରରେ ଲାଗିଥିବା ବାନା ଛିଣ୍ଡିଗଲେ ଅନେକ ଅଶୁଭ ସଂକେତ ଦେଖାଦିଏ। ନୀଳଚକ୍ରର ବାନା ଛିଣ୍ଡିଲେ ଦେଶର କେଉଁ ଜଣେ ମହାପୁରୁଷଙ୍କ ଦେହାନ୍ତ ହୁଏ ବା ଦେଶ ପ୍ରତି କିଛି ବିପଦ ସୃଷ୍ଟି ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ନୀଳଚକ୍ର ଉପରେ ଲାଗିଥିବା ବାଉଁଶରେ ଲାଗିଥିବା ବାନା ବ୍ୟତୀତ ନୀଳଚକ୍ରରେ ଆଉ ଦୁଇଟି ବାନା ଲାଗିଥାଏ। ଏହାଦ୍ୱାରା ଗୋଟିଏ ବାନା ଛିଣ୍ଡିଗଲେ ଆଉ ଦୁଇଟି ବାନା ଅକ୍ଷୁର୍ଣ୍ଣ ରହି ଦେଶକୁ ବିପଦମୁକ୍ତ କରିଥାଏ ବୋଲି ବିଶ୍ୱାସ ରହିଛି। ତେବେ ସତରେ କ'ଣ ଏହି ବାନା ଯୋଗୁଁ ଦେଶ ବିପଦମୁକ୍ତ ହୋଇପାରେ ? ଦେଶର ବିପଦ ସହିତ ଏହି ବାନାର କି ସମ୍ପର୍କ ରହିଛି, ସେ ନେଇ ଅନେକେ ଭିନ୍ନ ଭିନ୍ନ ମତ ଦେଇଥାନ୍ତି। ଏଭଳି ବିଶ୍ୱାସ ସତରେ ଆଶ୍ଚର୍ଯ୍ୟଜନକ। ଏହି ବାନାକୁ ବାନ୍ଧିବା ପାଇଁ ସେବାୟତମାନେ ଯେଭଳି ଭାବେ ଏତେବଡ଼ ମନ୍ଦିର ଚଢ଼ନ୍ତି, ତାହା ଆଶ୍ଚର୍ଯ୍ୟଜନକ। ମନ୍ଦିରର କାନ୍ଥରେ ଦୁଇହାତ ଓ ଗୋଡ଼ ସାହାଯ୍ୟରେ ବିନା ଯନ୍ତ୍ର ସହାୟତାରେ ପଛୁଆ ଚଢ଼ିଥାନ୍ତି ସେବାୟତ।



ରଥଯାତ୍ରାକୁ ନେଇ ଆଉ ଏକ ଆଶ୍ଚର୍ଯ୍ୟ ହେଉଛି ରଥର ଚକ। କୁହାଯାଏ ଯେ 'ଚକେ ଗଢ଼ିଲେ ବାରହାତ'। ପୂରାତନ କାଳରେ 'ଚକେ' ଅର୍ଥାତ୍ ଚାରି ଆଙ୍ଗୁଳି। ତେବେ ଚକେ ଗଢ଼ିଲେ ବାରହାତ କେମିତି ହୁଏ, ସେ ନେଇ ଅନେକ ବିସ୍ମୟ ଲାଗିରହିଛି। କିନ୍ତୁ ପ୍ରକୃତରେ ଏହା ସେତେବେଳର ଏକ ଟେକ୍ନିକାଲ ବାକ୍ୟ ଥିଲା। ପ୍ରକୃତରେ 'ଚକେ'ର ଦୁଇଟି ଅର୍ଥ ରହିଛି। ଗୋଟିଏ 'ଚକେ'ର ଅର୍ଥ ୪ ଆଙ୍ଗୁଳି ହୋଇଥିବା ବେଳେ ଆଉ ଗୋଟିଏ 'ଚକେ'ର ଅର୍ଥ ହେଉଛି ଚକାଏ ଅର୍ଥାତ୍ ଗୋଟିଏ ଚକ। ପୂର୍ଣ୍ଣଅର୍ଥରେ କହିଲେ ଚକଟି ଥରେ ବୁଲିଲେ ବାରହାତ ଗଢ଼ିଥାଏ। ଏଠାରେ ସ୍ୱତଃ ପ୍ରଶ୍ନ ଆସେ ଯେ ଯେତେବେଳେ ସ୍କେଲ କି ମାପଫିତା ବ୍ୟବହାର ହୁଏନି, ସେତେବେଳେ ସେଇ ଏକାମାପର ଚକ କିଭଳି ନିର୍ମାଣ ହୁଏ ଯେ ପ୍ରତିଥର ଚକେ ଗଢ଼ିଲେ ବାରହାତ ଯାଏ। ସତରେ କେତେ ବିଚିତ୍ରମୟ ଏସବୁ !

କେବଳ ସେତକି ନୁହେଁ, ରଥ ଯାତ୍ରା ବେଳେ ମହାଲକ୍ଷ୍ମୀଙ୍କ ଲୀଳାରେ ରହିଛି ଅନେକ ବିଚିତ୍ର। କିମ୍ବଦନ୍ତୀ ରହିଛି ଯେ ଭାଇ, ଭଉଣୀଙ୍କୁ ଧରି ରଥଯାତରେ ଯାଇଥିବା ମହାପ୍ରଭୁ ଜଗନ୍ନାଥ ମହାଲକ୍ଷ୍ମୀଙ୍କୁ ସାଥୀରେ ନେବାକୁ ଭୁଲିଯାଇଥିବାରୁ ମହାଲକ୍ଷ୍ମୀ ରୋଷ କରିଥାନ୍ତି। ଆଉ ହେରାପଞ୍ଚମୀ ଦିନ ଅଭିମାନିନୀ ମହାଲକ୍ଷ୍ମୀ ହେରାଗୋହିରୀ ସାହି ପଟେ ଆସି ଶରଧାବାଲିରେ ଥିବା ମହାପ୍ରଭୁଙ୍କ ନନ୍ଦିଘୋଷର କାଠଟିଏ ଭାଙ୍ଗିଦେଇଥାନ୍ତି। ଉଦ୍ଦେଶ୍ୟ ଥାଏ ଯେ ଏହି ନନ୍ଦିଘୋଷ ହିଁ ମହାପ୍ରଭୁଙ୍କୁ ଗୁଣ୍ଡିଚା ମନ୍ଦିରକୁ ନେଇ ଆସିଥିଲା। ତେଣୁ ରାଗରେ ତା'ର କାଠ ଭାଙ୍ଗିଦିଅନ୍ତି। ତେବେ ଦେବତାମନଙ୍କର କ'ଣ ମଣିଷ ଭଳି ରାଗ, ରୋଷ, ଈର୍ଷାନ୍ୱିତ ଗୁଣ ସବୁ ରହିଥାଏ ? ଏସବୁ ପରମ୍ପରା ମଣିଷକୁ କି ବାର୍ତ୍ତା ଦେଇଥାଏ ? ଏସବୁ ନେଇ ବି ଲାଗିରହିଛି ଅନେକ ବିଚିତ୍ରତା।



ସେହିପରି ବାହୁଡ଼ାରେ ଫେରିବା ପରଦିନ ମହାପ୍ରଭୁ ସୁନାବେଶରେ ଭକ୍ତକୁ ଦର୍ଶନ ଦିଅନ୍ତି। ମହଣ ମହଣ ସୁନାର ଅଳଙ୍କାର ପିନ୍ଧି ସେ ଭକ୍ତଙ୍କ ମେଳରେ ଦର୍ଶନ ଦେଇଥାନ୍ତି। ଭକ୍ତ ଓ ଭଗବାନ ହୋଇଥାନ୍ତି ଏକାକାର।





ପୁଣି ବାହୁଡ଼ା ଦଶମୀ ମହାପ୍ରଭୁ ଫେରିବା ପରେ ଆଡ଼ପମଣ୍ଡପରେ ରହି ମହାଲକ୍ଷ୍ମୀ ଜଗନ୍ନାଥଙ୍କୁ ଦର୍ଶନ କରିଥାନ୍ତି। କୁହାଯାଏ ଯେ ୯ ଦିନ ଧରି ମହାପ୍ରଭୁ ଦେବୀଙ୍କଠାରୁ ଦୂରରେ ଥିବାରୁ ଦେବୀ ତାଙ୍କ ବିହୁନେ ବ୍ୟାକୁଳ ହୋଇଉଠିଥାନ୍ତି। ଆଉ ମହାପ୍ରଭୁଙ୍କ ଫେରିବା ଖବର ଶୁଣି ଆଡ଼ପ ମଣ୍ଡପରେ ବିଜେ କରି ମହାପ୍ରଭୁଙ୍କ ଦର୍ଶନ କରି କୃତକୃତ୍ୟ ହୋଇଥାନ୍ତି। ଏସବୁ ଜଣେ ସାଧାରଣ ମହିଳାଙ୍କ କ୍ଷେତ୍ରରେ ବି ପରିଲକ୍ଷିତ ହୋଇଥାଏ। ତେବେ ଏସବୁ ପରମ୍ପରା ସାଧାରଣ ଲୋକଙ୍କ ପାଇଁ କି ବାର୍ତ୍ତା ବହନ କରେ, ତାକୁ ନେଇ ଅନେକ ବିସ୍ମୟ ଲାଗିରହିଛି।



ପରଦିନ ହୁଏ ନୀଳାଦ୍ରିବିଜେ। ନୀଳାଦ୍ରିବିଜେ ସମୟରେ ବି ମହାପ୍ରଭୁଙ୍କର ଅନେକ ଲୀଳା ରହିଛି, ଯାହା ସାଧାରଣ ଭକ୍ତକୁ ଅଭିଭୂତ କରିଥାଏ। ରଥକାଠ ଭଙ୍ଗା ଦେଖି ମହାପ୍ରଭୁ ଜାଣିଥାନ୍ତି ଯେ ମହାଲକ୍ଷ୍ମୀ ମାନ କରିଛନ୍ତି। ଆଉ ମାନଭଞ୍ଜନ ପାଇଁ ସାଙ୍ଗରେ ଆଣିଥାନ୍ତି ରସଗୋଲା। ମାତ୍ର ରସଗୋଲା ଖାଇବା ପୂର୍ବରୁ ମା' ଲକ୍ଷ୍ମୀ-ପ୍ରଭୁଙ୍କ ମଧ୍ୟରେ ହୋଇଥାଏ ବାକ୍ୟ ବିନିମୟ। ଏହାକୁ କୁହାଯାଏ ଲକ୍ଷ୍ମୀ-ନାରାୟଣ କଳି। ସତରେ କ'ଣ ଦେବତାମାନେ ପରସ୍ପର କଳି କରିଥାନ୍ତି ? ରଥଯାତ୍ରାକୁ ନେଇ ଏମିତି ଅନେକ ବିସ୍ମୟ ଲାଗିରହିଛି। ଯାହା ଆଜି ବି ଅସମାହିତ।

ଏକମାତ୍ର
ଅନୁସନ୍ଧାନ ପରେ ଖବର
Bhubaneswar, 3rd - 9th July, 2017
ଭୁବନେଶ୍ୱର, ୦୩ -୦୯ ଜୁଲାଇ, ୨୦୧୭






ଭୁବନେଶ୍ୱର : ମାସ୍କଟ 'ଓଲି' ସହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ

### ଏସିଆନ୍ ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍

# ଭାରତୀୟ ଦଳରେ ୫ ଓଡ଼ିଆ

**ଭୁବନେଶ୍ୱର :** କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ୨୨ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନ୍‌ସିପ ଲାଗି ୯୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ୫ ଜଣ ଓଡ଼ିଆ ଅମିୟ ମଲ୍ଲିକ, ଦୂତି ଚାନ୍ଦ, ଶ୍ରାବଣୀ ନନ୍ଦ, ଜଉନା ମୁର୍ମୁ ଓ ପୂର୍ଣ୍ଣିମା ହେମ୍ବ୍ରମ୍ ସ୍ଥାନ ପାଇଛନ୍ତି। ଏହି ମହାକୁମ୍ଭରେ ଏସିଆ ମହାଦେଶର ୪୫ଟି ଦେଶ ଅଂଶଗ୍ରହଣ କରୁଛନ୍ତି। ଭାରତ ତୃତୀୟ ଥର ଲାଗି ଏହି ମେଗା ଇଭେଣ୍ଟର ଆୟୋଜନ କରୁଥିବାବେଳେ ଓଡ଼ିଶାରେ ଏହା ପ୍ରଥମ। ପୂର୍ବରୁ ୧୯୮୯ ମସିହାରେ ନୂଆଦିଲ୍ଲୀ ଓ ୨୦୧୩ରେ ପୁନେଠାରେ ଏହି କ୍ରୀଡ଼ା ମହାକୁମ୍ଭ ସଫଳତାର ସହ ଆୟୋଜନ କରାଯାଇଥିଲା। ସୂଚନାଯୋଗ୍ୟରେ ୪୫ଟି ଦଳ ମଧ୍ୟରୁ ଭାରତୀୟ ଦଳରେ ସର୍ବାଧିକ ପ୍ରତିଯୋଗୀ ସ୍ଥାନ ପାଇଛନ୍ତି। ଜୁଲାଇ ୬ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଏହି ମହାକୁମ୍ଭ ଅନୁଷ୍ଠିତ ହେବ। ତେବେ ଶେଷ ମୁହୂର୍ତ୍ତରେ ତୁର୍କମେନିସ୍ତାନ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ ନାହିଁ ବୋଲି ଜଣାପଡ଼ିଛି। ସେହିପରି ଭିସା ସମସ୍ୟାକୁ ନେଇ ପାକିସ୍ତାନ ମଧ୍ୟ ଆଶା ଆଶଙ୍କାରେ ରହିଛି।



### ଶ୍ରୀକ୍ରିଷ୍ଣ ଇଣ୍ଟରନ୍ୟାସନାଲ୍ ସ୍କୁଲର ସମ୍ବର୍ଦ୍ଧନା ଉତ୍ସବ

# ଗୁଣାତ୍ମକ ଶିକ୍ଷା ହିଁ ବିଦ୍ୟାଳୟର ମାନଦଣ୍ଡ




**ଭୁବନେଶ୍ୱର :** ଉନ୍ନତ ଭିତ୍ତିଭୂମି, ପ୍ରାଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଶୈକ୍ଷିକ ପରିବେଶ ଛାତ୍ରଛାତ୍ରୀଙ୍କୁ ଉତ୍ତମ ରୂପେ ଗଢ଼ିତୋଳିଥାଏ। ଫଳରେ ଛାତ୍ରାବସ୍ଥାରୁ ଉଚିତ୍ ଶିକ୍ଷାଲାଭ କରି ଦେଶ ବିକାଶରେ ନିଜର ଯୋଗଦାନ ସହିତ ଭବିଷ୍ୟତ ପିଢ଼ି ପାଇଁ ଉଦାହରଣ ସୃଷ୍ଟି କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟ ଗର୍ବ ଅନୁଭବ କରିଥାଏ। ତେଣୁ ଗୁଣାତ୍ମକ ଶିକ୍ଷା ହିଁ ବିଦ୍ୟାଳୟର ମାନଦଣ୍ଡ ବୋଲି ମଳିପଡା ସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ସମ୍ବର୍ଦ୍ଧନା ଉତ୍ସବକୁ ଉଦ୍‌ଘାଟନ କରି ଏହା କହିଛନ୍ତି ବିଦ୍ୟାଳୟର ଚେୟାରମ୍ୟାନ୍ ପବିତ୍ର କୁମାର ରାଉତରାଏ। ଚଳିତ ବର୍ଷ (୨୦୧୬-୧୭)ରେ ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିବାର ଗୌରବ ଅର୍ଜନ କରିଥିବାରୁ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସାଧୁବାଦ ଦେବା ସହ ଶ୍ରୀ ରାଉତରାୟ କହିଥିଲେ କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ଦ୍ୱାରା ବିଜ୍ଞାନଭିତ୍ତିକ ଶିକ୍ଷା ଆହରଣ କରିବା ସମ୍ଭବପର। ଯାହାକି ଉତ୍ତମ ଛାତ୍ରଛାତ୍ରୀଙ୍କ ପ୍ରଥମ ଲକ୍ଷଣ ହେବା ଉଚିତ୍। ଏହି ବିଦ୍ୟାଳୟର ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୦% ପରୀକ୍ଷାର୍ଥୀ ସିଜିପିଏ ୧୦ ରଖି ଏବଂ ଅବଶିଷ୍ଟ ଛାତ୍ରଛାତ୍ରୀ ୯.୨ ସିଜିପିଏରେ ଉତ୍ତୀର୍ଣ୍ଣ ହୋଇ ଓଡ଼ିଶାକୁ ଗୌରାବନ୍ୱିତ କରି ଏକ ବିରଳ ପରିଚୟ ସୃଷ୍ଟି କରିଛନ୍ତି। ଏହି ବୃହତ୍ତର ସଫଳତା ଛାତ୍ରଛାତ୍ରୀ ମାନଙ୍କର କଠିନ ଅଧ୍ୟବସାୟ, ସୁନ୍ଦର ପରିବେଶ, ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କର ମିଳିତ ଉଦ୍ୟମ, ଅଭିଭାବକ ମାନଙ୍କର ପ୍ରଚେଷ୍ଟା ଯୋଗୁଁ ସମ୍ଭବପର ହୋଇପାରିଛି ବୋଲି ସେ କହିଥିଲେ। ଆଜିର ଶିଶୁ ଆସନ୍ତାକାଲିର ନାଗରିକ, କ୍ରମବିକାଶର ଅଲଂଘ୍ୟ ଧାରାରେ ଦୃଷ୍ଟାନ୍ତ ମୂଳକ ସାମାଜିକ ବ୍ୟବସ୍ଥାରେ ଶିକ୍ଷକ ଓ ଛାତ୍ରଙ୍କର ସମ୍ପର୍କ କ'ଣ ହେବା ଉଚିତ ତାହାର ପରିକଳ୍ପନା କରିବା ସହ ଶ୍ରୀ ରାଉତରାୟ ଶିକ୍ଷାୟତନର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବା ସମ୍ପର୍କରେ ମତ ରଖିଥିଲେ। ଉଲ୍ଲେଖଯୋଗ୍ୟ, ୭ ଏକର ଜମିରେ ଏବଂ ଶାନ୍ତ ସ୍ନିଗ୍ଧ ପରିବେଶ ମଧ୍ୟରେ ଗଢ଼ିଉଠିଛି ଶ୍ରୀକ୍ରିଷ୍ଣ ଇଣ୍ଟରନ୍ୟାସନାଲ ସ୍କୁଲ। ଏଠାରେ ସାମାଜିକ ଓ ସଂଗଠାତ୍ମକ ଅଭିବୃଦ୍ଧି ପାଇଁ ବୌଦ୍ଧିକ ତଥା ଆଧ୍ୟାତ୍ମିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ ବିଶେଷ ପ୍ରାଧାନ୍ୟ ଦିଆଯାଇଥାଏ। ସାଧାରଣ ପାଠ୍ୟକ୍ରମ ବ୍ୟତୀତ ନିଜସ୍ୱ ସନ୍ତରଣାଗାର, ଅଶ୍ୱାରୋହଣ ଶିକ୍ଷା, ଯୋଗ, କରାଟେ, କ୍ରିକେଟ ପ୍ରଶିକ୍ଷଣ, ନୃତ୍ୟ, ସଙ୍ଗୀତ, କଳାଭିତ୍ତିକ, ଅନୁଶୀଳନୀକ ଭ୍ରମଣ ମାଧ୍ୟମରେ ଏଠାରେ ଶିକ୍ଷାଦାନ କରାଯାଇଥାଏ। ଏହି ଉତ୍ସବରେ ବହୁ ଅଭିଭାବକ ଯୋଗ ଦେଇ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସିବିଏସ୍‌ଇ ଦଶମ ଶ୍ରେଣୀର ସମସ୍ତ ପରୀକ୍ଷାର୍ଥୀ ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ବିଦ୍ୟାଳୟର ନିର୍ଦ୍ଦେଶକ ସ୍ୱରୂପାନନ୍ଦ ମିଶ୍ର, ଅଧ୍ୟକ୍ଷା ସ୍ମୃତିରେଖା ଷଡଙ୍ଗୀ, ଆଡମିନିଷ୍ଟ୍ରେଟର ଦେବାଶୀଷ ମହାନ୍ତି, ଉପାଧ୍ୟକ୍ଷ କବୀନ୍ଦ୍ର ଦାଶ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କନିକା କପୁରଙ୍କ ନାୟିକା ହେବାକୁ ଇଚ୍ଛା



ହ୍ରିତିକ ରୋଶନ-ପ୍ରିୟଙ୍କା ଚୋପ୍ରା ଷ୍ଟାରର 'ଅଗ୍ନିପଥ'ରେ ହ୍ରିତିକଙ୍କ ଭଉଣୀ ଶିକ୍ଷା ଚରିତ୍ରରେ ଅଭିନୟ କରିଥିବା କନିକା ତିୱାରୀ ଏବେ ବଡ଼ ହୋଇଗଲେଣି। ଅର୍ଥାତ୍ ତାଙ୍କୁ ଏବେ ୨୧ ବର୍ଷ। ସେ ଯେତେବେଳେ ମାତ୍ର ୧୫ ବର୍ଷର ଥିଲେ, ଅଗ୍ନିପଥରେ କାମ କରିଥିଲେ। ହେଲେ କିଛିଦିନ ତଳେ କନିକା ଏକ ଇଣ୍ଟରଭ୍ୟୁରେ କହିଥିଲେ ଯେ ତାଙ୍କର ପ୍ରେରଣା ହେଉଛନ୍ତି କଜିନ ଦିବ୍ୟଙ୍କା ତ୍ରିପାଠୀ। ଯେତେବେଳେ କନିକା ଅଗ୍ନିପଥ ଅଡିସନ ପାଇଁ ପ୍ରିପେୟାର ହେଉଥିଲେ ତ ତାଙ୍କ ପାଇଁ ପିଉସୀ ଧର୍ମା ପ୍ରଡକ୍ସନ ବିଷୟରେ ସମସ୍ତ ତଥ୍ୟ ବାହାର କରି ତାଙ୍କ ବାପାଙ୍କୁ କହିଥିଲେ। କାରଣ ତାଙ୍କ ବାପା-ମା'ଙ୍କର ମଧ୍ୟ ସ୍ୱପ୍ନ ଥିଲା ସେ ଜଣେ ବଡ଼ କଳାକାର ହୁଅନ୍ତୁ। ତେବେ ଅଡିସନରେ ତାଙ୍କୁ ଖୁସି ଏବଂ ଦୁଃଖ ଦୁଇଟି ପ୍ରକାରର ରୋଲ୍ କରିବାକୁ କୁହାଗଲା, ଯାହା ସେ ଖୁବ୍ ସୁନ୍ଦର ଭାବେ ଅଭିନୟ କଲେ ଏବଂ ତାଙ୍କୁ ସିଲେକ୍ସନ କରାଗଲା। କନିକାଙ୍କ ମା' ଜଣେ ବ୍ୟୁଟିସିଆନ୍। କନିକା ୨୦୧୪ରେ ତେଲଗୁ ଫିଲ୍ମ 'ବୟ ମିଟ୍ସ ଗର୍ଲ', କନ୍ନଡ ଫିଲ୍ମ ରଙ୍ଗନ ଷ୍ଟାଇଲ ଏବଂ ୨୦୧୫ରେ ତାମିଲ ଫିଲ୍ମ 'ଅବି କୁମାର'ରେ କାମ କରିସାରିଥିଲେ ହେଁ ତାଙ୍କର ଇଚ୍ଛା ବଲିଉଡରେ ହିରୋଇନ ହେବେ।

# ପୁଣି ଏକାଠି ହେବେ ଶାହରୁଖ୍-ସଲମାନ



ସଲମାନ ଖାନ୍ ଓ ଶାହରୁଖ ଖାନ୍‌ଙ୍କୁ ଏକାଠି ଦେଖିବା ପାଇଁ ବଲିଉଡର ଦର୍ଶକମାନେ ସବୁବେଳେ ଆଗ୍ରହୀ ଥାଆନ୍ତି। ନିକଟରେ ସଲମାନ ଖାନ୍‌ଙ୍କ ଟ୍ୟୁବ୍‌ଲାଇଟ୍‌ରେ ଦୁହେଁ ଏକାଠି ନଜରକୁ ଆସିଥିଲେ। ସଲମାନ୍ ଖାନ୍ ଏହି ସିନେମାରେ ମୁଖ୍ୟ ଚରିତ୍ରରେ ଅଭିନୟ କରୁଥିବା ବେଳେ ଶାହରୁଖ୍ ଖାନ୍ ଅତିଥି କଳାକାର ଭାବେ ଦେଖାଦେଇଥିଲେ। ଶୁଣିବାକୁ ମିଳୁଛି ଯେ ଆଗକୁ ପୁଣିଏକ ସିନେମାରେ ଦୁହେଁ ଏକାଠି ନଜରକୁ ଆସିବେ, ଯେଉଁଥିରେ ସଲମାନ୍ ଖାନ୍ ଅତିଥି କଳାକାର ଭାବେ ନଜରକୁ ଆସିବେ। ନିର୍ଦ୍ଦେଶକ ଆନନ୍ଦ ଏଲ୍. ଶର୍ମା ଆଗାମୀ ଫିଲ୍ମରେ ଶାହରୁଖ ଜଣେ ବାମନ ଚରିତ୍ରରେ ଆସୁଥିବା ବେଳେ ଏହି ସିନେମାରେ ଅନୁଷ୍କା ଶର୍ମା ଓ କ୍ୟାଟ୍ରିନା କୈଫ୍ ନାୟିକା ଚରିତ୍ରରେ ରହିବେ। ଅବଶ୍ୟ ସିନେମାଟିର ନାମକରଣ ହୋଇନାହିଁ। ତେବେ ଶାହରୁଖ୍-ସଲମାନ୍ ଏକାଠି ଆସୁଥିବା ଜଣାପଡ଼ିବା ପରେ ବଲିଉଡ ଦର୍ଶକଙ୍କ ମଧ୍ୟରେ ପୁଣି ଉତ୍କଣ୍ଠା ବଢ଼ିଯାଇଛି।

**ଆବଶ୍ୟକ**

ଓଡ଼ିଆ ଖବର କାଗଜରେ ସାମ୍ବାଦିକତା ପ୍ରତି ପ୍ରତିବଦ୍ଧତା ଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କୁ 'ଏକମାତ୍ର' ଆହ୍ୱାନ କରୁଛି। ଓଡ଼ିଶାର ସମସ୍ତ ଅଞ୍ଚଳରେ ଯଥା - ଜିଲ୍ଲା, ଜିଲ୍ଲା ପ୍ରତିନିଧି, ସଦର ମହକୁମା ପ୍ରତିନିଧି ଏବଂ ବ୍ଲକସ୍ତରୀୟ ପ୍ରତିନିଧି ବାଛିବାକୁ ସୁଯୋଗ ସୃଷ୍ଟି କରିଛି। ଏଥିପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ ନିଜର ଶିକ୍ଷାଗତ ଯୋଗ୍ୟତା, ବୃତ୍ତିଗତ ଦକ୍ଷତା ଏବଂ କାର୍ଯ୍ୟ କରିବାର ପରିସର ସମ୍ପର୍କରେ ଆମକୁ ଜଣାନ୍ତୁ। ଏଥିସହିତ 'ଏକମାତ୍ର' ବିକ୍ରୟ କରିବା ପାଇଁ ମଧ୍ୟ ପ୍ରତିନିଧି ଆବଶ୍ୟକ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଯୋଗାଯୋଗ କରିବାର ଠିକଣା
ଏଚ୍‌ଆଇଜି-୧୩୭, ଧର୍ମ ବିହାର, ଖଣ୍ଡଗିରି, ଭୁବନେଶ୍ୱର - ୩୦
ଦୂରଭାଷ - ୭୦୦୮୫୬୭୯୮୯ / ୯୩୩୮୩୩୭୦୯୮ / ୯୩୩୮୨୨୫୯୩୦
E-mail : editor@ekamaatra.com / ekamaatra@gmail.com
www.ekamaatra.com




ଜୟଦେବ ଭବନରେ 'ଇଟିକିଲି ମିଟିକିଲି'ର ଦ୍ୱାବିଂଶତମ ବାର୍ଷିକ ଉତ୍ସବ ଅବସରରେ କୁନି ପ୍ରତିଭାଙ୍କ ନୃତ୍ୟ ପରିବେଷଣ




Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର**
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**